‘ବ୍ୟଙ୍ଗ
ପ୍ରମାଦ’



ବରଷକେ ଥରେ ଆସିଛି ରଜ
ବନସ୍ତେ ଡାକୁନି ଗଜ
ବଜାର ହାଟରେ ଭିଡ଼ ଜମିଛି ଲୋ
ରଜରେ ହେବେ ସବୁ ସଜବାଜ
ମହାବାତ୍ୟା ଠାରୁ ଫନିବାତ୍ୟାରେ
ବଡ଼ ଗଛ ଗଲେ ଟଳି
ବିକାଶ ନାମରେ ବିନାଶ କରୁଛ
କେଉଁଠି ଖେଳିବ ଦୋଳି



# ଜନବାର୍ତ୍ତା

**ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର**

(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 | ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ | Weekly (ସାପ୍ତାହିକ)



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |

www.janabartta.com



VOL-1 | ISSUE-17 | BHUBANESWAR | 14 Jun to 20 Jun, 2026 | Rs–8/- | ବର୍ଷ–୧ | ସଂଖ୍ୟା–୧୭ | ଭୁବନେଶ୍ୱର | ୧୪ଜୁନ୍ ରୁ ୨୦ ଜୁନ୍, ୨୦୨୬ | ପୃଷ୍ଠା–୮ | ମୂଲ୍ୟ–୮ଟଙ୍କା


## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଗତ ସପ୍ତାହରେ ଆମେ ଆଲୋଚନା କରିଥିଲେ କେଉଁ ଉପାୟରେ ଓଡ଼ିଶାରେ ଗଢ଼ି ଉଠିଥିବା ବୃହତ ଶିଳ୍ପଗୁଡ଼ିକୁ ବ୍ୟବହାର କରି କ୍ଷୁଦ୍ର ଶିଳ୍ପପୁଞ୍ଜ ପ୍ରତିଷ୍ଠା କରାଯାଇପାରିବ । ଉଦାହରଣ ସ୍ୱରୂପ ରାଉରକେଲା, ଝାରସୁଗୁଡ଼ା ଓ କଳିଙ୍ଗନଗରରେ ଇସ୍ପାତ ଭିତ୍ତିକ କ୍ଷୁଦ୍ରଶିଳ୍ପ, ଯଥା ଘର ତିଆରିରେ ଲାଗୁଥିବା ଉପକରଣ କଣ୍ଟା, କବଜା, ତାର ଆଦି ତିଆରି କରୁଥିବା ଶହେଟି ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ । ସେହିପରି ଭାବରେ ଲୁହାରେ ତିଆରି ବିଭିନ୍ନ କୃଷି ଉପକରଣ ଯଥା ଛୁରୀ, କାତି, ଦା, ଲଙ୍ଗଳ, ଶାବଳ, ଇତ୍ୟାଦି ଶହ ଶହ ସଂଖ୍ୟାରେ ପ୍ରତିଷ୍ଠା କରାଯାଇପାରିବ, କୃଷି କ୍ଷେତ୍ରରେ ବ୍ୟବହାର କରାଯାଉଥିବା ଯନ୍ତ୍ର ମଧ୍ୟ ନିର୍ମାଣ କରାଯାଇପାରିବ । କଳିଙ୍ଗ ନଗରଠାରେ ବର୍ତ୍ତମାନ ଷ୍ଟେନ୍‌ଲେସ ଷ୍ଟିଲ ତିଆରି କାରଖାନା ପ୍ରତିଷ୍ଠିତ ହୋଇ ସାରିଲାଣି । ତାହାକୁ ବ୍ୟବହାର କରି ଘର ତିଆରି ସରଞ୍ଜାମ, ଘରକରଣା ସାମଗ୍ରୀ, ବାସନ ଆଦି ଅନେକ ଦ୍ରବ୍ୟ କ୍ଷୁଦ୍ରଶିଳ୍ପ ଦ୍ୱାରା ପ୍ରସ୍ତୁତ ହୋଇପାରିବ। ଝାରସୁଗୁଡ଼ା-ସମ୍ବଲପୁର ଅଞ୍ଚଳରେ ବର୍ତ୍ତମାନ ଆଲୁମିନିୟମ ଚାଦର ତିଆରି ହେଲାଣି । ତାକୁ ବ୍ୟବହାର କରି ଘର ତିଆରିରେ ଆବଶ୍ୟକ ହେଉଥିବା ଝରକା, କବାଟ ଆଦି ଅନେକ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ । ପୁନର୍ବାର କହି ରଖେ ଯେ, ଉପରବର୍ଣ୍ଣିତ ଶିଳ୍ପ ଗୁଡ଼ିକ ଏକ ପୁଞ୍ଜ ଭାବରେ ଗଢ଼ି ଉଠିଲେ ହିଁ ତାହା କ୍ରେତାମାନଙ୍କୁ ଆକର୍ଷିତ କରିପାରିବ । କାଁ ଭାଁ ଗୋଟିଏ ଅଧେ କାରଖାନା ବସିଲେ ସେଠାକୁ କେହି ଯିବାକୁ ପସନ୍ଦ କରିବେ ନାହିଁ । ପଞ୍ଜାବ ବା ଗୁଜରାଟ ଭଳି ପ୍ରଦେଶ ବା ଚାଇନା, ତାଇୱାନ ଭଳି ଦେଶର କ୍ଷୁଦ୍ରଶିଳ୍ପ ଗୁଡ଼ିକର ବିକାଶ ଏହି ଭଳି ଭାବରେ ସମ୍ଭବପର ହୋଇପାରିଛି ।



**ବିଜୟ କୁମାର ପଟ୍ଟନାୟକ**

ଅଣୁ ତଥା କ୍ଷୁଦ୍ରଶିଳ୍ପ ବିଷୟରେ ଆଲୋଚନା କଲାବେଳେ ଆଉ ଏକ ବିଷୟ ପ୍ରତି ଧ୍ୟାନ ଦିଆଯିବା ଉଚିତ । ତାହା ହେଉଛି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ । ଓଡ଼ିଶା ହେଉଛି ଏକ କୃଷିପ୍ରଧାନ ରାଜ୍ୟ । ଧାନ ଏଠାକାର ମୁଖ୍ୟ ଫସଲ । କିନ୍ତୁ ଧାନ ଉତ୍ପାଦନ କରି ସଙ୍ଗେ ସଙ୍ଗେ ବିକ୍ରି କରିଦେବା ବ୍ୟତୀତ ଚାଷୀ ଅନ୍ୟ କିଛି ଚିନ୍ତା କରେ ନାହିଁ । ଧାନକୁ ବ୍ୟବହାର କରି କେତେକ ଚାଉଳ କଳ ଗଢ଼ି ଉଠିଛି । କିନ୍ତୁ ସେଗୁଡ଼ିକ ଚାଷୀମାନଙ୍କ ମାଲିକାନାରେ ନାହିଁ । ଅଧିକାଂଶ ମିଲର ହେଉଛନ୍ତି ବ୍ୟବସାୟୀ, ଚାଷୀ ନୁହନ୍ତି । ଏକ ସମୟରେ ସମବାୟ ଭିତ୍ତିରେ କେତେକ ଚାଉଳ କଳ ପ୍ରତିଷ୍ଠା କରାଯାଇଥିଲା । ଆଶା ଥିଲା ଯେ, ଏହି ଚାଉଳ କଳର ମାଲିକାନା ଚାଷୀମାନଙ୍କ ହାତରେ ରହିବ । କିନ୍ତୁ ପରିଚାଳନାଗତ ବିଭ୍ରାଟ ଯୋଗୁଁ ସେଗୁଡ଼ିକ ବନ୍ଦ ହୋଇଗଲା । ଯଦି ଧାନ ସ୍ଥାନରେ ବିକଳ୍ପ ଚାଷ କରାଯାଇ ତାହାର ପ୍ରକ୍ରିୟାକରଣ କରାଯାନ୍ତା, ତେବେ ସେଥିରେ ଅନେକ ଯୁବକ ଯୁବତୀ, ବିଶେଷ କରି ଶିକ୍ଷିତ ବର୍ଗର ବ୍ୟକ୍ତିମାନେ, ଅନେକ ସଂଖ୍ୟାରେ ନିଯୁକ୍ତି ପାଆନ୍ତେ। ଓଡ଼ିଶାରେ କେଉଁ କେଉଁ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ ସମ୍ଭବ ତାହାର କିଛିଟା ନମୁନା ନିମ୍ନରେ ପ୍ରଦତ୍ତ ହେଲା ।

ଓଡ଼ିଶାର ନବରଙ୍ଗପୁର ଜିଲ୍ଲାରେ ଶହ ଶହ ଟନ୍ ମକା ଉତ୍ପାଦିତ ହୁଏ । କିନ୍ତୁ ମକାକୁ ବ୍ୟବହାର କରି ମୂଲ୍ୟଯୁକ୍ତ ଶିଳ୍ପ ଏ ପର୍ଯନ୍ତ ପ୍ରତିଷ୍ଠା ହୋଇପାରି ନାହିଁ । ଗୋଖାଦ୍ୟ, କୁକୁଡ଼ା ଖାଦ୍ୟ ଆଦିରେ ମକା ବହୁଳ ପରିମାଣରେ ବ୍ୟବହୃତ ହୁଏ । କିନ୍ତୁ ଏ ପର୍ଯ୍ୟନ୍ତ ତାହାର ସଦୁପଯୋଗ ହୋଇ ପାରି ନାହିଁ । ଏହା ବ୍ୟତୀତ ମକାରୁ କର୍ଣ୍ଣଫ୍ଲେକ୍, ପପ୍‌କର୍ଣ୍ଣ, କର୍ଣ୍ଣ ପାଉଡ଼ର ଇତ୍ୟାଦି ଅନେକ କାରଖାନା ପ୍ରତିଷ୍ଠା କରାଯାଇ ପାରିବ ଯାହାକି ଆମର ଯୁବ ଉଦ୍ୟୋଗୀମାନେ ପ୍ରତିଷ୍ଠା କରି ପାରିବେ ।

ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ବହୁଳ ପରିମାଣର ଲଙ୍କା ଆମ୍ବ ଗଛ ରହିଛି । କିନ୍ତୁ ଲଙ୍କା ଆମ୍ବ ବା କାଜୁ ଫଳକୁ ବ୍ୟବହାର କରି କୌଣସି ପ୍ରକ୍ରିୟାକରଣ ଶିଳ୍ପପୁଞ୍ଜ ଉକ୍ତ ଅଞ୍ଚଳରେ ଗଢ଼ି ଉଠି ନାହିଁ । ବରଂ ଓଡ଼ିଶାର କାଜୁ ଫଳକୁ ନେଇ ଆନ୍ଧ୍ର ପ୍ରଦେଶର ପଲାସା ଠାରେ ଅନେକ ଗୁଡ଼ିଏ କାଜୁ କାରଖାନା ପ୍ରତିଷ୍ଠିତ ହୋଇଛି । ଭାରତର ଶିଳ୍ପ ମାନଚିତ୍ରରେ ପଲାସା କାଜୁ ପାଇଁ ପ୍ରସିଦ୍ଧ, କିନ୍ତୁ ଗଜପତି ବା କନ୍ଧମାଳ ନୁହେଁ । ଆଜି କାଜୁକୁ ବ୍ୟବହାର କରି ଲହୁଣୀ ପ୍ରସ୍ତୁତ କରାଯାଉଛି ଯାହାର କି ବିଦେଶରେ ଆଦର ରହିଛି । କିନ୍ତୁ ଉକ୍ତ ଶିଳ୍ପର ପ୍ରଯୁକ୍ତି ବିଦ୍ୟା ଆମ ନିକଟରେ ଉପଲବ୍ଧ ନୁହେଁ ।

ତାମିଲନାଡୁ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଭଳି ରାଜ୍ୟମାନେ ଆଖୁ ଚାଷ ପାଇଁ ପ୍ରସିଦ୍ଧ । ଉକ୍ତ ଆଖୁକୁ ନେଇ ଅନେକ ସଂଖ୍ୟାରେ ଚିନି କଳ ଗଢ଼ି ଉଠିଛି । ଓଡ଼ିଶାର ଜଳବାୟୁ ମଧ୍ୟ ଆଖୁ ଚାଷ ପାଇଁ ଅନୁକୂଳ । ବରଂ ଓଡ଼ିଶାରେ ଯେତେ ପରିମାଣର ଜଳ ଆଖୁଚାଷ ପାଇଁ ଉପଲବ୍ଧ ତାହା ତାମିଲନାଡୁ ଭଳି ଜଳ କଷ୍ଟ ରାଜ୍ୟରେ ମିଳେ ନାହିଁ । କିନ୍ତୁ ଓଡ଼ିଶାରେ ଆଜି ମାତ୍ର ଗୋଟିଏ ଚିନିକଳ ଆସିକାରେ ଓ ଆଉ ଗୋଟିଏ ଢେଙ୍କାନାଳରେ ଅବସ୍ଥିତ । ବଡ଼ମ୍ବାରେ, ସୋନପୁରରେ, ବରଗଡ଼ରେ ସ୍ଥାପିତ ହୋଇଥିବା ଚିନିକଳ ଗୁଡ଼ିକ ବନ୍ଦ ହୋଇ ପଡିଛି । ଏ ଗୁଡ଼ିକ ବନ୍ଦ ହେବାର କାରଣ କଞ୍ଚାମାଲର ଅଭାବ ନୁହେଁ । ଏହାର ମୁଖ୍ୟ କାରଣ ହେଲା ପରିଚାଳନାଗତ ତ୍ରୁଟି ।

କୌତୁହଳର ବିଷୟ ଯେ, ଆଜି ଚିନି କଳରେ ଚିନି ମୁଖ୍ୟ ଉତ୍ପାଦନ ସାମଗ୍ରୀ ନୁହେଁ । ଚିନିରୁ ପ୍ରସ୍ତୁତ ଇଥାନଲ ବିଭିନ୍ନ ମେସିନ ପାଇଁ ଇନ୍ଧନ ଭାବରେ ଉଭା ହେଲାଣି । ପେଟ୍ରୋଲିୟମର ଅନିଶ୍ଚିତତା ପରିପ୍ରେକ୍ଷୀରେ ଇଥାନଲର ଗୁରୁତ୍ୱ ବଢ଼ିଲାଣି । ଏହା ଛଡ଼ା ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଲୋକେ ଚିନି ଅପେକ୍ଷା ଗୁଡ଼ ପ୍ରତି ଅଧିକ ଆକୃଷ୍ଟ ହେଲେଣି । ଜୈବିକ ପଦ୍ଧତିରେ ପ୍ରସ୍ତୁତ ଗୁଡ଼ର ବିଦେଶରେ ବିପୁଳ ଚାହିଦା ରହିଛି ଏବଂ ଗୁଡ଼ ପ୍ରସ୍ତୁତି ପାଇଁ କୁଟୀର ଶିଳ୍ପ ଭାବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବ୍ୟବହାର କରାଯାଇ ଗ୍ରାମାଞ୍ଚଳରେ ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିବ ।

ସେହିଭଳି ଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବୈଶିଷ୍ଟ୍ୟ ରହିଛି । ମୟୂରଭଞ୍ଜ ଜିଲ୍ଲାରେ କନ୍ଦମୂଳ ଜାତୀୟ ଫସଲ ପାଇଁ ଅନେକ ସୁଯୋଗ ରହିଛି । କିନ୍ତୁ କନ୍ଦା ଜାତୀୟ ଶସ୍ୟରୁ ପାଉଡ଼ର ବା ଚିପ୍ସ ତିଆରି କାରଖାନା ନାହିଁ । ଯାଜପୁର ଜିଲ୍ଲା ଚିନାବାଦାମ ପାଇଁ ପ୍ରସିଦ୍ଧ । କିନ୍ତୁ ସେଠାରେ ତେଲ କଳ ବା ଚିନାବାଦାମରୁ ପ୍ରସ୍ତୁତ ଚିକି ବା ଅନ୍ୟାନ୍ୟ ମିଷ୍ଟାନ୍ନ ତିଆରି ହୁଏ ନାହିଁ । କେନ୍ଦୁଝର ଜିଲ୍ଲା ଟମାଟୋ ପାଇଁ ପ୍ରସିଦ୍ଧ, କିନ୍ତୁ ତାକୁ ବ୍ୟବହାର କରି ପେଷ୍ଟ ବା ପ୍ୟୁରୀ ତିଆରି କାରଖାନା ନାହିଁ । କନ୍ଧମାଳ ଜିଲ୍ଲା ହଳଦୀ ଓ ପଣସ ପାଇଁ ବେଶ ପରିଚିତ । କୋରାପୁଟର ପଟ୍ଟାଙ୍ଗୀ ଅଞ୍ଚଳର ଅଦା ସାରା ଭାରତରେ ପ୍ରସିଦ୍ଧ । ଏହିଭଳି ଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାରର ଶସ୍ୟ ଉତ୍ପାଦିତ ହୁଏ । ସେହି ପ୍ରାକୃତିକ ସଂଭାରକୁ ନେଇ ଯଦି କ୍ଷୁଦ୍ରଶିଳ୍ପମାନ ପ୍ରତିଷ୍ଠା କରାଯାଏ ତାହା ହେଲେ ଓଡ଼ିଶାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ହାଇଦ୍ରାବାଦ ବା ବେଙ୍ଗାଲୁରର ଗଳିକନ୍ଦିରେ ଚାକିରି ଖୋଜିବାକୁ ପଡ଼ନ୍ତା ନାହିଁ ।

ଉପରେ ବର୍ଣ୍ଣିତ ଶିଳ୍ପ ଗୁଡ଼ିକ ଖାଦ୍ୟ ଭିତ୍ତିକ । କୃଷିଜାତ ଦ୍ରବ୍ୟରୁ କେତେକ ଅଣଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତି ବିଷୟରେ ମଧ୍ୟ ଆଲୋଚନା କରାଯାଇ ପାରେ । ଗୋଟିଏ ଉଦାହରଣ ହେଲା କପା । ଅବିଭକ୍ତ କୋରାପୁଟ, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ଗୁଡ଼ିକରେ ହଜାର ହଜାର ହେକ୍ଟର ଜମିରେ କପା ଚାଷ ହୁଏ । କିନ୍ତୁ ଓଡ଼ିଶାରେ ଗୋଟିଏ ହେଲେ ସୂତା କଳ ନାହିଁ । ଏକଦା ବରଗଡ଼, ସୋନପୁର, ଆସିକା, ବାଲିଆପାଳ, ଜଗତସିଂହପୁର ଆଦି ବିଭିନ୍ନ ସ୍ଥାନରେ ସୂତା କଳମାନ ପ୍ରତିଷ୍ଠା କରାଯାଇଥିଲା । ଆଜି ସେ ସବୁଗୁଡ଼ିକ ବନ୍ଦ ହୋଇ ପଡ଼ି ରହିଛି । ୨୦୧୭ ମସିହାରୁ ‘ମେକ ଇନ ଓଡ଼ିଶା’ ଉତ୍ସବ ଅନୁଷ୍ଠିତ ହୋଇଚାଲିଛି । ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେଉଛି ବୋଲି ପ୍ରଚାର ହେଉଛି । କିନ୍ତୁ ତନ୍ମଧ୍ୟରୁ ଗୋଟିଏ ହେଲେ ସୂତାକଳ ନାହିଁ । ବିଡମ୍ବନାର ବିଷୟ ହେଉଛି ଓଡ଼ିଶାର ଲକ୍ଷାଧିକ ଶ୍ରମିକ ଓଡ଼ିଶା ବାହାରେ ସୂତା କଳମାନଙ୍କରେ କାମ କରୁଛନ୍ତି । ଓଡ଼ିଶାର କପା ଓଡ଼ିଶା ବାହାରେ ବିପୁଳ ପରିମାଣରେ ବିକ୍ରି ହେଉଛି । କିନ୍ତୁ ଓଡ଼ିଶାରେ ସୂତାକଳ ନାହିଁ ।

ଓଡ଼ିଶାରେ ସୂତାକୁ ବ୍ୟବହାର କରିବା ପାଇଁ ହସ୍ତତନ୍ତ ବା କଳତନ୍ତ ଯଥେଷ୍ଟ ସଂଖ୍ୟାରେ ନାହିଁ । ଦିନ ଥିଲା କପାରୁ ତୁଳା ଓ ତୁଳାରୁ କପଡ଼ା ବୁଣିବା ପାଇଁ ବିରାଟ ସମନ୍ୱିତ କାରଖାନା ମାନ ଥିଲା ଯାହାର ଉଦାହରଣ ହେଉଛି ଓଡ଼ିଶା ଟେକ୍ସଟାଇଲ୍ ମିଲ୍ । ଆଜି ସେଗୁଡ଼ିକ ବନ୍ଦ ହୋଇଯାଇଛି । ଜ୍ଞାନ କୌଶଳର ବିବର୍ତ୍ତନରେ ଡାଇନୋସର ଭଳି ବିଶାଳ ସମନ୍ୱିତ କାରଖାନା ଗୁଡ଼ିକ ନିଶ୍ଚିହ୍ନ ହୋଇଯାଇଛି । ତା ସ୍ଥାନରେ ଗଢ଼ି ଉଠିଛି ଅନେକ ଗୁଡ଼ିଏ ବିଦ୍ୟୁତ ଚାଳିତ କଳତନ୍ତ ବା ପାୱାରଲୁମ । ସେଗୁଡିକ କ୍ଷୁଦ୍ରଶିଳ୍ପରେ ପରିଗଣିତ ହୁଏ ଓ ଓଡ଼ିଶାର ଶିକ୍ଷିତ ଯୁବକ ଯୁବତୀମାନେ ବ୍ୟାଙ୍କ ସହାୟତା ନେଇ ନିଜେ ନିଜେ ତାକୁ ପ୍ରତିଷ୍ଠା କରିପାରିବେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସୂତାକଳ ପ୍ରତିଷ୍ଠା କରାଗଲେ ତାହାର ନିକଟରେ ଶହ ଶହ ପାୱାରଲୁମ ଶିଳ୍ପପୁଞ୍ଜ ଗଢି ଉଠନ୍ତା । କପାରୁ କପଡ଼ା ତିଆରି କରିବା ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ଓ ତାହା ଓଡ଼ିଶାର ଯୁବକଯୁବତୀ ମାନଙ୍କୁ ହାତ ଠାରି ଡାକୁଛି ।

କପା-ସୂତା-କପଡ଼ା ପରେ ରହିଛି ପୋଷାକ ତିଆରି । ବାଂଲାଦେଶ, ଭିଏତନାମ, ଫିଲିପାଇନ୍ସ ଭଳି ଦେଶ ମାନଙ୍କରେ ପୋଷାକ ତିଆରି କରି ଲକ୍ଷାଧିକ ମହିଳା ନିଜର ଜୀବିକା ଅର୍ଜନ କରନ୍ତି । ଓଡ଼ିଶାରେ ମଧ୍ୟ ଏଇ ଶିଳ୍ପର ବିପୁଳ ସମ୍ଭାବନା ରହିଛି । ସୁଖର କଥା ଯେ, ଅଳ୍ପ କେତେ ବର୍ଷ ଭିତରେ କେତେକ ଶିଳ୍ପପତି ଓଡ଼ିଶାରେ ପୋଷାକ ତିଆରି ପାଇଁ ପଦକ୍ଷେପ ନେଇଛନ୍ତି । ଏ କ୍ଷେତ୍ରରେ ଓଡ଼ିଶାର ପରିଚୟ ସୃଷ୍ଟି କରିବା ପାଇଁ ଓଡ଼ିଶାର ମହିଳାମାନଙ୍କର ଶିକ୍ଷାଗତ ଯୋଗ୍ୟତା ତଥା କୌଶଳ ବୃଦ୍ଧି କରିବା ପାଇଁ ସରକାର ବିଧିବଦ୍ଧ ପଦକ୍ଷେପ ନେବା ଉଚିତ । ଏତଦ୍ ବ୍ୟତୀତ ଏଇ ଶିଳ୍ପକୁ ଅଧିକ ସଫଳ କରାଇବାକୁ ହେଲେ ଓଡ଼ିଶାର ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ମହିଳା ଉପଯୋଗୀ ହେବା ଉଚିତ । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ହେବା ଉଚିତ ଯେଭଳିକି ଶିଳ୍ପ ପାଇଁ ଜେନସେଟର ଆବଶ୍ୟକତା ନ ପଡ଼େ ।

ନିଯୁକ୍ତି ସୃଷ୍ଟି ପାଇଁ କ୍ଷୁଦ୍ରଶିଳ୍ପର ଯେ ଏକ ବୃହତ ଭୂମିକା ରହିଛି ଏହା ଅନସ୍ୱୀକାର୍ଯ୍ୟ । ଏହା ହିଁ ‘ମେକ ଇନ ଓଡ଼ିଶା’ର ପ୍ରକୃତ ସଂଜ୍ଞା । ତେବେ ଏତେ ସବୁ ସମ୍ଭାବନା ସତ୍ତ୍ୱେ ଓଡ଼ିଶାରେ କାହିଁକି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠିତ ହୋଇପାରୁ ନାହିଁ ସେ ସମ୍ପର୍କରେ ଆଲୋଚନା କରିବା ଆସନ୍ତା ସପ୍ତାହରେ ।


**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**


## ମିଳୁନି ବାର୍ଦ୍ଧକ୍ୟ ଭତ୍ତା : ସରକାର ବଖାଣୁଛନ୍ତି ସଫଳତା





ଭୁବନେଶ୍ୱର, ୧୩/୦୬ (ପ୍ରମୋଦ ସାମନ୍ତରାୟ) : ରାଜ୍ୟରେ ବିଜେପି ଶାସନର ଡ଼ୋରି ଧରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୁଇ ବର୍ଷ ପୂର୍ତ୍ତି ପୁରଣ ହୋଇଛି। ଏହି ଶାସନ କାଳରେ ସଫଳତା ଅପେକ୍ଷା ଶାସନର ବିଫଳତା ବାରି ହୋଇ ପଡୁଛି। ଆଇନଶୃଙ୍ଖଳା ରାଜ୍ୟରେ ବିଗିଡ଼ି ଯାଇଥିବା ବେଳେ ସଜାଡ଼ିବା ସମ୍ଭବ ହେଉନାହିଁ। ପୋଲିସ ଅନ୍ୟକୁ ସୁରକ୍ଷା ଦେବା ବଦଳରେ କ୍ଷମତାର ଦୁରୁପଯୋଗ କରି ଜନତାଙ୍କ ପାଇଁ ଶୋଷଣର ନୂଆ ଫର୍ଦ ଖୋଲିଛନ୍ତି। ରାଜ୍ୟର ୫୮ ଲକ୍ଷରୁ ଉର୍ଦ୍ଧ୍ୱ ଭତ୍ତା ହିତାଧିକାରୀ ତିନି ମାସ ଧରି ଭତ୍ତା ପାଇ ନଥିବା ବେଳେ ସେମାନଙ୍କ ଅସହାୟତା ବୁଝିବା ପାଇଁ ସରକାରଙ୍କ ପାଖରେ ସମୟ ନାହିଁ। ନିର୍ବାଚନ ବେଳେ ଅନେକ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ସାଧାରଣ ଲୋକଙ୍କୁ ପ୍ରତାରଣା କରିଛି ବୋଲି ବିରୋଧି ଦଳ ଗୁଡ଼ିକ ଅଭିଯୋଗ କରିଛନ୍ତି। ଏପାଖେ ରାଜ୍ୟ ସରକାର ଖବରକାଗଜରେ ପୃଷ୍ଠା ପୃଷ୍ଠା ବିଜ୍ଞାପନ ଦେଇ ନିଜ ବିକାଶର ବାର୍ତ୍ତା ବଖାଣୁଛନ୍ତି। ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ଦେଇଛନ୍ତି। ଦୁଇ ବର୍ଷର ପୂର୍ତ୍ତୀ ଉତ୍ସବରେ ସରକାର ଯେତିକି ଅର୍ଥ ଖର୍ଚ୍ଚ କରିବେ ସେତିକି ଅର୍ଥ ଅସହାୟ ଭତ୍ତା ହିତାଧିକାରୀଙ୍କୁ ଦେଇଥିଲେ ଭଲ ହୋଇଥାନ୍ତା । ସୁଭଦ୍ର ଯୋଜନାକୁ ଏକ ସଫଳ ମହିଳା ସମୃଦ୍ଧି ଯୋଜନା ଭାବେ ସରକାର ଅବିହିତ କରୁଥିବା ବେଳେ ମହିଳାମାନେ ରାଜ୍ୟରେ ଅସୁରକ୍ଷିତ ଅଛନ୍ତି। ଶିକ୍ଷାରେ ଏକ ନୂଆ ମୋଡ଼ ଆଣିବା ପାଇଁ କେଜିରୁ ପିଜି ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଗୋଟିଏ ମଞ୍ଚରେ ୩ ଦଳର ମହିଳା ନେତ୍ରୀ



ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଭୁବନେଶ୍ୱରରେ ମହିଳା ନେତ୍ରୀଙ୍କ ଅପୂର୍ବ ସମୀକରଣ ଦଳୀୟ ଭେଦଭାବ ଭୁଲି ଏକାଠି ହେଲେ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଜେଡି ମେୟର ସୁଲୋଚନା ଦାସ ଏବଂ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ। ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ରଜ ଉତ୍ସବ କାର୍ଯ୍ୟକ୍ରମରେ ଏହି ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଓଡ଼ିଶା ଆସିବେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଜୁନ୍ ୧୯ ଏବଂ ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ଏହି ଦୁଇ ଶୀର୍ଷ ନେତା ଓଡ଼ିଶା ଆସୁଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜ ଗାଁ ତଥା ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଏହି ମେଗା ଉତ୍ସବର ଆୟୋଜନ କରାଯାଉଛି। ରାଷ୍ଟ୍ରପତି ପ୍ରଥମେ ଜୁନ୍ ୧୯ରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ଓହ୍ଲାଇବେ ଏବଂ ସେଠାରୁ ବାୟୁସେନା ହେଲିକପ୍ଟର ଯୋଗେ ରାଇରଙ୍ଗପୁର ଯିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୨୦ ତାରିଖରେ ସିଧାସଳଖ ହେଲିକପ୍ଟର ଯୋଗେ ରାଇରଙ୍ଗପୁରରେ ପହଞ୍ଚି ମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ ହେବେ । ସେ ରାଷ୍ଟ୍ରପତିଙ୍କ ସହ ଜଡ଼ିତ ଉପରବେଡ଼ା ଏବଂ ପାହାଡ଼ପୁର ଗାଁ ମଧ୍ୟ ଗସ୍ତ କରିପାରନ୍ତି। ଏହି ଅବସରରେ ଉଭୟ ନେତା ଓଡ଼ିଶାବାସୀଙ୍କ ପାଇଁ ଅନେକ ବଡ଼ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ଏହି ଗସ୍ତ ସମୟରେ ମୟୁରଭଞ୍ଜର କୁସୁମୀ ବ୍ଲକଠାରେ ଓଡ଼ିଶାର ପ୍ରଥମ 'ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟ'ର ଶିଳାନ୍ୟାସ କରାଯିବାର ଯୋଜନା ରହିଛି, ଯାହାଦ୍ୱାରା ରାଜ୍ୟରେ ବନ୍ୟଜନ୍ତୁ ଓ ଜଙ୍ଗଲ ଗବେଷଣା ଅତି ସହଜ ହେବ। ସୁରକ୍ଷା ଦୃଷ୍ଟିରୁ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଇରଙ୍ଗପୁରର ସମସ୍ତ କାର୍ଯ୍ୟକ୍ରମ ସ୍ଥଳୀକୁ 'ନୋ-ଡ୍ରୋନ୍ ଏବଂ ନୋ-ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯାଇଛି। ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ‘ନିଖୋଜ ଫାଇଲ୍’କୁ ନେଇ ବିଜେପି-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଓଡ଼ିଶାରେ ବିଜେପି ସରକାରର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବିବାଦୀୟ ପ୍ରସଙ୍ଗର ‘ନିଖୋଜ ଫାଇଲ୍’କୁ ନେଇ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ରାଜନୈତିକ ବାକଯୁଦ୍ଧ ଚରମ ସୀମାରେ ପହଞ୍ଚିଛି। ପୂର୍ବତନ ବିଜେଡି ସରକାର ସମୟରେ ବିଭିନ୍ନ ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ଗଠିତ ହୋଇଥିବା ବିଚାର ବିଭାଗୀୟ କମିଶନଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଏବଂ ସରକାରୀ ଫାଇଲ୍ ସେକ୍ରେଟେରିଏଟ୍ (ଲୋକସେବା ଭବନ) ରୁ ମିଳୁନଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷ କରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଗଠିତ ହୋଇଥିବା ରଘୁବୀର ଦାସ କମିଶନ ରିପୋର୍ଟ ଏବଂ ପୂର୍ବ ସରକାରଙ୍କ କିଛି ଆର୍ଥିକ ନିଷ୍ପତ୍ତିର ଫାଇଲ୍ ଗାଏବ ଥିବା ନେଇ ବିଜେପି ଶିବିରରୁ ଅଭିଯୋଗ ଆସିଛି। ବିଜେପି ନେତା ଓ ପ୍ରବକ୍ତାମାନେ ବିଜେଡି ଉପରେ ସିଧାସଳଖ ଆକ୍ରମଣ କରି କହିଛନ୍ତି ଯେ, ପୂର୍ବ ସରକାର ନିଜର ଦୁର୍ନୀତି ଓ ଗୁପ୍ତ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ଯୋଜନାବଦ୍ଧ ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌କୁ ଗାଏବ କରିଦେଇଛନ୍ତି। ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ ଫାଇଲ୍ ନିଖୋଜ ଘଟଣାର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଚନ୍ଦ୍ରିକା ମୃତ୍ୟୁ ଘଟଣା
## ଓଏଏସ୍ ପ୍ରେମିକର ଆତ୍ମ ସମର୍ପଣ

ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍‌ଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ଏକ ବଡ଼ ସଫଳତା ମିଳିଛି। ପ୍ରାୟ ଦୁଇ ସପ୍ତାହ ଧରି ଫରାର୍ ରହିବା ପରେ, ତାଙ୍କ ଓଏଏସ୍ ପ୍ରେମିକ ଭୀମସେନ ପ୍ରସାଦ ଟୁଡୁ ମୟୁରଭଞ୍ଜ ଜିଲ୍ଲାର ବିଶୋଇ ଥାନାରେ ଆତ୍ମ ସମର୍ପଣ କରିଛନ୍ତି ଏବଂ ପୋଲିସ ତାଙ୍କୁ ଗିରଫ କରିଛି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍‌ଙ୍କ ମୃତଦେହ କଟକର କାଠଯୋଡ଼ି ନଦୀର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେତୁ ତଳୁ ଉଦ୍ଧାର କରାଯାଇଥିଲା। ଚନ୍ଦ୍ରିକାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୋଲିସ ତାଙ୍କ ବୟଫ୍ରେଣ୍ଡ ଭୀମସେନ ଟୁଡୁଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ମାମଲା ରୁଜୁ କରିଥିଲା। ଚନ୍ଦ୍ରିକା ଏବଂ ପ୍ରଶିକ୍ଷଣ ମାଜିଷ୍ଟ୍ରେଟ୍ ଭୀମସେନ ସ୍କୁଲ ଦିନରୁ ପ୍ରେମ ସମ୍ପର୍କରେ ଥିଲେ ଏବଂ ୨୦୨୭ ରେ ବିବାହ କରିବାକୁ ଯୋଜନା କରିଥିଲେ। ଚନ୍ଦ୍ରିକାଙ୍କ ମା’ ହୀରାମଣି ହଂସଦା ଏକ ଚାଞ୍ଚଲ୍ୟକର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଚାମେଲି ଓଝା-ବିଡିଓଙ୍କ ମଧ୍ୟରେ ବିବାଦ

## ଶାସକ ଦଳ ପାଇଁ ବଢ଼ିଲା ଅଡୁଆ : ବ୍ୟୁରୋକ୍ରାସି ବନାମ ନେତା




ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଡିଖିରୀ ସରପଞ୍ଚ ଚାମେଲି ଓଝା ଏବଂ ସ୍ଥାନୀୟ ବିଡିଓଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଏବଂ ଚାମେଲିଙ୍କ ଗିରଫଦାରୀକୁ ନେଇ ଓଡ଼ିଶା ରାଜନୀତି ଓ ପ୍ରଶାସନିକ ସ୍ତରରେ ଏକ ବଡ଼ ଝଡ଼ ସୃଷ୍ଟି ହୋଇଛି । ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ ଚାମେଲି ଓଝା ଏବଂ ବିଡିଓଙ୍କ ମଧ୍ୟରେ କୌଣସି ସରକାରୀ କାର୍ଯ୍ୟ ବା ପଞ୍ଚାୟତ ପାଣ୍ଠିକୁ ନେଇ ତୀବ୍ର ଯୁକ୍ତିତର୍କ ହୋଇଥିଲା । ବିଡିଓଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ସରପଞ୍ଚ ଚାମେଲି ଓଝା ଏବଂ ସ୍ଥାନୀୟ ବିଜେପି ନେତା ବିଜୟ ପ୍ରଧାନ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଅଫିସ୍ ଭିତରେ ଦୁର୍ବ୍ୟବହାର କରିଛନ୍ତି । ଅପରପକ୍ଷରେ ସରପଞ୍ଚଙ୍କ ସମର୍ଥକମାନେ ଏହାକୁ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦର୍ଶାଇଛନ୍ତି। ବିଡିଓଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ତତ୍ପରତା ଦେଖାଇ ସରପଞ୍ଚ ଚାମେଲି ଓଝାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣେ ଜନପ୍ରତିନିଧି (ମହିଳା ସରପଞ୍ଚ) ଙ୍କୁ ଏଭଳି ଭାବେ ଗିରଫ କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ କରିଛି । ଓଡ଼ିଶା ସରପଞ୍ଚ ସଂଘର 'ଅସହଯୋଗ ଆନ୍ଦୋଳନ' । ରାଜ୍ୟବ୍ୟାପୀ ପ୍ରତିବାଦ। ଚାମେଲିଙ୍କ ଗିରଫଦାରୀକୁ ନେଇ ଓଡ଼ିଶା ସରପଞ୍ଚ ସଂଘ ଏବଂ ମହାକାଳପଡ଼ା ବ୍ଲକର ସମସ୍ତ ସରପଞ୍ଚ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମାନଙ୍କ କହିବା କଥା ଯେ, ଅଫିସରମାନେ ଜନପ୍ରତିନିଧିମାନଙ୍କୁ ସମ୍ମାନ ଦେଉନାହାନ୍ତି ଏବଂ ମିଥ୍ୟା କେସରେ ଫସାଉଛନ୍ତି । ସରପଞ୍ଚ ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି ଯେ, ଯଦି ସରପଞ୍ଚ ଚାମେଲି ଓଝାଙ୍କୁ ତୁରନ୍ତ ସମ୍ମାନର ସହ ମୁକ୍ତ କରାନଯାଏ ଏବଂ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତେବେ ସାରା ରାଜ୍ୟରେ 'ଅସହଯୋଗ ଆନ୍ଦୋଳନ' କରାଯିବ । ସମସ୍ତ ପଞ୍ଚାୟତରେ ସରକାରୀ କାର୍ଯ୍ୟ ବନ୍ଦ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସୁଜାତା କାର୍ତ୍ତିକେୟନ ବିଜେଡି ରାଜନୀତିକୁ ଫେରିବା ନେଇ ଚର୍ଚ୍ଚା

# ଭାଇରାଲ ହେଉଛି ସୁଜାତାଙ୍କ ପଲଟିକାଲ୍ ପୋଷ୍ଟ

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ଓଡ଼ିଶା ରାଜନୀତିରେ ପୂର୍ବତନ ଆଇଏଏସ୍ ଅଧିକାରୀ ସୁଜାତା ଆର୍ କାର୍ତ୍ତିକେୟନ ବିଜୁ ଜନତା ଦଳ (ବିଜେଡି)ରେ ସାମିଲ ହେବା ଏବଂ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ଚର୍ଚ୍ଚା ଏବେ ଜୋର୍ ଧରିଛି। ନିର୍ବାଚନ ପରେ ଭି.କେ. ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେବା ପରେ, ତାଙ୍କ ପତ୍ନୀ ସୁଜାତାଙ୍କୁ ଦଳର ଏକ ଶକ୍ତିଶାଳୀ ଚେହେରା ଭାବେ ସାମ୍ନାକୁ ଅଣାଯିବା ନେଇ ଚର୍ଚ୍ଚା ଶିଖରରେ ପଂହଚିଛି।



ବିଜେଡି ନେତା ମନ୍ମଥ ରାଉତରାୟ ଏକ ବଡ଼ ସଙ୍କେତ ଦେଇ କହିଛନ୍ତି ଯେ, ଦଳର ସମସ୍ତ ସଦସ୍ୟ ଚାହୁଁଛନ୍ତି ସୁଜାତା ଆଗକୁ ଆସନ୍ତୁ। ତାଙ୍କର ପ୍ରଶାସନିକ ଦକ୍ଷତା ଏବଂ ଜ୍ଞାନ ବିଜେଡିକୁ ସଂଗଠିତ କରିବାରେ ବହୁତ ସାହାଯ୍ୟ କରିବ ଏବଂ ବିଜେଡି ନେତୃତ୍ୱ ତାଙ୍କ ଆସିବାକୁ ଅପେକ୍ଷା କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଜୁନ୍ ୧୦ ତାରିଖ ବୁଧବାର ଦିନ ହେବାକୁ ଯାଉଥିବା ମେଗା ବୈଠକ ଉପରେ ଏବେ ସମସ୍ତଙ୍କ ନଜର। ନବୀନ ପଟ୍ଟନାୟକ ଜୁନ୍ ୧୦ ତାରିଖରେ ଶଙ୍ଖ ଭବନରେ ବିଜେଡିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ, ଦଳରେ ଏକ ବଡ଼ ଧରଣର ପରିବର୍ତ୍ତନ କରାଯାଇ ସୁଜାତା କାର୍ତ୍ତିକେୟନଙ୍କୁ କୌଣସି ବଡ଼ ପଦବୀ କିମ୍ବା ଉତ୍ତରାଧିକାରୀ ଭାବେ ଘୋଷଣା କରାଯାଇପାରେ। ସେ ଜଣେ କେନ୍ଦ୍ରାପଡ଼ାର ଝିଅ। ଜଣେ ଓଡ଼ିଆ ମହିଳା ହୋଇଥିବାରୁ, ପୂର୍ବରୁ ଲାଗିଥିବା 'ବାହାର ନେତା' ଅଭିଯୋଗକୁ ଏହା ସମ୍ପୂର୍ଣ୍ଣ ରୂପେ ଦୂର କରିବ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ଜେଏନ୍‌ୟୁ ବିଶ୍ୱ ବିଦ୍ୟାଳୟରୁ ରାଜନୀତିରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିବାରୁ ରାଜନୀତିରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ମାଓ ପ୍ରଭାବିତ ସୁନ୍ଦରଗଡ଼ ଜିଲ୍ଲାରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ସୁଜାତା ଅନେକ ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ୨୦୦୫ ମସିହାରେ ପ୍ରଥମେ ସେ ହାଇସ୍କୁଲ ଛାତ୍ରୀମାନଙ୍କ ପାଇଁ ସାଇକେଲ ବଣ୍ଟନ ଯୋଜନା ଆରମ୍ଭ କରିଥିଲେ। ୨୦୦୬ ମସିହାରେ ସେ ପ୍ରଥମେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦେବା ପରେ ସାରା ରାଜ୍ୟରେ ପରବର୍ତ୍ତୀ ସମୟରେ ଏହା ଲାଗୁ କରାଯାଇଥିଲା। ସୁନ୍ଦରଗଡ଼ ଭଳି ମାଓ ପ୍ରବଣ ଅଂଚଳରେ ଯୁବପିଢ଼ୀଙ୍କ ମଧ୍ୟରେ କ୍ରୀଡ଼ା ବିଶେଷ କରି ଫୁଟବଲ ଓ ହକି ଖେଳ ପାଇଁ ଉତ୍ସାହିତ କରି ସେମାନଙ୍କ ପାଇଁ କ୍ରୀଡ଼ା ସରଞ୍ଜାମ ବଣ୍ଟନ କରିଥିଲେ ଏବଂ ପରେ କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା କରିଥିଲେ। ସୁଜାତା 'ମିଶନ ଶକ୍ତି' ବିଭାଗର ସଚିବ ଭାବେ ଦୀର୍ଘ ୭ବର୍ଷ ଧରି ମହିଳା ସଶକ୍ତିକରଣ ପାଇଁ କାମ କରିବା ପରେ ୭୦ଲକ୍ଷ ମହିଳାଙ୍କୁ ସହାୟତା କରିବା ପାଇଁ ବ୍ୟାଙ୍କ ଋଣ ସଂଯୋଗୀକରଣ କରାଇ ୫ଶହ କୋଟିରୁ ୧୫ହଜାର କୋଟି ଟଙ୍କା ଋଣ ଦେବାରେ ବ୍ୟବସ୍ଥା ସେ କରାଇ ପାରିଥିଲେ। ଯାହା ଓଡ଼ିଶାର ଲକ୍ଷ ଲକ୍ଷ ମହିଳା ଭୋଟରଙ୍କ ସହ ସିଧାସଳଖ ଜଡ଼ିତ। ଆଇଏଏସ୍ ଅଧିକାରୀ ଭାବେ ତାଙ୍କର ବ୍ୟାପକ ଅନୁଭୂତି ଦଳର ପରିଚାଳନାରେ ସହାୟକ ହେବ। କଟକରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କଲା ବେଳେ ସେ ପ୍ରଥମେ ଗର୍ଭବତୀ ମହିଳାଙ୍କୁ ପ୍ରୋତ୍ସାହନ ରାଶି ଦେଇ ମମତା ଯୋଜନାର ମୂଳ ଭିତ୍ତିଭୂମି ପକାଇଥିଲେ। ସେହିପରି ସଂସ୍କୃତି ବିଭାଗର ସଚିବ ଭାବେ ସ୍ୱଳ୍ପ କାର୍ଯ୍ୟକାଳରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରି ଜଣେ ପ୍ରକୃତ ଓଡ଼ିଆଣୀ ଭାବେ ଓଡ଼ିଆ ଅସ୍ମିତାର ପରିଚୟ ଦେଇ ପାରିଥିଲେ। ପାଣ୍ଡିଆନ ପରିବାର ପ୍ରତି ନବୀନ ପଟ୍ଟନାୟକଙ୍କ ଭରସା ରହିଥିବାରୁ ସେ ଦଳର ଦ୍ୱିତୀୟ ସର୍ବୋଚ୍ଚ ନେତା ହେବା ଦୌଡ଼ରେ ଆଗରେ ଅଛନ୍ତି। ସେ ନିଜ ଚାକିରିରୁ ଅବସର ନେବା ପରଠାରୁ ହିଁ ସେ ପରୋକ୍ଷରୁ ପ୍ରତ୍ୟକ୍ଷ ରାଜନୀତିକୁ ଆସିବା ବାଟ ସଫା ହୋଇଥିଲା। ଏହି ଚର୍ଚ୍ଚାକୁ ନେଇ ଓଡ଼ିଶା ରାଜନୀତିରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବିଜେଡିର ଯୁବ ସଂଗଠନ ଏବଂ କିଛି ବରିଷ୍ଠ ନେତା ଏହାକୁ ସ୍ୱାଗତ କରୁଥିବା ବେଳେ, ବିରୋଧୀ ଦଳ ଏହାକୁ ନେଇ ସମାଲୋଚନା ମଧ୍ୟ ଆରମ୍ଭ କଲେଣି। ତେବେ ସେ ଯାହା ବି ହେଉ, ଜଣେ ଅଣଓଡ଼ିଆ ବୋହୂ ଭାବେ ବିହାରୀ ଝିଅକୁ ଯଦି ଓଡ଼ିଶାରେ ରାଜନୀତି କରିବାର ସୁଯୋଗ ମିଳୁଛି,ତେବେ ଜଣେ ଓଡ଼ିଆ ଝିଅ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କୁ ଗଭୀର ଅଭିଜ୍ଞତା ଥିବାରୁ ତାଙ୍କୁ ଓଡ଼ିଶାରେ ରାଜନୀତିରେ ସୁଯୋଗ ମିଳିବାର ଅଧିକାର ରହିଛି।

# ଏନ୍‌ଡିଏ ମେଣ୍ଟରୁ ଦୂରେଇବା ପାଇଁ ବିଜେଡିର ଜରୁରୀକାଳୀନ ବୈଠକ

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୬ ଦିନିଆ ଦିଲ୍ଲୀ ଗସ୍ତ ସାରି ଗତକାଲି (୭ ଜୁନ୍) ଓଡ଼ିଶା ଫେରିବା ପରେ ଏହି ହଠାତ୍ ହାଇ-ଲେଭଲ୍ ବୈଠକ ଡାକିଛନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ଭୁବନେଶ୍ୱରସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ରେ ହୋଇଛି ଏହି ବୈଠକ। ବିପର୍ଯ୍ୟୟ ପରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ କିପରି ସୁଦୃଢ଼ କରାଯାଇପାରିବ, ସେ ନେଇ ନବୀନ ପଟ୍ଟନାୟକ ନେତାମାନଙ୍କୁ ଗୁରୁମନ୍ତ୍ର ଦେବେ। ବିଜେପି ସରକାରକୁ ବିଧାନସଭା ଭିତରେ ଏବଂ ବାହାରେ ଘେରିବା ପାଇଁ ଏକ ଶକ୍ତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ନିର୍ବାଚନରେ କେଉଁ କାରଣରୁ ଦଳ ପ୍ରଭାବିତ ହେଲା ଏବଂ କେଉଁଠି ଦଳୀୟ ଭୋଟ୍ କମିଲା, ତାର ଗ୍ରାଉଣ୍ଡ ରିପୋର୍ଟ ସମୀକ୍ଷା ହେବ। ନିକଟରେ ଚାଲିଥିବା ଦିଲ୍ଲୀ ଗସ୍ତର ଅଙ୍ଗେଲିଭା ଅନୁଭୂତି ଏବଂ ଜାତୀୟ ସ୍ତରରେ 'ଇଣ୍ଡିଆ ମେଣ୍ଟ' ଠାରୁ ସମଦୂରତା ରକ୍ଷା କରିବା ପ୍ରସଙ୍ଗରେ ସମସ୍ତ ନେତାଙ୍କୁ ଅବଗତ କରାଯିବ। ଏହି ବୈଠକରେ ଦଳର ସମସ୍ତ ବରିଷ୍ଠ ନେତା, ସାଂସଦ, ବିଧାୟକ, ଏବଂ ବିଧାନସଭା ପ୍ରାର୍ଥୀମାନେ ଯୋଗଦେବେ। ନବୀନ ପଟ୍ଟନାୟକଙ୍କ ଏହି ବୈଠକ ଦଳରେ ଏକ ବଡ଼ ଧରଣର ଅଦଳବଦଳ ଏବଂ ନୂଆ ପଦାଧିକାରୀ ନିଯୁକ୍ତିର ସଙ୍କେତ ଦେଉଥିବା ରାଜନୈତିକ ସମୀକ୍ଷକମାନେ ଅନୁମାନ କରୁଛନ୍ତି।



ଜାତୀୟ ରାଜନୀତିରେ ମେଣ୍ଟକୁ ନେଇ ଚାଲିଥିବା ବିଭିନ୍ନ ଚର୍ଚ୍ଚା ମଧ୍ୟରେ ବିଜୁ ଜନତା ଦଳ (ବିଜେଡି) ନିଜର ଆଭିମୁଖ୍ୟ ପୁଣିଥରେ ସ୍ପଷ୍ଟ କରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କୌଣସି ବି ଜାତୀୟ ମେଣ୍ଟରେ ସାମିଲ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ନିକଟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରେ ଥିବା ସମୟରେ, ବିଜେଡି ଆଗାମୀ ଦିନରେ କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ ମେଣ୍ଟ' ବୈଠକରେ ସାମିଲ ହୋଇପାରେ ବୋଲି ଜାତୀୟ ଓ ସ୍ଥାନୀୟ ଗଣମାଧ୍ୟମରେ ଜୋରଦାର ଆଲୋଚନା ହେଉଥିଲା। ବିଶେଷ କରି ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ, ବିଜେଡି କେନ୍ଦ୍ର ବିରୋଧୀ ମେଣ୍ଟକୁ ସମର୍ଥନ କରିବ ବୋଲି ଅନୁମାନ କରାଯାଉଥିଲା। ଦଳର ସ୍ପଷ୍ଟୀକରଣ ଓ 'ସମଦୂରତା' ନୀତିଏହି ସମସ୍ତ ଚର୍ଚ୍ଚାକୁ ଖଣ୍ଡନ କରି ବିଜେଡି ନେତୃତ୍ୱ ସ୍ପଷ୍ଟ କରିଛି ଯେ କାହା ସହ ମେଣ୍ଟ ନାହିଁ। ଦଳ ନା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସହ ଯିବ, ନା କଂଗ୍ରେସ ନେତୃତ୍ୱାଧୀନ ଓଘ-ଓଓଇ ମେଣ୍ଟ ସହ ହାତ ମିଳାଇବ। ବିଜେଡି ଉଭୟ ମେଣ୍ଟ ଠାରୁ 'ସମଦୂରତା' ବଜାୟ ରଖିବ। ବିଜେଡି ଏକ ଆଞ୍ଚଳିକ ଦଳ। କୌଣସି ଜାତୀୟ ମେଣ୍ଟର ଚାପରେ ନରହି ଦଳ କେବଳ ଓଡ଼ିଶାର ହକ, ବିକାଶ ଏବଂ ସ୍ୱାର୍ଥ ରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଲଢ଼େଇ ଜାରି ରଖିବ। ପୂର୍ବଭଳି, ସଂସଦରେ ଜାତୀୟ ସ୍ୱାର୍ଥ ଏବଂ ଓଡ଼ିଶାର ଲାଭକୁ ଦୃଷ୍ଟିରେ ରଖି ବିଭିନ୍ନ ବିଲ୍ ବା ପ୍ରସଙ୍ଗ ଉପରେ ଦଳ 'ଇସ୍ୟୁ ଭିତ୍ତିକ' ସମର୍ଥନ ବା ବିରୋଧ କରିବାର ନିଷ୍ପତ୍ତି ନିଜେ ନେବ। ଜୁନ୍ ୧୦ ତାରିଖରେ ହେବାକୁ ଥିବା ବିଜେଡିର ଜରୁରୀକାଳୀନ ବୈଠକରେ ଏହି ଜାତୀୟ ରାଜନୈତିକ ଆଭିମୁଖ୍ୟ ଉପରେ ସମସ୍ତ ବିଧାୟକ, ସାଂସଦ ଏବଂ ବରିଷ୍ଠ ନେତାମାନଙ୍କୁ ସବିଶେଷ ସୂଚନା ଦିଆଯିବ। ଦଳ କୌଣସି ପରିସ୍ଥିତିରେ ବି ନିଜର ସ୍ୱତନ୍ତ୍ର ପରିଚୟ ହରାଇବ ନାହିଁ ଏବଂ ଏକ ଶକ୍ତ ବିରୋଧୀ ଦଳ ଭାବେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ୧୦ ପ୍ରସ୍ତାବକୁ ମଞ୍ଜୁରୀ, ପର୍ଯ୍ୟଟନ ପାଇଁ 'ଲ୍ୟାଣ୍ଡ ବ୍ୟାଙ୍କ' ଓ ଗରିବଙ୍କୁ ଘର କିଣାରେ ମିଳିବ ଶୁଳ୍କ ରିହାତି

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଓଡ଼ିଶା କ୍ୟାବିନେଟ୍ ବୈଠକରେ ୫ଟି ବିଭାଗର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ରାଜ୍ୟର ଅର୍ଥନୀତି, ପର୍ଯ୍ୟଟନ ଏବଂ ଗରିବ କଲ୍ୟାଣକୁ ଦୃଷ୍ଟିରେ ରଖି ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ପାଇଁ ଏକ ସ୍ୱତନ୍ତ୍ର 'ଟୁରିଜିମ୍ ଲ୍ୟାଣ୍ଡ ବ୍ୟାଙ୍କ' ଗଠନ ହେବ। ଏହି ଜମି ଅଧିଗ୍ରହଣ ଏବଂ ପର୍ଯ୍ୟଟନ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ କ୍ୟାବିନେଟ୍ ୧,୫୦୦ କୋଟି ଟଙ୍କାର ପାଣ୍ଠି ଅନୁମୋଦନ କରିଛନ୍ତି।ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ଅଧୀନରେ ଆର୍ଥିକ ଅନଗ୍ରସର ଏବଂ ନିମ୍ନ ଆୟକାରୀ ଶ୍ରେଣୀର ଲୋକଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଏହି ହିତାଧିକାରୀମାନେ ପ୍ରଥମ ଥର ପାଇଁ ସରକାରୀ ଆବାସିକ ଗୃହ କିଣିବା କିମ୍ବା ଆଲଟ୍‌ମେଣ୍ଟ ବେଳେ ସେମାନଙ୍କୁ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଫି'ରେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରିହାତି ପ୍ରଦାନ କରାଯିବ। ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ଥିବା ନଦୀ ଓ ଜଳାଶୟ କୂଳର ସୌନ୍ଦର୍ଯ୍ୟକରଣ ଏବଂ ସହରୀ ପରିବେଶର ସୁଧାର ପାଇଁ ଏହି ଯୋଜନା ଆରମ୍ଭ ହେବ। ରାଜ୍ୟର ୧୫ଟି ଶିଳ୍ପ ବିହୀନ ଓ ପଛୁଆ ଜିଲ୍ଲାରେ ପୁଞ୍ଜିନିବେଶ ବୃଦ୍ଧି ପାଇଁ ଶିଳ୍ପ ନୀତିରେ ସଂଶୋଧନ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ କାରଖାନା ସ୍ଥାପନ କଲେ ସରକାର ସ୍ୱତନ୍ତ୍ର ରିହାତି ଓ ପ୍ରୋତ୍ସାହନ ଯୋଗାଇଦେବେ। ଖୋର୍ଦ୍ଧା ଅଞ୍ଚଳରେ କାମ କରୁଥିବା ମହିଳା ଏବଂ ଛାତ୍ରୀମାନଙ୍କ ରହିବା ପାଇଁ ଏକ ସୁରକ୍ଷିତ ମେଗା ମହିଳା ହଷ୍ଟେଲ୍ ନିର୍ମାଣ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।



# ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜୋରଦାର : ଜୁନ୍ ୨୮ ଶେଷ ତାରିଖ

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ଓଡ଼ିଶାରେ ଏବେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଏକ ବଡ଼ ସଫଳତା ଆଡ଼କୁ ଅଗ୍ରସର ହେଉଛି। ମାତ୍ର ୧୨ ଦିନ ମଧ୍ୟରେ ରାଜ୍ୟର ୯୪.୩୭ ପ୍ରତିଶତ ଭୋଟରଙ୍କ ନିକଟରେ ଗଣନା ଫର୍ମ ପହଞ୍ଚାଇବାରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ସଫଳ ହୋଇଛନ୍ତି। ସରକାରୀ ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ମୋଟ ୩ କୋଟି ୧୫ ଲକ୍ଷ ୧୮ ହଜାର ୪୧୨ ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇସାରିଛି। ସେଥିମଧ୍ୟରୁ ୩୯ ଲକ୍ଷ ୮୩ ହଜାର ୪୮୬ ଜଣ ଭୋଟରଙ୍କ ତଥ୍ୟକୁ ସଫଳତାର ସହ ଡିଜିଟାଇଜ୍ କରାଯାଇଛି, ଯାହା ସମଗ୍ର ପ୍ରକ୍ରିୟାର ଦ୍ରୁତ ଏବଂ ସଠିକ୍ ଅଗ୍ରଗତିକୁ ସୂଚାଉଛି। ଏହି ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଓ ଦାଖଲର ଶେଷ ତାରିଖ ଜୁନ୍ ୨୮ ଧାର୍ଯ୍ୟ କରାଯାଇଛି। ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରିନାହାନ୍ତି, ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥାନୀୟ ବିଏଲଓ (ଈଖଙ) ଙ୍କ ନିକଟରେ ଫର୍ମ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସମୟ ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବାର ଆଶଙ୍କା ରହିଥିବାରୁ, ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେବାକୁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି। ଭୋଟରମାନଙ୍କ ସୁବିଧା ପାଇଁ ଅନଲାଇନ୍ ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି। ନାଗରିକମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟରୁ ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ସିଧାସଳଖ ଅପଲୋଡ୍ କରିପାରିବେ। ଏହାବ୍ୟତୀତ ଫର୍ମ ବଣ୍ଟନ, ନାମ ସଂଶୋଧନ କିମ୍ବା ଅନ୍ୟ କୌଣସି ସମସ୍ୟା ଥିଲେ, ଭୋଟରମାନେ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ ରେ ଯୋଗାଯୋଗ କରି ତୁରନ୍ତ ସହାୟତା ପାଇପାରିବେ।

# ନିର୍ଦ୍ୱନ୍ଦ୍ୱରେ ଜିତିଲେ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଦେବାଶିଷ ସାମନ୍ତରାୟ। ରାଜ୍ୟ ସଭା ଉପନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ଉପନିର୍ବାଚନ ଭୋଟିଂ ଦରକାର ପଡ଼ିଲାନି। ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଆଜି ଶେଷ ତାରିଖ ରହିଥିଲା। ରାଜ୍ୟ ସଭା ଉପନିର୍ବାଚନରେ ତାଙ୍କ ବିପକ୍ଷରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି।
ପ୍ରକାଶଥାଉକି, ଗତ କିଛି ଦିନ ତଳେ ବିଜେଡି ଛାଡି ଭାଜପାରେ ଯୋଗଦେଇଥିଲେ ଦେବାଶିଷ। ଏହାପରେ ଦଳ ତାଙ୍କୁ ଭାଜପା ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା। ଦେବାଶିଷ ସାମାନ୍ତରାୟ ରାଜ୍ୟ ସଭାକୁ ଯିବା ପରେ ଓଡ଼ିଶା ରାଜନୀତିରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

# ୩୩ ଜଣ ଆଇପିଏସ୍‌ଙ୍କୁ ମିଳିଲା ଡିଜି ପାହ୍ୟା

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଦେଶର ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଭାରତ ସରକାରଙ୍କ ଦ୍ୱାରା ୩୩ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡିଜି ଏବଂ ଡିଜି ଇକ୍ୱିଭାଲେଣ୍ଟ୍ ପଦବୀ ପାଇଁ ଏମ୍ପାନେଲ୍ କରାଯାଇଛି, ଯେଉଁଥିରେ ଓଡ଼ିଶା କ୍ୟାଡରର ପ୍ରମୁଖ ଚେହେରା ସାମିଲ ଅଛନ୍ତି। ଓଡ଼ିଶା କ୍ୟାଡରରୁ ଡଃ ସୁଧାଂଶୁ ଷଡ଼ଙ୍ଗୀ ମନୋନୀତ। ୩୩ ଜଣିଆ ତାଲିକାରେ ଓଡ଼ିଶା କ୍ୟାଡରର ୧୯୯୦ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ ଡିଜି ପଦବୀ ପାଇଁ ମନୋନୀତ କରାଯାଇଛି। ଏହି ଏମ୍ପାନେଲମେଣ୍ଟ ପରେ ସେ କେନ୍ଦ୍ରୀୟ ସୁରକ୍ଷା ବଳ ଯେପରିକି ସିଆର୍‌ପିଏଫ୍, ବିଏସ୍‌ଏଫ୍, ସିଆଇଏସ୍‌ଏଫ୍, ଆଇଟିବିପି କିମ୍ବା କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା (ସିବିଆଇ, ଆଇବି)ର ମୁଖ୍ୟ ବା ଶୀର୍ଷ ପଦବୀରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସାରା ଦେଶରୁ ମୋଟ ୩୩ ଜଣ ଆଇପିଏସ୍ ଅଧିକାରୀଙ୍କୁ ବଛାଯାଇଛି, ଯେଉଁମାନେ ୧୯୯୦, ୧୯୯୧, ୧୯୯୪ ଏବଂ ୧୯୯୫ ବ୍ୟାଚ୍‌ର ଅଟନ୍ତି। ଏସିସିର ନିର୍ଦ୍ଦେଶ ଅନୁଯାୟୀ, ମୋଟ ୩୬ ଜଣଙ୍କ ମଧ୍ୟରୁ ୩୩ ଜଣ ଆଇପିଏସ୍ ଥିବା ବେଳେ ଅନ୍ୟ ୩ ଜଣ ଅଧିକାରୀ ଆଇଆର୍‌ଏସ୍‌ଇଇ, ଆଇସିଏଏସ୍ ଏବଂ ଆଇଇଏସ୍ ସେବାର ଅଟନ୍ତି, ଯେଉଁମାନଙ୍କୁ କେନ୍ଦ୍ରରେ ଅତିରିକ୍ତ ସଚିବ ପାହ୍ୟାକୁ ଉନ୍ନୀତ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବ୍ୟତୀତ, ଓଡ଼ିଶା ପୋଲିସ ମୁଖ୍ୟାଳୟ ଡିଜିପି ୱାଇ ବି ଖୁରାନିଆ ଗତ ଦୁଇ ଦିନ ମଧ୍ୟରେ ରାଜ୍ୟ ପାଇଁ କିଛି ବଡ଼ ଆଦେଶ ଜାରି କରିଛନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୋଲିସ କାର୍ଯ୍ୟର ସମୀକ୍ଷା ପାଇଁ ପୋଲିସ ମୁଖ୍ୟାଳୟ ପକ୍ଷରୁ ୧୫ ଜଣ ବରିଷ୍ଠ ଓଟଝ ଙ୍କୁ ୧୭ଟି ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ (ଯେପରିକି ସଞ୍ଜୀବ ପଣ୍ଡା, ଅରୁଣ ବୋଥ୍ରା, ବିନୟତୋଷ ମିଶ୍ର) ସ୍ଥାନୀୟ ଅଞ୍ଚଳ ଗସ୍ତ କରି ୧୫ ଦିନ ମଧ୍ୟରେ ଡିଜିପିଙ୍କୁ ରିପୋର୍ଟ ଦେବେ। ସରକାରୀ ଓ ପୋଲିସ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଥିବା ଆଇପିଏସ୍ ଅଧିକାରୀମାନଙ୍କୁ ଡିଜିପି ଗମ୍ଭୀରତାର ସହ ନେଇଛନ୍ତି। କୌଣସି ଅପରିହାର୍ଯ୍ୟ କାରଣ ନଥାଇ ସରକାରୀ ଉତ୍ସବକୁ ନଆସିଲେ ସିଧାସଳଖ ଡିଜିପିଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ସରକାରୀ ବସରେ ଅଫିସ୍ ଆସିଲେ ମିଳିବ ଅଧିକ ଦରମା

ନୂଆଦିଲ୍ଲୀ, ୧୩/୦୬ : ଏଣିକି ବସରେ ଆସିଲେ ମିଳିବ ଅଧିକ ଦରମା। ଆଜ୍ଞା ହଁ କଥାଟା କାନକୁ ଅଜବ ଲାଗିଲେ ମଧ୍ୟ ସତ। ପଶ୍ଚିମ ଏସୀୟ ସଙ୍କଟକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇନ୍ଧନ ସଞ୍ଚୟ ଆହ୍ୱାନକୁ ସମାଧାନ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଗତ ମାସରେ ୯୦ ଦିନିଆ "ମୋ ଭାରତ, ମୋର ଅବଦାନ" ଇନ୍ଧନ ସଞ୍ଚୟ ଅଭିଯାନ ଆରମ୍ଭ କରିଥିଲେ, ଯାହା ସମସ୍ତ ଦିଲ୍ଲୀ ସରକାରୀ କର୍ମଚାରୀଙ୍କୁ ଦୁଇ ଦିନ ଘରୁ କାମ କରିବାକୁ ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରିବାକୁ ବାଧ୍ୟତାମୂଳକ ବୋଲି ମଧ୍ୟ ଘୋଷଣା କରାଯାଇଥିଲା। ଇନ୍ଧନ ସଙ୍କଟକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ସରକାରୀ କର୍ମଚାରୀଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମେଟ୍ରୋ ଏବଂ ଡିଟିସି ବସରେ ଯାତ୍ରା କରୁଥିବା କର୍ମଚାରୀମାନେ ଏବେ ପ୍ରତି ମାସରେ ଏକ ଅତିରିକ୍ତ ପ୍ରୋତ୍ସାହନ (ଟଙ୍କା )ପାଇବେ। ଦିଲ୍ଲୀ ସରକାର ତାଙ୍କ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ ଏବଂ ବଢୁଥିବା ଇନ୍ଧନ ସଙ୍କଟର ସମାଧାନ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସରକାର ଏବେ କାମକୁ ଯିବା ପାଇଁ ଦିଲ୍ଲୀ ମେଟ୍ରୋ, ଡିଟିସି ବସ କିମ୍ବା ଅନ୍ୟାନ୍ୟ ସାର୍ବଜନୀନ ପରିବହନ ବ୍ୟବହାର କରୁଥିବା ସମସ୍ତ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ (ଅତିରିକ୍ତ ଭତ୍ତା) ପ୍ରଦାନ କରିବେ। ଅର୍ଥ ବିଭାଗ ଏହି ସମ୍ପୂର୍ଣ୍ଣ ଯୋଜନାର ରୂପରେଖ ପ୍ରସ୍ତୁତ କରିଛି ଏବଂ ଏହା ଖୁବ ଶୀଘ୍ର ସମସ୍ତ ବିଭାଗରେ କାର୍ଯ୍ୟକାରୀ ହେବ। ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଯଦି ଜଣେ ସରକାରୀ କର୍ମଚାରୀ ଦିଲ୍ଲୀ ପରିବହନ ନିଗମ ଦ୍ୱାରା ଜାରି କରାଯାଇଥିବା ଏକ କମନ ମୋବିଲିଟି କାର୍ଡ କ୍ରୟ କିମ୍ବା ରିଚାର୍ଜ କରିବାରେ ସେମାନଙ୍କର ମାସିକ ପରିବହନ ଭତ୍ତାର ଅତି କମରେ ୨୫ ପ୍ରତିଶତ ଖର୍ଚ୍ଚ କରନ୍ତି, ତେବେ ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ହେବେ। ଏହିପରି କର୍ମଚାରୀମାନେ ସେମାନଙ୍କର ମୋଟ ପରିବହନ ଭତ୍ତାର ୧୦ ପ୍ରତିଶତ ସହିତ ସମାନ ଅତିରିକ୍ତ ପ୍ରୋତ୍ସାହନ ପାଇବେ। ଏହି ପରିମାଣ ପ୍ରତି ମାସରେ ସେମାନଙ୍କ ଦରମାରେ ଯୋଡାଯିବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଯୋଜନା ବାଧ୍ୟତାମୂଳକ ନୁହେଁ ବରଂ ସମ୍ପୂର୍ଣ୍ଣ ଇଚ୍ଛାଧୀନ। ଏହି ଯୋଜନାର ଲାଭ ଉଠାଇବାକୁ ଚାହୁଁଥିବା କର୍ମଚାରୀ କିମ୍ବା ଅଧିକାରୀମାନଙ୍କୁ ସେମାନଙ୍କ ସମ୍ମତିରେ ଏକ କମନ ମୋବିଲିଟି କାର୍ଡ ପ୍ରଦାନ କରାଯିବ। ତଥାପି, ଯେଉଁମାନେ ଅଂଶଗ୍ରହଣ କରିବାକୁ ଚାହୁଁନାହାଁନ୍ତି ସେମାନେ ସେମାନଙ୍କର ବିଭାଗ ମୁଖ୍ୟଙ୍କୁ ଜଣାଇପାରିବେ। ସେମାନେ ପୂର୍ବ ପରି ସେମାନଙ୍କର ସାଧାରଣ ପରିବହନ ଭତ୍ତା ପାଇବେ। ଏହି ଯୋଜନା ବର୍ତ୍ତମାନ ଛଅ ମାସର ପ୍ରାରମ୍ଭିକ ଅବଧି ପାଇଁ କାର୍ଯ୍ୟକାରୀ ହେଉଛି। ଏହା ପରେ ସରକାର ଏହି ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପରିବର୍ତ୍ତନ ଏବଂ ସୁବିଧା ସମୀକ୍ଷା କରିବେ ଏବଂ ରିପୋର୍ଟ ଆଧାରରେ ଏହାକୁ ଆହୁରି ବୃଦ୍ଧି କରିପାରିବେ। ଦିଲ୍ଲୀ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଥିବା ସମସ୍ତ ସ୍ୱାୟତ୍ତ ସଂସ୍ଥା, ସ୍ଥାନୀୟ ସଂସ୍ଥା, ବୋର୍ଡ, ନିଗମ, ଏକାଡେମୀ ଏବଂ ଅନୁଦାନ ସହାୟତା ପ୍ରତିଷ୍ଠାନର କର୍ମଚାରୀମାନେ ମଧ୍ୟ ଯୋଗ୍ୟ ହେବେ। ଗତ ମାସରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏକ ୯୦ ଦିନିଆ "ମୋ ଭାରତ, ମୋର ଅବଦାନ" ଇନ୍ଧନ ସଂରକ୍ଷଣ ଅଭିଯାନ ଆରମ୍ଭ କରିଥିଲେ, ଯାହା ଅଧୀନରେ କର୍ମଚାରୀମାନଙ୍କୁ ସପ୍ତାହରେ ଦୁଇ ଦିନ ଘରୁ କାମ କରିବାର ବିକଳ୍ପ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଡିଟିସି ସଚିବାଳୟ ଏବଂ ମେଟ୍ରୋ ଷ୍ଟେସନ ମଧ୍ୟରେ ସ୍ୱତନ୍ତ୍ର ବସ ଚଳାଇବାକୁ ମଧ୍ୟ ନିଷ୍ପତ୍ତି ନେଇଛି ଯାହା ଦ୍ୱାରା ଲୋକମାନେ ସେମାନଙ୍କର ବ୍ୟକ୍ତିଗତ ଯାନବାହନ ପରିତ୍ୟାଗ କରି ସାର୍ବଜନୀନ ପରିବହନକୁ ଗ୍ରହଣ କରିପାରିବେ।




# ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିବ ସ୍ମାର୍ଟଫୋନ୍

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। କିଛି ଅଙ୍ଗନୱାଡ଼ି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଛି। ଏହି ସ୍ମାର୍ଟ ଫୋନ୍ ରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଆପ ରହିଛି। ଏହି ସ୍ମାର୍ଟ ଫୋନ ଜରିଆରେ ଗାଁ ଗାଁ ରେ ଅଙ୍ଗନୱାଡି କର୍ମୀ ମାନେ ହିତାଧିକାରୀଙ୍କୁ ବିଭାଗର ବିଭିନ୍ନ ଯୋଜନା ବାବଦରେ ଅବଗତ କରିବା ସହ ସମସ୍ୟାର ସମାଧାନ କରି ପାରିବେ। ଓଡ଼ିଶା ସରକାର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ପ୍ରାୟ ୮୦,୦୦୦ ସ୍ମାର୍ଟଫୋନ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶିଶୁ ଏବଂ ମା'ମାନଙ୍କର ପୋଷଣ ସ୍ଥିତିର ସଠିକ ତଥା ପ୍ରଭାବଶାଳୀ ତଦାରଖ ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ସ୍ମାର୍ଟଫୋନ ସାହାଯ୍ୟରେ 'ପୋଷଣ ଅଭିଯାନ'ର ବିଭିନ୍ନ କାର୍ଯ୍ୟକ୍ରମ, ଯେପରିକି ହିତାଧିକାରୀଙ୍କ ପଞ୍ଜୀକରଣ, ଦୈନନ୍ଦିନ ତଥ୍ୟ ଏଣ୍ଟ୍ରି, ପରିପୂରକ ପୋଷଣ ବଣ୍ଟନର ସମୀକ୍ଷା, ଶିଶୁଙ୍କ ଓଜନ ଓ ଉଚ୍ଚତା ବୃଦ୍ଧିର ମାପ ଏବଂ ପ୍ରାକ-ବିଦ୍ୟାଳୟ ଶିକ୍ଷା ଆଦିର ସହଜ ଏବଂ ଦକ୍ଷ ପରିଚାଳନା କରାଯାଇପାରିବ।

# ଭାରତ ପାଖରେ ଅଛି କେତେ ପରମାଣୁ ଅସ୍ତ୍ର
## ଚାଇନା-ପାକିସ୍ତାନକୁ ଲାଗିପାରେ ୪୪୦ ଭୋଲ୍ଟର ଝଟ୍‌କା

ନୂଆଦିଲ୍ଲୀ, ୧୩/୦୬ : ଅସ୍ତ୍ରଶସ୍ତ୍ର ଉପରେ ନଜର ରଖୁଥିବା ଏକ ବିଶ୍ୱସ୍ତରୀୟ ସଂସ୍ଥା ସିପ୍ରି ଭାରତକୁ ନେଇ ଏଲକ ଆଶ୍ଚର୍ଯ୍ୟଜନକ ଦାବି କରିଛି । ଭାରତ ଅତିକମ୍‌ରେ ବ୍ୟବହାର ପାଇଁ ୧୨ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ ରଖିଛି। ଏହା ସୂଚାଇଥାଏ ଯେ. କିଛି ପରମାଣୁ ଅସ୍ତ୍ର ଭାରତୀୟ ଯୁଦ୍ଧଜାହାଜ, ବୁଡ଼ାଜାହାଜ କିମ୍ବା ଅନ୍ୟାନ୍ୟ ସାମରିକ ପ୍ଲାଟଫର୍ମରେ ନିୟୋଜନ ପାଇଁ ନିରନ୍ତର ପ୍ରସ୍ତୁତ ରଖାଯାଇଛି ବୋଲି ଏକ ସାମ୍ପ୍ରତିକ ରିପୋର୍ଟରେ ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ, ଚାଇନା ଏବଂ ପାକିସ୍ତାନର ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଭାରତ ଏହି ପଦକ୍ଷେପ ନେଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଯଦି କୌଣସି ଦେଶ ତା' ବିରୋଧରେ ପରମାଣୁ ଆକ୍ରମଣ ଚେଷ୍ଟା କରେ ତେବେ ଭାରତ ତୁରନ୍ତ ପରମାଣୁ ପ୍ରତି ଆକ୍ରମଣ କରିବାର କ୍ଷମତା ରଖିଛି। ସିପ୍ରି ରିପୋର୍ଟ ଅନୁଯାୟୀ, ଭାରତ ଅତି କମରେ ୧୨ଟି ପରମାଣୁ ଅସ୍ତ୍ରଶସ୍ତ୍ର ନିୟୋଜିତ କରି ଏହାର ପରମାଣୁ ପ୍ରସ୍ତୁତିରେ ଯଥେଷ୍ଟ ପରିବର୍ତ୍ତନ ଆଣିଛି। ପୂର୍ବରୁ ଏହା ବିଶ୍ୱାସ କରାଯାଉଥିଲା ଯେ ଭାରତ ଏହାର ପରମାଣୁ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେମାନଙ୍କର ବିତରଣ ପ୍ରଣାଳୀ



ଠାରୁ ପୃଥକ ରଖିଛି। ବର୍ତ୍ତମାନର ରିପୋର୍ଟ ସୂଚାଇ ଦେଉଛି ଯେ, ଭାରତ ଏବେ କିଛି ଯୁଦ୍ଧାସ୍ତ୍ରକୁ ସେମାନଙ୍କର ବିତରଣ ପ୍ରଣାଳୀ ସହିତ ମିଳାଇଛି କିମ୍ବା ସେଗୁଡ଼ିକୁ ସାମରିକ ଘାଟିରେ ରଖିଛି, ଯେଉଁଠାରେ ସେମାନେ ତୁରନ୍ତ ବ୍ୟବହାର ପାଇଁ ପ୍ରସ୍ତୁତ ଅଛନ୍ତି। ଏହା ପ୍ରଥମ ଥର ପାଇଁ ଏକ ସିପ୍ରି ରିପୋର୍ଟରେ ଭାରତର ପରମାଣୁ ଅସ୍ତ୍ରଶସ୍ତ୍ରଗୁଡ଼ିକୁ କାର୍ଯ୍ୟକ୍ଷମ ନିୟୋଜନ ଅବସ୍ଥାରେ ଥିବା ଭାବରେ ବର୍ଣ୍ଣନା କରାଯାଇଛି। ପୂର୍ବ ରିପୋର୍ଟଗୁଡ଼ିକ ଭାରତର ପରମାଣୁ ଅସ୍ତ୍ରାଗାରକୁ କେବଳ ଏକ ଭଣ୍ଡାର ଭାବରେ ବର୍ଗୀକୃତ କରିଥିଲା। ରିପୋର୍ଟରେ କୁହାଯାଇଛି ଯେ ଜାନୁଆରୀ ୨୦୨୬ ସୁଦ୍ଧା, ଭାରତ ପାଖରେ ମୋଟ ୧୯୦ଟି ପରମାଣୁ ଅସ୍ତ୍ର ରହିଛି। ଏଥିମଧ୍ୟରୁ ୧୨ଟି କ୍ଷେପଣାସ୍ତ୍ର, ବୁଡ଼ାଜାହାଜ କିମ୍ବା ଯୁଦ୍ଧ ବିମାନ ଭଳି ଡେଲିଭରି ସିଷ୍ଟମ ସହିତ ସଂଯୋଗ କରାଯାଇଛି କିମ୍ବା କାର୍ଯ୍ୟକ୍ଷମ ବାହିନୀକୁ ରଖିବା ପାଇଁ ଆଧାରରେ ନିୟୋଜିତ କରାଯାଇଛି। ଏହା ଭାରତର ଦଶନ୍ଧି ପୁରୁଣା ପରମାଣୁ ଅସ୍ତ୍ରଗୁଡ଼ିକୁ ପୃଥକ ସଂରକ୍ଷଣରେ ରଖିବା ନୀତିରେ ପରିବର୍ତ୍ତନକୁ ସୂଚିତ କରେ। ଶାନ୍ତି ସମୟରେ ଭାରତ ଏହାର ପରମାଣୁ ଅସ୍ତ୍ରାଗାରଗୁଡ଼ିକୁ ସେମାନଙ୍କ ଲଞ୍ଚରଗୁଡ଼ିକଠାରୁ ପୃଥକ ରଖେ। କିନ୍ତୁ ସାମ୍ପ୍ରତିକ ପଦକ୍ଷେପ, ଯେପରିକି କ୍ୟାନିଷ୍ଟରରେ କ୍ଷେପଣାସ୍ତ୍ର ରଖିବା ଏବଂ ସାମୁଦ୍ରିକ ସୁରକ୍ଷା ପାଟ୍ରୋଲ ବୃଦ୍ଧି କରିବା ଶାନ୍ତି ସମୟରେ ମଧ୍ୟ କିଛି ପରମାଣୁ ଅସ୍ତ୍ରାଗାରକୁ ଲଞ୍ଚର ସହିତ ସଂଯୋଗ କରିବା ଦିଗରେ ଏକ ପରିବର୍ତ୍ତନକୁ ସୂଚିତ କରେ।

ରିପୋର୍ଟ ଅନୁଯାୟୀ, ଭାରତ ଅଗଷ୍ଟ ୨୦୨୪ ଠାରୁ ଦୁଇଟି ପରମାଣୁ ଅସ୍ତ୍ରଶସ୍ତ୍ର ବୁଡ଼ାଜାହାଜ – ଆଇଏନ୍‌ଏସ୍ ଆରିଘାଟ ଏବଂ ଆଇଏନ୍‌ଏସ୍ ଆରିଡାମାନଙ୍କୁ କାର୍ଯ୍ୟକ୍ଷମ କରିଛି। ଉଭୟ ବୁଡ଼ାଜାହାଜ ପରମାଣୁ କ୍ଷେପଣାସ୍ତ୍ର ବହନ କରିବାରେ ସକ୍ଷମ ଏବଂ ନିରାପତ୍ତା ଏବଂ ପ୍ରତିଶୋଧ କ୍ଷମତା ବଜାୟ ରଖିବା ପାଇଁ ଡିଜାଇନ କରାଯାଇଥିବା ମିଶନ ପ୍ରତିରୋଧ ପାଟ୍ରୋଲ ପାଇଁ ଅନୁମତି ଦିଆଯାଇଛି। ଏହିପରି ପରମାଣୁ ଅସ୍ତ୍ରଶସ୍ତ୍ର ବୁଡ଼ାଜାହାଜଗୁଡ଼ିକୁ ଦୀର୍ଘ ଦୂରଗାମୀ ପାଟ୍ରୋଲ ପାଇଁ ନିୟୋଜିତ କରାଯାଏ, ସାମରିକ ନେତୃତ୍ୱ ସହିତ ସମୟ ସମୟରେ ଯୋଗାଯୋଗ ବଜାୟ ରଖି ମାସ ମାସ ଧରି ସମୁଦ୍ରରେ ରହିଥାଏ। ଭାରତର 'ପ୍ରଥମେ ବ୍ୟବହାର ନୁହେଁ' ନୀତିକୁ ଦୃଷ୍ଟିରେ ରଖି, ଏହି ବୁଡ଼ାଜାହାଜର ପ୍ରାଥମିକ ଉଦ୍ଦେଶ୍ୟ ପରମାଣୁ ଆକ୍ରମଣ ହେଲେ ପ୍ରତିଶୋଧମୂଳକ ଆକ୍ରମଣ କରିବା ବୋଲି ବିବେଚନା କରାଯାଏ।

ସିପ୍ରି ରିପୋର୍ଟ ଅନୁଯାୟୀ, ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଅସ୍ତ୍ରଶସ୍ତ୍ର ଅଛି, ଯଦିଓ ବର୍ତ୍ତମାନ କୌଣସିଟି କାର୍ଯ୍ୟକ୍ଷମ ନିୟୋଜିତ ନାହିଁ। ରିପୋର୍ଟ ସୂଚିତ କରେ ଯେ, ଭାରତ ପାକିସ୍ତାନ ତୁଳନାରେ ଅଧିକ ଦ୍ରୁତ ଗତିରେ ଏହାର ପରମାଣୁ ଅସ୍ତ୍ରଶସ୍ତ୍ର ବିସ୍ତାର କରୁଛି ଏବଂ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଭାବରେ ନିବେଶ କରୁଛି।

# ପେଣ୍ଟାଗନରେ ବିପଜ୍ଜନକ ସାମଗ୍ରୀ ଠାବ

ୱାଶିଂଟନ, ୧୩/୦୬ : ଆମେରିକାର ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟ 'ପେଣ୍ଟାଗନ୍' ପରିସରରେ ସନ୍ଦେହଜନକ ରାସାୟନିକ ବା ବିପଜ୍ଜନକ ସାମଗ୍ରୀ ଠାବ କରାଯାଇଛି। ଏହାକୁ ନେଇ ପେଣ୍ଟାଗନରେ ଜରୁରିକାଳୀନ ସ୍ଥିତି ଦେଖାଦେଇଛି। ଏହା ପରେ କୋଠାର ଏକାଧିକ ମହଲାକୁ ଲକ୍‌ଡାଉନ୍ କରାଯିବା ସହ କର୍ମଚାରୀମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ବାହାରକୁ ସ୍ଥାନାନ୍ତର କରାଯାଉଛି। ପେଣ୍ଟାଗନ୍ ମୁଖପାତ୍ର ସନ୍ ପାର୍ନେଲ୍ ନିଶ୍ଚିତ କରିଛନ୍ତି ଯେ, ବିଲ୍‌ଡିଂ ଭିତରେ ଥିବା ସ୍ୱତନ୍ତ୍ର ମନିଟରିଂ ସିଷ୍ଟମ୍ ଏକ 'ବାୟୁ ଗୁଣବତ୍ତା ସମସ୍ୟା' ଚିହ୍ନଟ କରିଛି। ଏହା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ତୁରନ୍ତ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପେଣ୍ଟାଗନ୍ ମୁଖପାତ୍ର ସନ୍ ପାର୍ନେଲ୍ ଏକ ଇମେଲ୍ ଜରିଆରେ କହିଛନ୍ତି ଯେ କାର୍ଯ୍ୟାଳୟ ଏବଂ ଏଥିରେ ଥିବା କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ପେଣ୍ଟାଗନ୍ ?ରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସେହି ସିଷ୍ଟମ୍ ଏକ ବାୟୁ ଗୁଣବତ୍ତା ସମସ୍ୟା ଚିହ୍ନଟ କରିଛି। ଏହାର ପ୍ରକୃତ କାରଣ ଜଣାପଡ଼ିବା ପର୍ଯ୍ୟନ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ମନ୍ତ୍ରଣାଳୟ ପକ୍ଷରୁ ମାନକ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ପ୍ରଭାବିତ ଅଞ୍ଚଳରେ ଥିବା ଲୋକଙ୍କୁ ସେହି ସ୍ଥାନରେ ସୁରକ୍ଷିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଉଦ୍ଧାରକାରୀ ଦଳ ସେଠାରେ ପ୍ରସ୍ତୁତ ଅଛନ୍ତି। ବିଶାଳ ପେଣ୍ଟାଗନ୍ କମ୍ପ୍ଲେକ୍ସର କରିଡର ୪ ରୁ ୭ ମଧ୍ୟରେ ଥିବା ୨ୟ ମହଲାରୁ ୫ମ ମହଲା ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ଲକ୍‌ଡାଉନ୍ କରି ଦିଆଯାଇଛି। ବିଲ୍‌ଡିଂ ଭିତରେ ଥିବା ସୁରକ୍ଷାକର୍ମୀ ଏବଂ ପୁଲିସ ଅଧିକାରୀମାନେ ସମ୍ପୂର୍ଣ୍ଣ କେମିକାଲ୍ ପ୍ରୋଟେକ୍ଟିଭ୍ ଗିୟର ଏବଂ ଗ୍ୟାସ୍ ମାସ୍କ ପିନ୍ଧି ସ୍ଥିତି ଉପରେ ନଜର ରଖିଛନ୍ତି। ମଧ୍ୟ ପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବଂ ଆମେରିକା ଉପରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ପେଣ୍ଟାଗନ୍‌ରେ ଏଭଳି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନିଆଯାଉଛି।

# ପିଏମ ମୋଦିଙ୍କୁ 'ଡୋୟନ' କହିଲା ରୁଷିଆ

ନୂଆଦିଲ୍ଲୀ, ୧୩/୦୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ଭାବେ ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ସେବା ପ୍ରଦାନ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୪,୩୧୯ ଦିନର କାର୍ଯ୍ୟକାଳ ସହିତ ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ଏହି ସଫଳତା ପାଇଁ ରୁଷିଆ ସମେତ ବିଶ୍ୱର ଅନେକ ଦେଶର ନେତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୁଷିଆ ପିଏମ ମୋଦିଙ୍କୁ 'ଡୋୟନ' (ଡକ୍ଟଇରଭ) ବୋଲି ସମ୍ବୋଧନ କରିଛି। ଏହା ପରେ ଏହି ଶବ୍ଦଟି ଚର୍ଚ୍ଚାର ବିଷୟ ପାଲଟିଛି। ଆସନ୍ତୁ ଜାଣିବା, ପ୍ରକୃତରେ 'ଡୋୟନ'ର ଅର୍ଥ କ'ଣ ଏବଂ ରୁଷିଆ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ଏହି ଶବ୍ଦ କାହିଁକି ବ୍ୟବହାର କଲା। ରୁଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ 'କ୍ରେମଲିନ'ର ମୁଖପାତ୍ର ଦିମିତ୍ରୀ ପେସ୍କୋଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ଜୁନ ୧୦ ତାରିଖ ସୁଦ୍ଧା ସେ ସମସ୍ତ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ସବୁଠାରୁ ଦୀର୍ଘ ସମୟ ଧରି ପଦବୀରେ ରହିଥିବା ନେତା ପାଲଟିଛନ୍ତି। ନିଜର ଏକ ଭିଡିଓ ବାର୍ତ୍ତାରେ ପେସ୍କୋଭ କହିଛନ୍ତି ଯେ, 'ଡୋୟନ' ସେହି ବ୍ୟକ୍ତିଙ୍କୁ କୁହାଯାଏ, ଯିଏ କୌଣସି ପଦବୀରେ ସବୁଠାରୁ ଦୀର୍ଘ ସମୟ ଧରି ରହିଥାନ୍ତି କିମ୍ବା ନିଜ କ୍ଷେତ୍ରରେ ସବୁଠାରୁ ବରିଷ୍ଠ ଏବଂ ଅଭିଜ୍ଞ ବୋଲି ବିବେଚିତ ହୁଅନ୍ତି। ଏହି କାରଣରୁ ପିଏମ ମୋଦିଙ୍କୁ 'ଡୋୟନ ଅଫ ଇଣ୍ଡିଆନ ପ୍ରାଇମ ମିନିଷ୍ଟର୍ସ' (ଭାରତୀୟ ପ୍ରଧାନମନ୍ତ୍ରୀମାନଙ୍କ ମଧ୍ୟରେ ସବୁଠାରୁ ବରିଷ୍ଠ/ଅଭିଜ୍ଞ) ବୋଲି କୁହାଯାଇଛି। ମସ୍କୋସ୍ଥିତ ଭାରତୀୟ ଦୂତାବାସ ମଧ୍ୟ ପେସ୍କୋଭଙ୍କର ଏହି ବାର୍ତ୍ତାକୁ ଶେୟାର୍ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ଭାବେ ୪,୩୧୯ ଦିନ ଧରି ପ୍ରଧାନମନ୍ତ୍ରୀ ପଦରେ ରହି ଏକ ନୂଆ ଇତିହାସ ରଚିଛନ୍ତି। ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ୪,୩୧୮ ଦିନର ରେକର୍ଡକୁ ଭାଙ୍ଗିଛନ୍ତି। ମୋଦି ପ୍ରଥମ ଥର ପାଇଁ ୨୬ ମେ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ।

# ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଲା 'ଧାମ' ଶବ୍ଦ

କୋଲକାତା, ୧୩/୦୬ : ଶେଷରେ ଦୀଘା ଜଗନ୍ନାଥ ମନ୍ଦିରରୁ ହଟିଛି 'ଧାମ' ଶବ୍ଦ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁରୋଧକ୍ରମେ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ। ସେ କହିଛନ୍ତି, ପୁରୀ ରୀତିନୀତି ଅନୁଯାୟୀ ଦୀଘାରେ ପୂଜାପାଠ ହେବ। ଦୀଘା ଜଗନ୍ନାଥ ଧାମ ହେବ ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ଏବଂ ସରକାରୀ ନଥିରେ ସାଂସ୍କୃତିକ କେନ୍ଦ୍ର ଭାବରେ ରହିବ। ପଶ୍ଚିମବଙ୍ଗର ଦୀଘାଠାରେ ତତ୍କାଳୀନ ତୃଣମୂଳ ସରକାର ଏକ ଜଗନ୍ନାଥ ମନ୍ଦିର ନିର୍ମାଣକରି ତାହାର ଉଦ୍‌ଘାଟନ କରିଥିଲେ। ଉକ୍ତ ଜଗନ୍ନାଥ ମନ୍ଦିରର ନାମ 'ଜଗନ୍ନାଥ ଧାମ ଦୀଘା' ବୋଲି ଉଲ୍ଲେଖ କରାଯାଇଥିଲା। ତେବେ ସେହି ମନ୍ଦିରର ନାମକରଣକୁ ନେଇ ପ୍ରଥମରୁ ବିବାଦ ଦେଖିବାକୁ ମିଳିଥିଲା। ତେଣୁ ଦୀଘା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ହଟାଇବାକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ପଶ୍ଚିମବଙ୍ଗର ଭାଜପା ସରକାର ସେହି ନାମରୁ 'ଧାମ' ଶବ୍ଦ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ନିଷ୍ପତ୍ତି ନେଇ ଧମ ଶବ୍ଦକୁ ହଟାଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଅଧିକାରୀ ଏନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଦୀଘା ଜଗନ୍ନାଥ ମନ୍ଦିର ନାଁରେ ଧାମ ଯୋଡ଼ିବା ସନାତନ ଓ ଭାରତୀୟ ସଂସ୍କୃତି ସହ ଠିକ୍ ହୋଇନାହିଁ। ଏ ବାବଦରେ ସମସ୍ତ ପ୍ରକାର କାଗଜପତ୍ର ସେ ଦେଖିଛନ୍ତି। ପଶ୍ଚିମବଙ୍ଗର ପୂର୍ବ ସରକାର ଏହାର ନାମ ଶ୍ରୀ ଶ୍ରୀ ଜଗନ୍ନାଥ ଧାମ କଲ୍‌ଚରାଲ ସେଣ୍ଟର ରଖିଥିଲେ। ଟେକ୍ନିକାଲି ଗତ ସରକାର ଏହାକୁ ସରକାରୀ ନାମକରଣ ଭାବେ ପ୍ରସ୍ତୁତ କରିଛନ୍ତି। ଏହା ଭିତରେ ଧାମ ଶବ୍ଦ ଭର୍ତ୍ତି କରିଦେଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏନେଇ ଯେଉଁ ଚିଠି ଲେଖିଛନ୍ତି, ତାକୁ ସ୍ୱୀକାର କରୁଛି। ତୁରନ୍ତ ଧାମ ଶବ୍ଦ ସେହି ନାମକରଣରୁ ହଟାଇଦିଆଯିବ। ମାତ୍ର ଜଗନ୍ନାଥଙ୍କ ପୂଜା ସନାତନ ଧର୍ମରେ ଯେଉଁଭଳି ହୁଏ ସେନେଇ ଯାହା ଉଲ୍ଲେଖ ଅଛି ସେହିଭଳି କରାଯିବ। ରିଜୋଲ୍ୟୁଶନ ଯେଉଁଭଳି ହୋଇଛି ସବୁ ସେମିତି ଚାଲିବ, ହେଲେ ଧାମ ଶବ୍ଦ ହଟାଇ ଦିଆଯିବ। ହେଲେ ମନ୍ଦିରରେ ପୂଜାପାଠ, ପ୍ରସାଦ ପ୍ରସ୍ତୁତିଠାରୁ ସବୁକିଛି ମନ୍ଦିରଗୁଡ଼ିକରେ ଯେଉଁଭଳି କରାଯାଏ ସେମିତି ଚାଲିବ। ପୂର୍ବ ସରକାର ରାଜନୀତି କରିବାକୁ ସନାତନ ଧର୍ମ ବିରୋଧୀ କାର୍ଯ୍ୟ କରିଥିଲେ, ତାକୁ ପରିବର୍ତ୍ତନ କରାଯିବ। ଏକଥା ତାଙ୍କ ମନରେ ମଧ୍ୟ ଥିଲା। ଜଗନ୍ନାଥଙ୍କ ପୃଥିବୀରେ ଅଗଣିତ ଭକ୍ତ ଅଛନ୍ତି, ସମସ୍ତଙ୍କୁ ଏକଥା କହୁଛୁ ଧାମ ଶବ୍ଦ ହଟାଯିବ। ଆଗକୁ ଦୀଘା ସ୍ଥିତ ମନ୍ଦିରର ନାମ ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ହେବ।

# ଦିଦିଙ୍କୁ ଝଟ୍‌କା ପରେ ଝଟ୍‌କା : ପୁଣି ଏମ୍‌ପି ଦେଲେ ଇସ୍ତଫା



କୋଲକାତା, ୧୩/୦୬ : ତୃଣମୂଳ କଂଗ୍ରେସ (ଟିଏମସି)କୁ ଆଉ ଏକ ଝଟକା ଲାଗିଛି। ଏମ୍‌ପି ସୁସ୍ମିତା ଦେବ ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଏହା ପରେ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ଭେଟିଥିଲେ। ସୁସ୍ମିତା ଦେବ ୨୦୨୧ରେ ଟିଏମସିରେ ଯୋଗ ଦେଇଥିଲେ। ମମତାଙ୍କ ଦଳରେ ଯୋଗ ଦେବା ପୂର୍ବରୁ ସେ କଂଗ୍ରେସରେ ଥିଲେ। ସୁସ୍ମିତାଙ୍କ ପୂର୍ବରୁ ସୁଖେନ୍ଦୁ ଶେଖର ରାୟ ମଧ୍ୟ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହି ଇସ୍ତଫା ସୂଚାଇ ଦେଉଛି ଯେ, ଦଳ ଉପରେ ମମତାଙ୍କ ନିୟନ୍ତ୍ରଣ ଦୁର୍ବଳ ହେଉଛି। ବିଦ୍ରୋହୀ ନେତା ରୀତାବ୍ରତ ବାନାର୍ଜୀଙ୍କ ସମର୍ଥନରେ ପୂର୍ବରୁ ୬୧ ଜଣ ବିଧାୟକ ବାହାରି ସାରିଛନ୍ତି ଏବଂ ବର୍ତ୍ତମାନ ସାଂସଦମାନେ ଅଲଗା ହେବାକୁ ବାଛିଛନ୍ତି। ସୁସ୍ମିତା ଆସାମର ସିଲଚରରୁ କଂଗ୍ରେସ ଲୋକ ସଭା ଏମ୍‌ପି ଥିଲେ। ୨୦୧୯ ନିର୍ବାଚନରେ ହାରିବା ପରେ, ସେ ଦଳ ଛାଡି ୨୦୨୧ରେ ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ। ସେ ଜାତୀୟ ମୁଖପାତ୍ର ହେବା ପାଇଁ ଦ୍ରୁତ ଗତିରେ ପଦପଦବୀରେ ଉଠିଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ରାଜ୍ୟ ସଭା ଆସନ ପ୍ରଦାନ କରାଯାଇଥିଲା। ବିଦ୍ରୋହୀ ଟିଏମସି ଏମ୍‌ପି କାକୋଲି ଘୋଷ କହିଛନ୍ତି, ପ୍ରାୟ ୨୦ ଜଣ ଦଳୀୟ ଏମ୍‌ପି ଏନଡିଏରେ ଯୋଗଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ସମ୍ପର୍କରେ ଏକ ଚିଠି ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ପ୍ରଦାନ କରାଯାଇଛି। ଏହି ଅଶାନ୍ତି ମଧ୍ୟରେ, ତୃଣମୂଳ କଂଗ୍ରେସ ଏମ୍‌ପି ପାର୍ଥ ଭୌମିକ ଜାତୀୟ ରାଜଧାନୀରେ ଥିବା ସରକାରୀ ବଙ୍ଗଳାକୁ ଆନୁଷ୍ଠାନିକ ଭାବରେ ଖାଲି କରିଥିଲେ। ଏହା ଦଳର ପ୍ରାଥମିକ କାର୍ଯ୍ୟକ୍ଷମ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା। ଦଳର ବରିଷ୍ଠ ନେତା କଲ୍ୟାଣ ବାନାର୍ଜୀ କାକୋଲି ଘୋଷଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀକୁ ଟାର୍ଗେଟ କରିଛନ୍ତି। ଯଦି ଜଣେ ନେତା ତୃଣମୂଳ କଂଗ୍ରେସ ସହିତ ରହିବାକୁ ଚାହାଁନ୍ତି ନାହିଁ କିମ୍ବା ଦଳ ସହିତ ଗମ୍ଭୀର ମତଭେଦ ରଖନ୍ତି, ତେବେ ନୈତିକ ଭାବରେ ସଠିକ କାର୍ଯ୍ୟପନ୍ଥା ହେଉଛି ସେମାନଙ୍କ ପଦବୀରୁ ଇସ୍ତଫା ଦେବା।

# ଝିଅର ନିର୍ବନ୍ଧ ପୂର୍ବରୁ ହଠାତ୍ ଫେରାର୍ ହୋଇଗଲେ ମାଆ

ମୁମ୍ବାଇ, ୧୩/୦୬ : ଝିଅର ନିର୍ବନ୍ଧକୁ ଥିଲା ଆଉ ମାତ୍ର ୫ ଦିନ। ପ୍ରସ୍ତୁତିରେ ଲାଗିପଡ଼ିଥିଲା ପୂରା ପରିବାର। ନିର୍ବନ୍ଧ ପାଇଁ ସମ୍ପର୍କୀୟମାନେ ବି ଘରକୁ ଆସୁଥାନ୍ତି। ସେପଟେ ଚାଲିଥାଏ ସାଜସଜା। ଘରେ ଥାଏ ପୂରା ଖୁସିର ମାହୋଲ। ହେଲେ ଏହାରି ଭିତରେ ଘଟିଗଲା ଏକ ଅଭାବନୀୟ ଘଟଣା। ଯାହା ପୂରା ପରିବାରକୁ ଚିନ୍ତାରେ ପକାଇଦେଇଥିଲା । କାରଣ ହଠାତ ଖବର ଆସିଥିଲା ଝିଅର ମାଆ ନିଖୋଜ ହୋଇଯାଇଛନ୍ତି। ରିପୋର୍ଟ ଅନୁସାରେ, ଏହି ଘଟଣା ମହାରାଷ୍ଟ୍ରର ଜଲଗାଓଁ ଜିଲାର ଜାମନେର ଟାଉନରେ ଘଟିଛି। ତେବେ ଘଟଣା ଜଣାପଡ଼ିବା ପରେ ପରିବାରରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ପରିବାର ଲୋକେ ମହିଳାଙ୍କୁ ସବୁଆଡ଼େ ଖୋଜିଥିଲେ। ଏମିତିକି ତାଙ୍କର ସବୁ ବନ୍ଧୁ ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ମଧ୍ୟ ଯୋଗାଯୋଗ କରିଥିଲେ। ହେଲେ ପ୍ରାୟ ୨ ଦିନ ଧରି ଏଭଳି ଖୋଜିବା ପରେ ବି ମହିଳାଙ୍କର କେଣସି ସନ୍ଧାନ ମିଳିନଥିଲା। ହେଲେ ଦୁଇ ଦିନ ପରେ ଘଟଣାରେ ଆସିଲା ଟ୍ୱିଷ୍ଟ। ପରିବାରର ଜଣେ ସମ୍ପର୍କୀୟ ଦେଇଥିଲେ ଏକ ଚାଞ୍ଚଲ୍ୟକର ତଥ୍ୟ। ସେ କହିଥିଲେ ଝିଅର ମାଆ ଅନ୍ୟତ୍ର ବିବାହ କରିଛନ୍ତି। ଏମିତିକି ସେ ଏହାର ହ୍ୱାଟ୍‌ସଆପ ଷ୍ଟାଟସ ମଧ୍ୟ ଦେଖାଇଥିଲେ। ଯାହାକୁ ଦେଖି ପରିବାର ଲୋକଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ଜଣାପଡ଼ିଥିଲା ଯେ, ମହିଳା ଜଣକ ଏକ ମନ୍ଦିରରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଛନ୍ତି। ଆଉ ଉକ୍ତ ବ୍ୟକ୍ତି ଜଣକ ସୋସିଆଲ ମିଡିଆରେ ଫଟୋ ସେୟାର କରିଥିଲେ। ରିପୋର୍ଟ ଅନୁସାରେ, ଏହାପରେ ପରିବାର ଜାମନେର ପୋଲିସରେ ଅଭିଯୋଗ କରିଥିଲେ। ଆଗକୁ ଝିଅର ନିର୍ବନ୍ଧ ହେବାକୁ ଥିବାରୁ ଲୋକଲଜ୍ଜା ଏବଂ ମାନସମ୍ମାନ ତଳେ ପଡ଼ିବା ଭୟରେ ପରିବାର ପୋଲିସକୁ ଏହି ଫଟୋକୁ ସୋସିଆଲ ମିଡିଆରେ ଯେପରି ଅଧିକ ସେୟାର ନହେବ ସେଥିପାଇଁ ଅନୁରୋଧ କରିଥିଲେ। ତେବେ ଏହି ଘଟଣା ଜଲଗାଁଓ ଅଞ୍ଚଳରେ ଚର୍ଚ୍ଚାର କାରଣ ପାଲଟିଛି।

# ଏଲନ୍ ମସ୍କଙ୍କୁ ଜୋରଦାର ଝଟକା

ୱାଶିଂଟନ୍, ୧୩/୦୬ : ଏଲନ ମସ୍କଙ୍କୁ ଏକ ବଡ଼ ଝଟକା ଲାଗିଛି। ଭାରତ ସରକାର ଷ୍ଟାରଲିଙ୍କ ସେବା ଆରମ୍ଭ ପାଇଁ ଅନୁମୋଦନକୁ ବନ୍ଦ କରିଦେଇଛନ୍ତି। ଏହାର ଅର୍ଥ ହେଉଛି ଷ୍ଟାରଲିଙ୍କ ବର୍ତ୍ତମାନ ପାଇଁ ଭାରତରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିପାରିବ ନାହିଁ। ଇରାନ ସହିତ ସଂଘର୍ଷରେ ଷ୍ଟାରଲିଙ୍କ ସାଟେଲାଇଟ ଟର୍ମିନାଲ ବ୍ୟବହାର ପରେ ଉଠାଯାଇଥିବା ସୁରକ୍ଷା ଚିନ୍ତା ପରେ ଏହି ପଦକ୍ଷେପ ନିଆଯାଇଛି। କେନ୍ଦ୍ର ସରକାରଙ୍କ ସୁରକ୍ଷା ଏଜେନ୍ସିଗୁଡ଼ିକର ପରାମର୍ଶ ପରେ ଅନୁମୋଦନକୁ ସ୍ଥଗିତ ରଖାଯାଇଛି। ଷ୍ଟାରଲିଙ୍କ ବହୁତ ଦିନ ଧରି ଭାରତରେ ଏହାର ସାଟେଲାଇଟ ଇଣ୍ଟରନେଟ ସେବା ଆରମ୍ଭ କରିବାକୁ ଯୋଜନା କରୁଥିଲା। କମ୍ପାନୀ ଏକ ଅସ୍ଥାୟୀ ଲାଇସେନ୍ସ ମଧ୍ୟ ପାଇଥିଲା ଏବଂ ପରୀକ୍ଷଣ ମଧ୍ୟ ସମାପ୍ତ କରିଥିଲା। ସରକାର ଏବଂ କମ୍ପାନୀ ମଧ୍ୟରେ ଚୂଡ଼ାନ୍ତ ଅନୁମୋଦନ ସମ୍ପର୍କରେ ଆଲୋଚନା ଚାଲିଥିଲା। ତଥାପି, ଇରାନ ସହିତ ସଂଘର୍ଷ ସମୟରେ ଷ୍ଟାରଲିଙ୍କ ସାଟେଲାଇଟ ଟର୍ମିନାଲର ବ୍ୟବହାର ସରକାରଙ୍କ ଚିନ୍ତାକୁ ବୃଦ୍ଧି କରିଛି। ଯଦିଓ କମ୍ପାନୀର ଇରାନରେ ଲାଇସେନ୍ସ ନାହିଁ, ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ସେଠାରେ ଏହାର ସାଟେଲାଇଟ ଟର୍ମିନାଲ ବ୍ୟବହାର କରାଯାଉଛି। ସରକାର ଏବେ ଚିନ୍ତିତ ଯେ, ଏହି ଆମେରିକା ଭିତ୍ତିକ କମ୍ପାନୀକୁ ନିୟନ୍ତ୍ରଣ କରିବା ଭୂ-ରାଜନୈତିକ ଉତ୍ତେଜନା ସମୟରେ କଷ୍ଟକର ପ୍ରମାଣିତ ହୋଇପାରେ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଇରାନ ସହିତ ସଂଘର୍ଷ ପରେ ଭାରତ ସରକାର ସାଟେଲାଇଟ ଯୋଗାଯୋଗ ଉପରେ କଠୋର ମନୋଭାବ ଗ୍ରହଣ କରିଛନ୍ତି। ଜିଓ ଏବଂ ଏୟାରଟେଲ ଭଳି ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ କଡ଼ା ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ, ଷ୍ଟାରଲିଙ୍କ ଏହି ପ୍ରସଙ୍ଗ ସମ୍ପର୍କରେ ସରକାରଙ୍କ ସହିତ ଯୋଗାଯୋଗରେ ରହିଛି ଏବଂ ଡାଟା ଷ୍ଟୋରେଜ ନିୟମାବଳୀ ପାଳନ ଦାବି କରି ଏକ ସତ୍ୟପାଠ ଦାଖଲ କରିଛି। ଷ୍ଟାରଲିଙ୍କ ମୂଳ କମ୍ପାନୀ, ସ୍ପେସଏକ୍ସ, ବର୍ତ୍ତମାନ ଏକ ଆଇପିଓ ପାଇଁ ପ୍ରସ୍ତୁତ ହେଉଛି। ଜୁନ ୧୨ରେ ନାସଡାକରେ ଏହାର ଯୋଜନାବଦ୍ଧ ତାଲିକାଭୁକ୍ତ ହେବା ପୂର୍ବରୁ ଭାରତ ଅନୁମୋଦନକୁ ଅଟକାଇବା ନିଷ୍ପତ୍ତି କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧକ୍କା। ଚାଇନା ପୂର୍ବରୁ ଷ୍ଟାରଲିଙ୍କଙ୍କୁ ଏକ ବିପର୍ଯ୍ୟୟର ସମ୍ମୁଖୀନ କରିଛି ଏବଂ ଏବେ ଭାରତ ମଧ୍ୟ ଅନୁମୋଦନ ଦେବାକୁ ମନା କରିଦେଇଛି। ଷ୍ଟାରଲିଙ୍କ ବିଶ୍ୱ ପ୍ରସାରଣ ଏକ ଦୂର ସମ୍ଭାବନା ରହିଛି।

# ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ, ୧୩/୦୬ : ଶନିବାର ଦିନ ଆସାମର ଜୋରହାଟରେ ଥିବା ଭାରତୀୟ ବାୟୁସେନା ଘାଟିରେ ଏକ ବଡ଼ ଦୁର୍ଘଟଣା ଘଟିଛି। ବାୟୁସେନା ଘାଟିରେ ଅବତରଣ କରିବା ସମୟରେ ଏକ ଏଏନ-୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଦୁଇ ଖଣ୍ଡ ହୋଇଯାଇଛି। ଏହି ଘଟଣାରେ ୫ ଯବାନ ସହିଦ ହୋଇଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ବିମାନଟି ଅରୁଣାଚଳ ପ୍ରଦେଶରୁ ଜୋରହାଟ ଆସୁଥିଲା । ଦୁର୍ଘଟଣା ପରେ ବାୟୁସେନା ଘାଟିରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭାରତୀୟ ବାୟୁସେନା କହିଥିଲା, ଏଏନ-୩୨ ପରିବହନ ବିମାନ ଜୋରହାଟ ବାୟୁସେନା ଷ୍ଟେସନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଛି।

ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟିବା ସମୟରେ ବିମାନଟି ଏୟାରବେସରେ ଅବତରଣ କରିବାକୁ ଯାଉଥିଲା। ଏଏନ-୩୨ ବିମାନ ସାମରିକ ବାହିନୀ ପାଇଁ ଲଜିଷ୍ଟିକ୍ସ, ଉପକରଣ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପରିବହନ ପାଇଁ ବ୍ୟବହୃତ ହୋଇଥାଏ।

# ପୁଣି ବିଦେଶ ଗସ୍ତରେ ମୋଦୀ

ନୂଆଦିଲ୍ଲୀ, ୧୩/୦୬ : ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦୁଇ ଗୁରୁତ୍ୱପୂର୍ଣ୍ଣ ୟୁରୋପୀୟ ରାଷ୍ଟ୍ର ଗସ୍ତରେ ବାହାରିଛନ୍ତି। ଏହି ଯାତ୍ରା ସମୟରେ, ପ୍ରଧାନମନ୍ତ୍ରୀ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ କରିବେ। ଉଭୟ ଦେଶ ସହିତ ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ସେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଏହି ଗସ୍ତ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା ଏବଂ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବାରେ ଭାରତର ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି କୁହାଯାଉଛି।



ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପ୍ରଥମ ରହଣି ଫ୍ରାନ୍ସର ନିସ୍‌ରେ ହେବ। ସେ ଜୁନ୍ ୧୪ ତାରିଖରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ବୈଠକର ଏକ ପ୍ରମୁଖ ବିଷୟ ପ୍ରତିରକ୍ଷା ସହଯୋଗ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ସାମୁଦ୍ରିକ କ୍ଷେତ୍ରରେ ବଢୁଥିବା ରଣନୈତିକ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଦୁଇ ଦେଶ ବିଶେଷ ଭାବରେ ସେମାନଙ୍କର ସାମରିକ କ୍ଷମତା ଏବଂ ପ୍ରତିରକ୍ଷା ସହଭାଗୀତାକୁ ଆହୁରି ମଜବୁତ କରିବା ବିଷୟରେ ଆଲୋଚନା କରିବେ। ଦୁଇ ନେତା ଇଣ୍ଡିଆ ଇନୋଭେଟ୍ସ କାର୍ଯ୍ୟକ୍ରମର ମଧ୍ୟ ଉଦ୍‌ଘାଟନ କରିବେ। ଏଥିରେ ଷ୍ଟାର୍ଟଅପ୍ ଏବଂ ଭେଞ୍ଚର କ୍ୟାପିଟାଲ ପାଣ୍ଠି ଅଂଶଗ୍ରହଣ କରିବେ।

ପ୍ରଧାନମନ୍ତ୍ରୀ ଜୁନ୍ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ଲୋଭାକିଆ ଗସ୍ତ କରିବେ। ଏହି ଗସ୍ତ ଐତିହାସିକ ଭାବରେ ଗୁରୁତ୍ୱପୂର୍ଣ୍ଣ, କାରଣ ୧୯୯୩ ମସିହାରେ ସ୍ଲୋଭାକିଆ ସ୍ୱାଧୀନତା ପାଇବା ପରେ ସେଠାକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗସ୍ତ ହେବ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ରବର୍ଟ ଫିକୋ ଏବଂ ରାଷ୍ଟ୍ରପତି ପିଟର ପେଲେଗ୍ରୀନିଙ୍କ ସହ ସାକ୍ଷାତ କରିବେ। ବାଣିଜ୍ୟ, ନିବେଶ, ଅଟୋମୋବାଇଲ୍ ଏବଂ ରେଳ ନିର୍ମାଣ ଭଳି କ୍ଷେତ୍ରରେ ସହଯୋଗର ନୂତନ ମାର୍ଗ ଉପରେ ଆଲୋଚନା କରାଯିବାର ସମ୍ଭାବନା ରହିଛି।

ଗସ୍ତର ତୃତୀୟ ପର୍ଯ୍ୟାୟରେ, ପ୍ରଧାନମନ୍ତ୍ରୀ ଫ୍ରାନ୍ସ ଫେରିବେ ଏବଂ ଜୁନ୍ ୧୬-୧୭ ରେ ଇଭିଆନରେ ଜି-୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ। ସେଠାରେ ସେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରର ନେତାମାନଙ୍କ ସହିତ ବିଭିନ୍ନ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଜି-୭ ରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଭାରତକୁ ଗ୍ଲୋବାଲ ସାଉଥ୍‌ରୁ ଏକ ପ୍ରମୁଖ ସ୍ୱର ଭାବରେ ପ୍ରଦର୍ଶନ କରୁଛି।

ଗସ୍ତର ଶେଷ ପର୍ଯ୍ୟାୟରେ, ପ୍ରଧାନମନ୍ତ୍ରୀ ଜୁନ୍ ୧୮ ତାରିଖରେ ପ୍ୟାରିସ ଯାତ୍ରା କରିବେ। ସେଠାରେ ସେ ୟୁରୋପର ସର୍ବବୃହତ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଭିଭାଟେକ୍ ସମ୍ମିଳନୀରେ ଯୋଗଦେବେ। ସେ ପ୍ୟାରିସରେ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ମଧ୍ୟ ସମ୍ବୋଧିତ କରିବାର ଆଶା କରାଯାଉଛି। ଯାହା ଭାରତୀୟ ପ୍ରବାସୀମାନଙ୍କ ସହିତ ଭାରତର ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି କୁହାଯାଉଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସମ୍ପାଦକୀୟ

## ଗାଁର ଶାନ୍ତ ସୁନ୍ଦର ପରିବେଶ ଆଜି ଅଶାନ୍ତ

ଆଉ ଗାଁ ହୋଇ ନାହିଁ। ଗାଁର ଶାନ୍ତ ସୁନ୍ଦର ପରିବେଶ ଆଜି ଅଶାନ୍ତ ଓ ବିଶୃଙ୍ଖଳିତ। ରାଜନୀତିର ପ୍ରାବଲ୍ୟ, ନିଶାଗ୍ରସ୍ତ ଲୋକଙ୍କ ଦୌରାତ୍ମ୍ୟ ସର୍ବୋପରି ଚୋର, ଖଣ୍ଟ ଓ ଟାଉଟରଙ୍କ ପ୍ରାଦୁର୍ଭାବ ଗାଁ ବାତାବରଣକୁ କଳୁଷିତ କରି ସାରିଲେଣି। ବିଶେଷକରି ଗାଁର ଯୁବଗୋଷ୍ଠୀ ଆଜି ନିଶା ଦ୍ୱାରା କବଳିତ ହୋଇ ଗାଁରେ ବିଭିନ୍ନ ଆପରାଧିକ କାଣ୍ଡ ଘଟାଇ ଚାଲିଛନ୍ତି। ଏମାନେ ଏତେ ମାତ୍ରାରେ ଉଚ୍ଛୃଙ୍ଖଳିତ ହୋଇପଡ଼ିଛନ୍ତି ଯେ, ଗାଁର ବୟସ୍କ, ମୁରବୀ ଓ ଗୁରୁ ଗୁରୁଜନ କାହାକୁ ବି ମାନିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି। ଏମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ଗାଁର ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛି। ଯୁବଗୋଷ୍ଠୀ ଆଉ କିଛି ବୁଝିବା ଅବସ୍ଥାରେ ନାହାନ୍ତି। ଗାଁରେ କଳି ଝଗଡ଼ା, ମାରପିଟ ଓ ଗଣ୍ଡଗୋଳର ମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। କାଁ ଭାଁ ପରିବାରକୁ ଛାଡି ଦେଲେ ପ୍ରାୟ ସବୁ ପରିବାରରେ ଅଶାନ୍ତି ଓ ବିଶୃଙ୍ଖଳା। ପାରିବାରିକ କଳହ ଉଗ୍ରରୂପ ଧାରଣ କଲାଣି। ଅଧିକାଂଶ ପରିବାରରେ ବାପ ପୁଅ, ଭାଇ ଭାଇ ଆଉ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ରହୁନି। ସ୍ୱାର୍ଥ ପାଇଁ ଏବେ ରକ୍ତ ସମ୍ପର୍କ ବି ପର ହୋଇ ଯାଇଛି। କେହି କାହା କଥା ମାନିବାକୁ ପ୍ରସ୍ତୁତ ନୁହନ୍ତି। କେତେବେଳେ ନିଶା ସେବନ, ପୁଣି କେତେବେଳେ କରଜ ଟଙ୍କା ପରିଶୋଧ, ଆଉ କେତେବେଳେ ବାପା ବୋଉ ଓ ଜମିବାଡ଼ି ଭାଗ ବଣ୍ଟା ଆଦିକୁ ନେଇ ଲାଗୁଛି ବାଦ ବିବାଦ। ଏହି ପାରିବାରିକ ବିବାଦ ଏବେ ଘରର ଚାରିକାନ୍ଥ କିମ୍ବା ଗାଁ ଭିତରେ ସୀମିତ ନ ରହି ଥାନା କିମ୍ବା କୋର୍ଟ କଚେରି ମୁହାଁ ହେଲାଣି। ପରିବାରର ଗୋପନୀୟତା ଦାଣ୍ଡରେ ପଡି ହାଟରେ ଗଡୁଛି। ଅଯଥା ମାଲି ମକଦ୍ଦମାରେ ଛନ୍ଦି ହେଉଛନ୍ତି ଗାଁ ଲୋକେ।

ଆଗରୁ ଗାଁରେ ଦେଖା ଯାଉଥିବା ଯେକୌଣସି ବିବାଦ ସେହି ଗାଁରେ ହିଁ ସମାଧାନ ହେଉଥିଲା। ଗାଁର ଭଦ୍ରଲୋକମାନେ କେତେ କେତେ ଜଟିଳ ବିବାଦର ସହଜ ସମାଧାନ କରି ପାରୁଥିଲେ। ଆପୋସ ଆଲୋଚନା ମାଧ୍ୟମରେ ଉଭୟ ପକ୍ଷଙ୍କୁ ବସାଇ ସବୁକିଛି ସମାଧାନ କରା ଯାଉଥିଲା। ଗାଁ ଭୂଇଁରେ କେତେ କେତେ ଗଣ୍ଡଗୋଳ ଓ ମାରପିଟ ଯାଇଛି। ଜମିବାଡ଼ି ଭାଗବଣ୍ଟାକୁ ନେଇ ଭାଇ ଭାଇ ଭିତରେ ଲାଗିଥିବା ବିବାଦ ମେଣ୍ଟିଛି ।

ପାରିବାରିକ ସମସ୍ୟାର ସମାଧାନ ହୋଇଛି। ନିଜ ନିଜ ଭିତରେ ରହିଥିବା ତିକ୍ତତା ଦୂରେଇ ଯାଇ ପରିବାରର ଶାନ୍ତି ଫେରି ଆସିଛି। କୌଣସି ଘଟଣାକୁ ନେଇ ପରସ୍ପର ଭିତରେ ଛକାପଞ୍ଝା ଲାଗୁଥିବା ଲୋକେ ପୁଣି ଥରେ ହାତକୁ ହାତ ମିଳାଇଛନ୍ତି। ଘର ଭିତରେ ଛିଡ଼ା ହୋଇଥିବା ବିଭେଦର ପାଚେରି ଭାଙ୍ଗିଛି। ମୁହଁ ଚାହିଁବିନି ବୋଲି କହିଥିବା ଭାଇ ପୁଣି ଭାଇର କୋକେଇ କାନ୍ଧେଇ ମଶାଣିକୁ ନେଇଛି। ସବୁକିଛି ବିବାଦର ସମାଧାନ ନିର୍ଭର କରୁଥିଲା ଭଦ୍ରଲୋକଙ୍କ ଉଦ୍ୟମ ଆଉ ଉପସ୍ଥିତ ବୁଦ୍ଧି ଉପରେ। ଅନ୍ୟପକ୍ଷେ ନିଜ ମନ ଭିତରେ ଥିବା ଜିଦ୍‌ଖୋର ମନୋଭାବକୁ ତ୍ୟାଗ କରି ଲୋକେ ଭଦ୍ରଲୋକଙ୍କ ବିଚାରକୁ ଗ୍ରହଣ କରି ନେଉଥିଲେ। ଫଳରେ ଖୁବ୍ ବଡ଼ ବିବାଦ ବି ସହଜରେ ସମାଧାନ ହୋଇ ପାରୁଥିଲା। ଉଭୟ ପକ୍ଷଙ୍କୁ ସୁହାଇଲା ଭଳି ବିଚାର କରୁଥିଲେ ଭଦ୍ରଲୋକେ। ପୁଅଝିଅ ପ୍ରେମ ବ୍ୟାପାରକୁ ନେଇ ଗାଁରେ ବିବାଦ ସୃଷ୍ଟି ହେଉଥିଲା। ହେଲେ ଭଦ୍ରଲୋକମାନେ ପରିସ୍ଥିତିକୁ ଦେଖି ଠିକ୍ ନିଷ୍ପତ୍ତି ନେଉଥିଲେ। ଆବଶ୍ୟକ ପଡ଼ିଲେ ଉଭୟ ପକ୍ଷଙ୍କୁ ରାଜି କରାଇ ବିବାହ କାର୍ଯ୍ୟ ସମ୍ପନ୍ନ କରାଉଥିଲେ। ପରିବାର ଭିତରେ ଛୋଟ ଛୋଟ ଘଟଣାକୁ ନେଇ ଉପୁଜୁଥିବା କଳି ଝଗଡ଼ା ଓ ମନୋମାଳିନ୍ୟକୁ ଭଦ୍ରଲୋକମାନେ ବସି ଅତି ସହଜରେ ମେଣ୍ଟାଇ ଦେଉଥିଲେ। କଥା ଆଉ ଆଗକୁ ବଢୁ ନ ଥିଲା।

ଆଜି ସମୟ ବଦଳି ଯାଇଛି। ସମସ୍ତେ ନିଜ ହାତରେ ଚଉଦ ପା'। ଗାଁରେ ଆଉ ନ୍ୟାୟ ନିଶାପ ବସୁନି କି ଗାଁ ଭଦ୍ରଲୋକଙ୍କର ହସ୍ତକ୍ଷେପ ଲୋଡ଼ା ଯାଉନି । ଏବେ କଥା କଥାକେ ଲୋକେ ଥାନା ମୁହାଁ।

ଘର କରିଥିଲେ ପରସ୍ପର ମଧ୍ୟରେ କଥା କଟାକଟି, କଳି ଝଗଡ଼ା ଓ ମନୋମାଳିନ୍ୟ ହେବା କିଛି ନୂଆ କଥା ନୁହେଁ। ଏସବୁ ପୂର୍ବରୁ ହେଉଥିଲା ଓ ଆଜି ବି ହେଉଛି। ହେଲେ ଆଗରୁ ସେସବୁ ସେହି ଘର ଭିତରେ ସମାଧାନ ହୋଇ ଯାଉଥିଲା ବେଳେ ଏବେ କିନ୍ତୁ ଟିକେ ଟିକେ କଥାରେ ଲୋକେ ଥାନାକୁ ଦୌଡ଼ି ଯାଉଛନ୍ତି। ଏବେ ସକାଳୁ ସଞ୍ଜ ଥାନାରେ ଯେମିତି ହାଟ ବସିଛି। ପରିବାର ଭିତରେ ବାପପୁଅ, ସ୍ୱାମୀ ସ୍ତ୍ରୀ, ଭାଇ ଭାଇଙ୍କ ଭିତରେ ସାମାନ୍ୟ କଥାକୁ ନେଇ ଦେଖା ଦେଇଥିବା ବିବାଦ ଏବେ ଥାନା କୋର୍ଟ କଚେରିକୁ ଯାଉଛି। ଆଜିକାଲି ଗାଁ ଗାଁରେ ଜମିବାଡ଼ି ବିବାଦ ଅଧିକ ମାତ୍ରାରେ ଘଟୁଥିବା ଦେଖାଯାଉଛି। ମନ ଭିତରେ ରହୁଥିବା ଈର୍ଷା, ଅହଂକାର ଓ ଜିଦ୍‌ଖୋର ମନୋଭାବ ଯୋଗୁ କେହି କାହା ଆଗରେ ମୁଣ୍ଡ ନୋଇଁବାକୁ ରାଜି ନୁହନ୍ତି। ଫଳରେ ନଖରେ ଛିଡ଼ିବା ଜିନିଷ ଲାଗି କୁରାଢ଼ି ଲୋଡ଼ା ପଡୁଛି। ପରସ୍ପର ଭିତରେ ବୁଝାମଣାର ଅଭାବ ଯୋଗୁ ଛୋଟିଆ ଘଟଣାଟେ ଉଗ୍ରରୂପ ଧାରଣ କରୁଛି। ଫଳ ସ୍ୱରୂପ ଘର ଭାଙ୍ଗି ଯାଉଛି। ଥାନା ଓ କୋର୍ଟ କଚେରିକୁ ଦୌଡି ଦୌଡି ଅଯଥା ଆର୍ଥିକ ଓ ମାନସିକ ଶୋଷଣର ଶିକାର ହେବାକୁ ପଡୁଛି। ଶେଷରେ ଯେ ବିବାଦର ସମାଧାନ ହୋଇଯିବ ତା'ର ମାନେ ନାହିଁ। ତେବେ ଏକଥା ଲୋକେ ବୁଝି ନାହାନ୍ତି କାହିଁକି ?

ମନ ଭିତରେ ଥିବା ସବୁ ଗ୍ଲାନି ଓ ଅହଂକାରକୁ ପୋଛି ଦେଇ ଟିକେ ନଇଁ ପଡ଼ିଲେ ଯଦି ସବୁ କିଛିର ସମାଧାନ ହୋଇ ପାରିବ ତେବେ ଏଥିରେ କୁଣ୍ଠାବୋଧ କାହିଁକି ? ଉତ୍ତମ ବୁଝାମଣା ଓ ସୁସମ୍ପର୍କ ଭିତରେ ପାରିବାରିକ ଓ ସାମାଜିକ ଜୀବନକୁ ସୁଖମୟ କରିବାର ଭାବନା ସମସ୍ତଙ୍କ ଭିତରେ ଜାଗ୍ରତ ହେଉ। ଗାଁର ବୟସ୍କ, ମୁରବୀ ଓ ଭଦ୍ରଲୋକଙ୍କ ବିଚାରକୁ ମାନି ଲୋକେ ପରସ୍ପର ଭିତରେ ରହିଥିବା ସବୁ ବିବାଦର ସମାଧାନ କରିବାକୁ ଆଗେଇ ଆସନ୍ତୁ, ଏତିକି କାମନା।

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ବରିଷ୍ଠ ଆଇପିଏସ ସ୍ୱାତୀ ଏସ୍.କୁମାର

ଭୁବନେଶ୍ୱର, ୧୩/୦୬ (ଜେଏନ୍ଏସ୍) : ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳବଦଳ କଲେ ରାଜ୍ୟ ସରକାର। କେନ୍ଦ୍ରୀୟ ଡେପୁଟେସନରେ ଯିବେ ବରିଷ୍ଠ ଆଇପିଏସ ସ୍ୱାତୀ ଏସ୍.କୁମାର। ଏସଟିଏଫ୍ ରେ ଏସ୍‌ପି ଭାବରେ ସ୍ୱାତୀ ଏସ୍. କୁମାର କେନ୍ଦ୍ରୀୟ ଡେପୁଟେସନରେ ଯିବେ। ସେ ଆଇବି ଜଏଣ୍ଟ ଡେପୁଟି ଡାଇରେକ୍ଟର ଭାବେ ଦାୟିତ୍ୱରେ ଯୋଗଦେବା ନେଇ ଜଣାପଡିଛି। ଏ ନେଇ କେନ୍ଦ୍ରୀୟ ଡେପୁଟେସନ ନେଇ ଅନୁମତି ଦେଲେ ପୋଲିସ ଡିଜି ୱାଇ ବି ଖୁରାନିଆ। ବରିଷ୍ଠ ଆଇପିଏସ ସ୍ୱାତୀ ଏସ୍.କୁମାର ୨୦୧୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତି ସମୟରେ ମେ ୨୪ ତାରିଖରେ ଏସଟିଏଫ୍ ଏସ୍‌ପି ଭାବେ ଦାୟିତ୍ୱ ଦେଇଥିଲା ଗୃହ ବିଭାଗ।

## ମୋଦିଙ୍କ ୧୨ ବର୍ଷର ଶାସନ : ସଫଳତା, ଚ୍ୟାଲେଞ୍ଜ ଓ ଭାରତର ବଦଳୁଥିବା ପରିଚୟ



ସିତାଂଶୁ ଶେଖର ମିଶ୍ର

ଭାରତୀୟ ଗଣତନ୍ତ୍ରର ଇତିହାସରେ କୌଣସି ନେତାଙ୍କ ପାଇଁ ଲଗାତାର ଏକ ଦଶନ୍ଧିରୁ ଅଧିକ ସମୟ ଶାସନ କ୍ଷମତାରେ ରହିବା ଏକ ବିରଳ ଘଟଣା। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନରେନ୍ଦ୍ର ମୋଦି ବର୍ତ୍ତମାନ ୧୨ ବର୍ଷରୁ ଅଧିକ ସମୟ ଧରି ଦେଶର ନେତୃତ୍ୱ କରୁଛନ୍ତି। ଏହି ଦୀର୍ଘ ଅବଧିରେ ଭାରତର ଅର୍ଥନୀତି, ବୈଦେଶିକ ନୀତି, ଭିତ୍ତିଭୂମିର ବିକାଶ, ସାମାଜିକ କଲ୍ୟାଣ, ପ୍ରଯୁକ୍ତି ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଇଛି।

ତେବେ ଏହି ସମୟକୁ କେବଳ ସଫଳତାର କାହାଣୀ ବା କେବଳ ସମାଲୋଚନାର ଆଧାରରେ ବିଚାର କରିହେବ ନାହିଁ; ବରଂ ଏହାକୁ ସଫଳତା ଓ ଚ୍ୟାଲେଞ୍ଜର ଏକ ସମନ୍ୱିତ ଅଧ୍ୟାୟ ଭାବରେ ଦେଖିବା ଆବଶ୍ୟକ।

ବିଶ୍ୱ ମଞ୍ଚରେ ଭାରତର ବଢ଼ିଥିବା ପ୍ରଭାବ- ମୋଦି ସରକାରର ସବୁଠାରୁ ଅଧିକ ଚର୍ଚ୍ଚିତ ସଫଳତା ହେଉଛି ବୈଦେଶିକ ନୀତି କ୍ଷେତ୍ରରେ ଭାରତର ପ୍ରଭାବ ବୃଦ୍ଧି। ଆଜି ଭାରତ କେବଳ ଦକ୍ଷିଣ ଏସିଆର ଏକ ପ୍ରମୁଖ ଶକ୍ତି ନୁହେଁ, ବରଂ ବିଶ୍ୱ ରାଜନୀତି ଓ ଅର୍ଥନୀତିର ଏକ ପ୍ରଭାବଶାଳୀ ଅଂଶୀଦାର ଭାବେ ଉଭା ହୋଇଛି।

ଜି-୨୦ ଶିଖର ସମ୍ମିଳନୀର ସଫଳ ଆୟୋଜନ, ବିଶ୍ୱ ଦକ୍ଷିଣର ସ୍ୱର ଭାବେ ଭାରତର ଉଦୟ, ଆମେରିକା, ୟୁରୋପ, ଜାପାନ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସହ ସମ୍ପର୍କର ସୁଦୃଢ଼ୀକରଣ ଏବଂ ରୁଷ-ୟୁକ୍ରେନ ସଂଘର୍ଷ ପରି ପରିସ୍ଥିତିରେ ସନ୍ତୁଳିତ କୂଟନୀତି ଭାରତର ଆନ୍ତର୍ଜାତିକ ମର୍ଯ୍ୟାଦାକୁ ବୃଦ୍ଧି କରିଛି।

ଅର୍ଥନୀତି : ବୃଦ୍ଧି ସହ ଅସମାନତାର ପ୍ରଶ୍ନ- ଗତ ୧୨ ବର୍ଷରେ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଡିଜିଟାଲ ଅର୍ଥବ୍ୟବସ୍ଥା, ଷ୍ଟାର୍ଟଅପ୍ ପରିବେଶ, ଉତ୍ପାଦନ କ୍ଷେତ୍ରରେ ପ୍ରୋତ୍ସାହନ, କର ବ୍ୟବସ୍ଥାର ସଂସ୍କାର ଓ ବିଦେଶୀ ପୁଞ୍ଜି ନିବେଶ ଆକର୍ଷଣ ଦ୍ୱାରା ଅର୍ଥନୀତିକୁ ନୂଆ ଗତି ମିଳିଛି।

କିନ୍ତୁ ଏହା ସହିତ ବେକାରୀ, ଆୟ ବୈଷମ୍ୟ, କୃଷି କ୍ଷେତ୍ରର ସଙ୍କଟ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଚ୍ୟାଲେଞ୍ଜ ନେଇ ପ୍ରଶ୍ନ ଉଠିଛି। ବିମୁଦ୍ରାକରଣ ଓ ବସ୍ତୁ ଓ ସେବା କରର ପ୍ରାରମ୍ଭିକ ପ୍ରଭାବ ନେଇ ଅନେକ ଅର୍ଥନୀତିବିତ୍ ସମାଲୋଚନା ମଧ୍ୟ କରିଛନ୍ତି।

ଡିଜିଟାଲ ଭାରତର ବିପ୍ଲବ- ଡିଜିଟାଲ କ୍ଷେତ୍ରରେ ଭାରତର ସଫଳତା ନିଶ୍ଚିତ ଭାବରେ ଉଲ୍ଲେଖନୀୟ। ଆଧାର, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ), ଡିଜିଟାଲ ଦେୟ ବ୍ୟବସ୍ଥା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଏବଂ ସରକାରୀ ସେବାର ଡିଜିଟାଲୀକରଣ ଦେଶକୁ ଏକ ନୂଆ ପରିଚୟ ଦେଇଛି।

ଆଜି ଭାରତ ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ ଦେୟ ବ୍ୟବସ୍ଥାର ଏକ କେନ୍ଦ୍ର ଭାବେ ପରିଚିତ। ଏହା ସ୍ୱଚ୍ଛତା ବୃଦ୍ଧି ସହିତ ଦୁର୍ନୀତି ନିୟନ୍ତ୍ରଣରେ ମଧ୍ୟ ସହାୟକ ହୋଇଛି।

ପାଇପାରିକ ଭିତ୍ତିଭୂମି : ଦୃଶ୍ୟମାନ ପରିବର୍ତ୍ତନ- ଗତ ଦଶନ୍ଧିରେ ରାଜପଥ, ରେଳପଥ, ବିମାନବନ୍ଦର, ବନ୍ଦର ଓ ମେଟ୍ରୋ ପ୍ରକଳ୍ପରେ ରେକର୍ଡ ପରିମାଣର ନିବେଶ ହୋଇଛି। ଗ୍ରାମୀଣ ସଡ଼କ, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଏବଂ ଘର ନିର୍ମାଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଲୋକ ଉପକୃତ ହୋଇଛନ୍ତି।

ଏହି ପରିବର୍ତ୍ତନ ଭାରତର ଆର୍ଥିକ ଗତିଶୀଳତାକୁ ସହାୟତା କରିଥିବା ବେଳେ, କେତେକ ଅଞ୍ଚଳରେ ଭୂମି ଅଧିଗ୍ରହଣ, ପରିବେଶୀୟ ପ୍ରଭାବ ଓ ଆଞ୍ଚଳିକ ବୈଷମ୍ୟ ନେଇ ଆଲୋଚନା ଜାରି ରହିଛି।

ସାମାଜିକ କଲ୍ୟାଣ ଓ ଦରିଦ୍ରମୁଖୀ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ଏବଂ ମାଗଣା ଖାଦ୍ୟଶସ୍ୟ ବଣ୍ଟନ ପରି ଯୋଜନାଗୁଡ଼ିକ ସରକାରଙ୍କୁ ଗରିବ ଓ ମଧ୍ୟବର୍ଗ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି।

ତଥାପି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟ ବୃଦ୍ଧି, ଗୁଣାତ୍ମକ ସେବାର ସୁନିଶ୍ଚିତତା ଓ ଗ୍ରାମ-ସହର ବୈଷମ୍ୟ ହ୍ରାସ ଭଳି କ୍ଷେତ୍ରରେ ଆହୁରି ଅନେକ କାର୍ଯ୍ୟ ବାକି ରହିଛି।

ଜାତୀୟ ସୁରକ୍ଷା ଓ ରକ୍ଷା- ଜାତୀୟ ସୁରକ୍ଷା କ୍ଷେତ୍ରରେ ସରକାର ଅଧିକ ଦୃଢ଼ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି। ସୀମା ସୁରକ୍ଷା, ଆତଙ୍କବାଦ ବିରୋଧୀ କାର୍ଯ୍ୟ, ସେନାର ଆଧୁନିକୀକରଣ ଓ ସ୍ୱଦେଶୀ ରକ୍ଷା ଉତ୍ପାଦନକୁ ପ୍ରାଧାନ୍ୟ ଦିଆଯାଇଛି।

କିନ୍ତୁ ଚୀନ ସହ ସୀମା ବିବାଦ, ପଡ଼ୋଶୀ ଦେଶମାନଙ୍କ ସହ କିଛି କୂଟନୈତିକ ଚ୍ୟାଲେଞ୍ଜ ଏବଂ ଦୀର୍ଘମିଆଦି ସୁରକ୍ଷା ରଣନୀତିର ପ୍ରଭାବ ନେଇ ଚର୍ଚ୍ଚା ଜାରି ରହିଛି।

ଗଣତନ୍ତ୍ର ଓ ସଂସ୍ଥାଗତ ପ୍ରଶ୍ନ- ମୋଦି ସରକାରର ସମାଲୋଚକମାନେ ଗଣତାନ୍ତ୍ରିକ ସଂସ୍ଥା, ସାମ୍ବାଦିକ ସ୍ୱାଧୀନତା, ମତପ୍ରକାଶର ସ୍ୱାଧୀନତା ଓ କେନ୍ଦ୍ରୀକୃତ ଶାସନ ପ୍ରଣାଳୀ ନେଇ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ସମର୍ଥକମାନେ ଏହାକୁ ଦ୍ରୁତ ନିଷ୍ପତ୍ତି ଗ୍ରହଣ ଓ ପ୍ରଶାସନିକ କାର୍ଯ୍ୟକ୍ଷମତାର ଉଦାହରଣ ବୋଲି କହୁଛନ୍ତି।

ଗଣତନ୍ତ୍ରରେ ଏହି ଦୁଇଟି ଦୃଷ୍ଟିକୋଣକୁ ସମାନ ଗୁରୁତ୍ୱ ଦେଇ ବିଚାର କରିବା ଆବଶ୍ୟକ।

ଏଣୁ ମୋଦିଙ୍କ ୧୨ ବର୍ଷର ଶାସନକାଳ ଭାରତର ରାଜନୈତିକ ଓ ଆର୍ଥିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଏହି ଅବଧିରେ ଭାରତ ବିଶ୍ୱ ମଞ୍ଚରେ ନିଜ ପ୍ରଭାବ ବୃଦ୍ଧି କରିଛି, ଡିଜିଟାଲ ଓ ପାଇପାରିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି ଏବଂ ଅନେକ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚିଛି। ତେବେ ବେକାରୀ, ଆୟ ବୈଷମ୍ୟ, କୃଷି ସଙ୍କଟ, ସାମାଜିକ ସଂହତି ଓ ସଂସ୍ଥାଗତ ସୁଦୃଢ଼ତା ଭଳି ପ୍ରଶ୍ନଗୁଡ଼ିକ ଏବେ ମଧ୍ୟ ସମାଧାନର ଅପେକ୍ଷାରେ ରହିଛି।

ତେଣୁ ମୋଦିଙ୍କ ୧୨ ବର୍ଷର ଶାସନକୁ କେବଳ ସଫଳତାର ଚଷମାରେ ଦେଖିବା ଯେପରି ଉଚିତ ନୁହେଁ, ସେପରି କେବଳ ସମାଲୋଚନାର ମାପକାଠିରେ ବିଚାର କରିବା ମଧ୍ୟ ନ୍ୟାୟସଙ୍ଗତ ହେବ ନାହିଁ। ଏହି ଅବଧି ଭାରତର ବିଶ୍ୱସ୍ତରୀୟ ପ୍ରତିଷ୍ଠା, ଭିତ୍ତିଭୂମିର ବିକାଶ, ଡିଜିଟାଲ ପରିବର୍ତ୍ତନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ନୂତନ ଦିଗନ୍ତ ଉନ୍ମୋଚନ କରିଥିବାବେଳେ, ରୋଜଗାର, ଆୟ ବୈଷମ୍ୟ, କୃଷି ସଙ୍କଟ ଓ ସାମାଜିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭଳି କ୍ଷେତ୍ରରେ ଅନେକ ପ୍ରଶ୍ନକୁ ମଧ୍ୟ ଛାଡ଼ି ଯାଇଛି। ତେଣୁ ଏହାକୁ ଏକ ପରିବର୍ତ୍ତନଶୀଳ ଭାରତର ଏମିତି ଏକ ଅଧ୍ୟାୟ ବୋଲି କୁହାଯାଇପାରେ, ଯେଉଁଥିରେ ଉଲ୍ଲେଖନୀୟ ଉପଲବ୍ଧି ଓ ଅପୂର୍ଣ୍ଣ ଆହ୍ୱାନ—ଉଭୟର ସ୍ପଷ୍ଟ ଛାପ ଦେଖିବାକୁ ମିଳେ।

ଶାନ୍ତି ନଗର, ସୋନପୁର
୮୧୪୪୮ ୭୦୭୨୯

## ଟିଏମସିରେ ବିଦ୍ରୋହର ଝଡ଼ : ଆଞ୍ଚଳିକ ରାଜନୀତି ପାଇଁ ବିପଦର ଘଣ୍ଟି



ଲକି ସ୍ୱାଇଁ




ଏକଦା ମମତା ବାନାର୍ଜୀଙ୍କ ଅଭେଦ୍ୟ ରାଜନୈତିକ ଦୁର୍ଗ ଭାବେ ପରିଚିତ ତୃଣମୂଳ କଂଗ୍ରେସ (ଟିଏମସି) ଆଜି ନିଜ ଇତିହାସର ସବୁଠାରୁ ବଡ଼ ଆଭ୍ୟନ୍ତରୀଣ ସଙ୍କଟ ମଧ୍ୟରେ ଦେଇ ଗତି କରୁଛି। ଯେଉଁ ଦଳ ୩୪ ବର୍ଷର ବାମ ଶାସନର ଅବସାନ ଘଟାଇ ପଶ୍ଚିମବଙ୍ଗରେ ନୂଆ ରାଜନୈତିକ ଅଧ୍ୟାୟର ଆରମ୍ଭ କରିଥିଲା, ସେହି ଦଳ ଆଜି ନିଜର ସାଂସଦ, ବିଧାୟକ ଓ ବରିଷ୍ଠ ନେତାଙ୍କ ଅସନ୍ତୋଷରେ ଦୋହଲି ଉଠୁଛି।

ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ଦଳର ୨୮ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ପ୍ରାୟ ୧୯ରୁ ୨୦ ଜଣ ସାଂସଦ ପୃଥକ ସଂସଦୀୟ ଗୋଷ୍ଠୀ ଗଠନ କରି ଏନ୍‌ଡିଏକୁ ସମର୍ଥନ ଦେବାକୁ ଆଗ୍ରହୀ ଅଛନ୍ତି। ସେହିପରି କେତେକ ବିଧାୟକ ମଧ୍ୟ ଦଳ ଛାଡ଼ିବାକୁ ପ୍ରସ୍ତୁତ ଥିବା ଚର୍ଚ୍ଚା ଜୋର ଧରିଛି। ଯଦି ଏହି ସମ୍ଭାବନା ବାସ୍ତବ ରୂପ ନିଏ, ତେବେ ଏହା କେବଳ ପଶ୍ଚିମବଙ୍ଗର ନୁହେଁ, ସମଗ୍ର ଭାରତୀୟ ଆଞ୍ଚଳିକ ରାଜନୀତିର ସମୀକରଣକୁ ବଦଳାଇ ଦେଇପାରେ।

ଏହି ସଙ୍କଟର ପ୍ରଥମ ବଡ଼ ଝଟକା ଥିଲା ରାଜ୍ୟସଭା ସାଂସଦ ସୁଷ୍ମିତା ଦେବଙ୍କ ଇସ୍ତଫା। ଦଳର ଜାତୀୟ ସ୍ତରର ଏକ ପରିଚିତ ଚେହେରା ଭାବେ ପରିଚିତ ସୁଷ୍ମିତା ଦେବ ରାଜ୍ୟସଭା ଓ ଦଳରୁ ଇସ୍ତଫା ଦେବା ପରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିଲେ। ଏହା ପରେ ଟିଏମସିର ଭିତରେ ଅସନ୍ତୋଷର ମାତ୍ରା କେତେ ଗଭୀର, ତାହା ନେଇ ପ୍ରଶ୍ନ ଉଠିଥିଲା। ଏହା ପୂର୍ବରୁ ବରିଷ୍ଠ ନେତା ସୁଖେନ୍ଦୁ ଶେଖର ରାୟଙ୍କ ପ୍ରସ୍ଥାନ ମଧ୍ୟ ଦଳକୁ ଦୁର୍ବଳ କରିଥିଲା। ଏବେ ସାୟନୀ ଘୋଷ, ୟୁସୁଫ ପଠାନ ଓ ମାଲା ରାୟ ଙ୍କ ଭଳି କିଛି ସାଂସଦଙ୍କ ନାମ ବିଦ୍ରୋହୀ ତାଲିକାରେ ଚର୍ଚ୍ଚା ହେବା ଟିଏମସିର ସଙ୍କଟକୁ ଆହୁରି ଗଭୀର କରିଦେଇଛି। ନିର୍ବାଚନ ପୂର୍ବରୁ ଟିଏମସିର ଯୁବ ନେତ୍ରୀ ସାୟନୀ ଘୋଷ ବିରୋଧୀ ଦଳ ନେତା ସୁବେନ୍ଦୁ ଅଧିକାରୀଙ୍କୁ ଲକ୍ଷ୍ୟ କରି ତୀବ୍ର ଆକ୍ରମଣ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିରୋଧୀ ଦଳ ଭୟ ଓ ବିଭାଜନର ରାଜନୀତି କରୁଛି ଏବଂ ପଶ୍ଚିମବଙ୍ଗର ସାମାଜିକ ସମ୍ପ୍ରୀତିକୁ କ୍ଷତି ପହଞ୍ଚାଇବାକୁ ଚାହୁଁଛି। କିନ୍ତୁ ନିର୍ବାଚନ ପରେ ସେହି ସାୟନୀ ଘୋଷଙ୍କ ନାମ ଅସନ୍ତୁଷ୍ଟ ସାଂସଦମାନଙ୍କ ସହ ଯୋଡ଼ି ହେବା ଦଳୀୟ ଅସନ୍ତୋଷର ଗଭୀରତାକୁ ପ୍ରକାଶ କରୁଛି। ବହରମପୁର ସାଂସଦ ୟୁସୁଫ ପଠାନଙ୍କୁ ନେଇ ମଧ୍ୟ ବିବାଦ ଦେଖାଦେଇଥିଲା। ମମତା ବାନାର୍ଜୀଙ୍କୁ ଲୋକସଭାକୁ ଆଣିବା ପାଇଁ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିବା ଖବର ପ୍ରକାଶ ପାଇଥିଲା।

ତେବେ ୟୁସୁଫ ପଠାନ ସ୍ପଷ୍ଟ ଭାବେ କହିଥିଲେ— 'ଏହା ସମ୍ପୂର୍ଣ୍ଣ ମିଥ୍ୟା। ନା ମମତା ବାନାର୍ଜୀ, ନା ଦଳର ଅନ୍ୟ କୌଣସି ନେତା ମୋତେ ଇସ୍ତଫା ଦେବାକୁ କହିଛନ୍ତି।'

ନିର୍ବାଚନ ପୂର୍ବରୁ ଅଭିଷେକ ବାନାର୍ଜୀଙ୍କ ଆକ୍ରମଣାତ୍ମକ ଭାଷଣ ଟିଏମସିର ଆତ୍ମବିଶ୍ୱାସର ପ୍ରତୀକ ଥିଲା। ସେ ବିଜେପିକୁ ପଶ୍ଚିମବଙ୍ଗରୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବାର ଆହ୍ୱାନ ଦେଇ କହିଥିଲେ ଯେ, ତୃଣମୂଳ କର୍ମୀମାନେ ମାଟିରେ ରହି ଲଢ଼େଇ କରିବେ। କିନ୍ତୁ ନିର୍ବାଚନ ପରେ ସେହି ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱକୁ ନେଇ ଦଳ ଭିତରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ସବୁଠାରୁ ବଡ଼ ଝଟକା ଆସିଥିଲା ବରିଷ୍ଠ ସାଂସଦ କଲ୍ୟାଣ ବାନାର୍ଜୀଙ୍କ ବୟାନରୁ। ସେ ଖୋଲାଖୋଲି କହିଥିଲେ— 'ଦିଦିଙ୍କୁ ମୁଁ କହିଛି, ମୋତେ ନା ଅଭିଷେକଙ୍କୁ—ଗୋଟିଏକୁ ବାଛନ୍ତୁ।' ଏହି ବୟାନ ଟିଏମସିର ଶୀର୍ଷ ନେତୃତ୍ୱ ଭିତରେ ମତଭେଦକୁ ସାର୍ବଜନୀନ କରିଦେଇଥିଲା।

ଦଳର ପ୍ରବୀଣ ସାଂସଦ ସୌଗତ ରାୟ ମଧ୍ୟ ଅସନ୍ତୋଷ ଲୁଚାଇ ନଥିଲେ। ମହୁଆ ମୈତ୍ର ଓ କଲ୍ୟାଣ ବାନାର୍ଜୀଙ୍କ ମଧ୍ୟରେ ଘଟିଥିବା ବିବାଦ ପ୍ରସଙ୍ଗରେ ସେ କହିଥିଲେ— 'ମୁଁ ମହୁଆଙ୍କୁ କାନ୍ଦୁଥିବାର ଦେଖିଥିଲି। କଲ୍ୟାଣ ବାନାର୍ଜୀଙ୍କ ବ୍ୟବହାର ଅସଭ୍ୟତାର ପରିଚୟ ଦେଉଛି।' ଏହା ଦଳ ଭିତରେ ଶୃଙ୍ଖଳାର ଅବକ୍ଷୟକୁ ସାମ୍ନାକୁ ଆଣିଥିଲା। ମହୁଆ ମୈତ୍ର ମଧ୍ୟ ଦଳୀୟ ମର୍ଯ୍ୟାଦା ଏବଂ ମହିଳା ନେତୃତ୍ୱ ପ୍ରତି ସମ୍ମାନ ରକ୍ଷା କରିବାର ଆବଶ୍ୟକତା ଉପରେ ଜୋର ଦେଇ ପରୋକ୍ଷ ଭାବେ ଅସନ୍ତୋଷର ସଙ୍କେତ ଦେଇଥିଲେ। ଟିକେଟ ବଣ୍ଟନକୁ ନେଇ ମଧ୍ୟ ଦଳ ଭିତରେ ଅସନ୍ତୋଷ ଦେଖାଦେଇଥିଲା। ଜାହାଙ୍ଗିରଙ୍କ ପ୍ରାର୍ଥୀତ୍ୱ ପ୍ରତ୍ୟାହାର ଘଟଣା ଦଳୀୟ ନିଷ୍ପତ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ସୃଷ୍ଟି କରିଥିଲା ଏବଂ ନେତୃତ୍ୱ ଓ ସଂଗଠନ ମଧ୍ୟରେ ସମନ୍ୱୟର ଅଭାବକୁ ସ୍ପଷ୍ଟ କରିଥିଲା। ଏହି ସମୟରେ କିଛି ନେତା ମମତା ବାନାର୍ଜୀଙ୍କ ସପକ୍ଷରେ ମଧ୍ୟ ଦୃଢ଼ ଭାବେ ଠିଆ ହୋଇଥିଲେ। ଶତ୍ରୁଘ୍ନ ସିହ୍ନା କହିଥିଲେ— 'କଠିନ ସମୟରେ ମୁଁ ମମତା ବାନାର୍ଜୀଙ୍କୁ ଛାଡ଼ି ଯିବି ନାହିଁ।'

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟ ମଧ୍ୟ କହିଥିଲେ— 'ଝଡ଼ ସମୟରେ ଜାହାଜ ଛାଡ଼ି ପଳାଇଯିବା ଉଚିତ ନୁହେଁ।' ତେବେ ସବୁଠାରୁ ଚିନ୍ତାଜନକ ଚିତ୍ର ଦେଖାଯାଇଥିଲା ଦଳୀୟ ବୈଠକରେ। ସମ୍ପ୍ରତି ହୋଇଥିବା ବୈଠକରେ ଅଧିକାଂଶ ସାଂସଦ ଓ ବିଧାୟକଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଥିଲା। ବିଦ୍ରୋହୀ ଶିବିରର ବୈଠକରେ ମଧ୍ୟ ଆଶା କରାଯାଇଥିବା ସଂଖ୍ୟାର ନେତା ଉପସ୍ଥିତ ନ ରହିବା ଦଳ ଭିତରେ ଅନିଶ୍ଚିତତା ଓ ଅବିଶ୍ୱାସର ପରିବେଶକୁ ସ୍ପଷ୍ଟ କରିଥିଲା।

ଏହି ପରିସ୍ଥିତି କେବଳ ଟିଏମସିର ସଙ୍କଟ ନୁହେଁ। ଏହା ଭାରତର ସମସ୍ତ ଆଞ୍ଚଳିକ ଦଳ ପାଇଁ ଏକ ଗଭୀର ସତର୍କବାଣୀ। ବ୍ୟକ୍ତିକେନ୍ଦ୍ରିକ ନେତୃତ୍ୱ, ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ, ଉତ୍ତରାଧିକାରୀ ନେତୃତ୍ୱକୁ ନେଇ ଅସ୍ପଷ୍ଟତା ଏବଂ କର୍ମୀମାନଙ୍କ ସହ ଦୂରତା—ଏହି ସବୁ କାରଣ ଯେକୌଣସି ଆଞ୍ଚଳିକ ଦଳକୁ ଦୁର୍ବଳ କରିପାରେ।

ଆଜି ଟିଏମସିରେ ଯାହା ଘଟୁଛି, ତାହା କାଲି ଅନ୍ୟ କୌଣସି ଆଞ୍ଚଳିକ ଦଳରେ ମଧ୍ୟ ଦେଖାଯାଇପାରେ। ତେଣୁ ଏହି ବିଦ୍ରୋହର ଝଡ଼ କେବଳ ପଶ୍ଚିମବଙ୍ଗର ସୀମାରେ ସୀମିତ ନୁହେଁ; ଏହା ସମଗ୍ର ଭାରତୀୟ ଆଞ୍ଚଳିକ ରାଜନୀତି ପାଇଁ ବିପଦର ଘଣ୍ଟି। ଆଜି ଟିଏମସି, କାଲି କିଏ ? ଏହି ପ୍ରଶ୍ନର ଉତ୍ତର ଖୋଜିବା ସମୟ ଏବେ ଭାରତର ସମସ୍ତ ଆଞ୍ଚଳିକ ଦଳଙ୍କ ପାଇଁ ଆସିପହଞ୍ଚିଛି।

ଯୁବ ସମାଜସେବୀ
ଭୁବନେଶ୍ୱର

## ଋଗ୍‌ବେଦର : ୧.୧୬୪.୪୬ 'ଏକମ୍ ସତ୍ୟ ; ବିପ୍ରା ବହୁଦା ବଦନ୍ତି' —ସବୁ ସାମ୍ପ୍ରତିକ ଧର୍ମ ପାଇଁ ଏକ ବିଶ୍ୱଦର୍ଶନ



ଅଭିଷେକ ଯୋଶୀ

ଋଗ୍‌ବେଦ, ହିନ୍ଦୁ ଧର୍ମର ପ୍ରାଚୀନ ଓ ପ୍ରଥମ ବେଦ, ମାନବତା, ଧର୍ମ ଓ ଆତ୍ମାର ଗଭୀର ଚିନ୍ତାର ଆଧାର। ଏହି ବେଦର ୧.୧୬୪.୪୬ ରେ ଏକ ପ୍ରସିଦ୍ଧ ବାକ୍ୟ ହେଉଛି 'ଏକମ୍ ସତ୍ୟ; ବିପ୍ରା ବହୁଦା ବଦନ୍ତି' (**Ekam Satya Vipra Bahudha Vadanti**)। ସହଜ ଅର୍ଥ— 'ସତ୍ୟ ଗୋଟିଏ; ସଜ୍ଜନ (ବିଦ୍ୱାନ) ତାହାକୁ ଅନେକ ଭିନ୍ନ ରୂପରେ ବ୍ୟାଖ୍ୟା କରନ୍ତି।'

ଏହାର ଗଭୀର ବ୍ୟାଖ୍ୟା: 'ଏକମ୍ ସତ୍ୟ' — ସବୁ ଅବସ୍ଥାନରେ ଏକ ମୂଳ ନିଷ୍ଠା କିମ୍ବା ସତ୍ୟ ଅଛି; ଏହାର ଉପାଦାନ ହୋଇପାରେ ଦେବତା, ଈଶ୍ୱର, ଅତୀତ ବା ଆଲୋକ/ସତ୍ୟତା ଭାବେ।

'ବିପ୍ରା ବହୁଦା ବଦନ୍ତି' — ଯେଉଁ ଲୋକଙ୍କର ଜ୍ଞାନ ଅଛି (ବିଦ୍ୱାନ/ପୂଜ୍ୟ), ସେମାନେ ଏହାକୁ ବିଭିନ୍ନ ଭାଷା, ରୂପ, ଚିହ୍ନ ଓ ଧାରଣା ମାଧ୍ୟମରେ ବ୍ୟାଖ୍ୟା କରନ୍ତି।

ଏହାର ମହତ୍ତ୍ୱ: ଏହା ଧର୍ମଗୁଡ଼ିକୁ ଏକ ମୁଖ୍ୟ ସତ୍ୟ ସହ ଜୋଡ଼ି ଦିଏ — ଯେଉଁଥିରେ ଭିନ୍ନ ବିଚାର, ସଂସ୍କୃତିକ ଓ ଚିନ୍ତାଧାରା ଥିଲେ ବି ମୂଳତତ୍ତ୍ୱ ସମାନ ଥାଏ।

ଏହି ଧାରଣାକୁ ପୃଥିବୀର ଅନ୍ୟାନ୍ୟ ଧର୍ମ ଓ ସାମ୍ପ୍ରଦାୟିକ ଚିନ୍ତାରେ ମଧ୍ୟ ଦେଖିବାକୁ ମିଳେ: ବାଇବେଲ



(ଯୀଶୁଙ୍କ ଶିକ୍ଷାରେ) — ବହୁତ ରୀତି ଓ ପ୍ରକାରର ବିବେଚନା ଥିଲେ ମଧ୍ୟ ପ୍ରମୁଖ ନୀତିଗତ ଶିକ୍ଷା ସମାନ; 'ପ୍ରେମ', 'କ୍ଷମା', 'ନୀତି' ଯେଉଁଗୁଡ଼ିକ ମୂଳ ସତ୍ୟକୁ ପ୍ରତିବିମ୍ବିତ କରେ।

କୁରନ୍ ( ଇସଲାମ) — ବିଶ୍ୱବାସୀ କୁହନ୍ତି ଯେ ଏକ ମହାତ୍ମ୍ୟଶୀଳ ଦେବତା ଅଛନ୍ତି (ଆଲ୍ଲାହ)।

ବୌଦ୍ଧଧର୍ମ — ମୋକ୍ଷର ପଥ ବିଷୟରେ ଗଭୀର ବ୍ୟାଖ୍ୟା, ଅନେକ ପ୍ରାଚୀନ ପାଠ୍ୟ ଥିଲେ ବି ଲକ୍ଷ୍ୟ ଏକ — ଦୁଃଖର ନିବାରଣ।

ଶିଖ — (ଏକ ଓଁକାର) ଧର୍ମର ଏକତାକୁ ଗୁରୁତ୍ୱ ଦିଏ: ଏକ ଅବିଭକ୍ତ ସତ୍ୟ, ଯାହାର ବିବୃତି ଅନେକ ଉପାୟରେ ହୁଏ।

ବିଜ୍ଞାନରେ ମାନବସମ୍ପ୍ରଦାୟର ଆଧାରଭୂତ ନୀତିଗତ ଉଦ୍ଦେଶ୍ୟ (ଉଦାହରଣ: ଅନ୍ୟଙ୍କ ସହ ସମ୍ବେଦନା, ନ୍ୟାୟ) ବହୁତ ସମୟ ଭିତରେ ସାମ୍ୟ ରଖେ; ଭିନ୍ନ ସଂସ୍କୃତି ଓ ଭାଷା ଭିନ୍ନ ଭାବରେ ଏହାକୁ ପ୍ରକାଶ କରନ୍ତି। ସାଧାରଣ ଜୀବନ ଦୃଷ୍ଟାନ୍ତ: ଭଲଗୁଣ କିମ୍ବା ନୈତିକତା ଅନେକ ସମାଜରେ ଭିନ୍ନ ଭାଷାରେ ପ୍ରତିବିମ୍ବିତ ହୁଏ, କିନ୍ତୁ ମୂଳ ଆଦର୍ଶ ସମାନ ରହେ।

ଋଗ୍‌ବେଦର 'ଏକମ୍ ସତ୍ୟ; ବିପ୍ରା ବହୁଦା ବଦନ୍ତି' ର ଅର୍ଥ ଦେଖାଏ ଯେ ସବୁ ଧର୍ମ ଓ ଦର୍ଶନର ମୂଳତତ୍ତ୍ୱ ଏକଥାରେ ଗଢ଼ା — ମନୁଷ୍ୟତା, ନୀତି, ଆତ୍ମିକତାର ଖୋଜ। ଭିନ୍ନ ଭାଷା, ଚିନ୍ତା ଓ ଆଚାର ହେଲେ ମଧ୍ୟ, ଏହା ଜରୁରୀ ଯେ ଆମେ କାହାର ଭିନ୍ନ ଅଭିବ୍ୟକ୍ତିକୁ ସମ୍ମାନ କରି ଏକତା ଖୋଜିବା — ଏହା ଆଧୁନିକ ସମାଜର ସଫଳତାର ଚାବି।

ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା



# ୧୨ ବର୍ଷର ଯାତ୍ରା ଥିଲା ଏକ ସାମୂହିକ ଯଜ୍ଞ ଭାରତଠୁ ସମାଧାନ ଖୋଜୁଛି ବିଶ୍ୱ

ନୂଆଦିଲ୍ଲୀ, ୧୩/୦୬ : କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସରକାର ଜନସାଧାରଣଙ୍କ ଆଶା ଓ ବିଶ୍ୱାସ ରକ୍ଷା କରିବାରେ ସଫଳ ହୋଇଥିବାରୁ ସେ ଗର୍ବିତ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ?ଠାରେ ଆୟୋଜିତ ଏନଡିଏ ନେତାମାନଙ୍କ ବୈଠକକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବା ସମସ୍ତ ଏନଡିଏ ସହଯୋଗୀ ଦଳଗୁଡ଼ିକର ଏକ ମିଳିତ ସଫଳତା। ମୋଦୀ କହିଛନ୍ତି ଯେ 'ମୋର ଏହି ଯାତ୍ରାରେ ସାଥୀ ହୋଇଥିବା ସମସ୍ତ ସହଯୋଗୀଙ୍କୁ କୃତଜ୍ଞତା ଜଣାଉଛି। ଏହି ଅବସରରେ ଏନଡିଏ ପରିବାରର ସଦସ୍ୟମାନେ ଏକ ସଂକଳ୍ପ ପ୍ରସ୍ତାବ ମଧ୍ୟ ଆଣିଛନ୍ତି ଯାହା ଆପଣମାନଙ୍କର ସ୍ନେହ ଓ ଉଦାରତାକୁ ଦର୍ଶାଉଛି। ମୁଁ ଏହି ସଫଳତାକୁ ମୋର ବ୍ୟକ୍ତିଗତ ସଫଳତା ବୋଲି ଭାବୁ ନାହିଁ। ଏହା ପ୍ରତିଟି କ୍ଷେତ୍ରରେ ଆମର ସାମୂହିକ ସଫଳତା ଏବଂ ଏନଡିଏର ପ୍ରତ୍ୟେକ ସହଯୋଗୀ ଦଳର ଏକ ସଫଳତା। ତେଣୁ ମୁଁ ଏହି ସଂକଳ୍ପକୁ ବିଜେପି ସମେତ ଆମର ଏନଡିଏ ପରିବାରର ସମସ୍ତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରୁଛି।' ସେ ଆହୁରି କହିଛନ୍ତି ଯେ ଦୀର୍ଘ ସମୟ ଧରି ଭାରତ ମାତାର ସେବା କରିବାର ସୌଭାଗ୍ୟ କେବଳ ଭଗବାନଙ୍କ ସ୍ୱତନ୍ତ୍ର କୃପାରୁ ହିଁ ସମ୍ଭବ। ମୋ ପାଇଁ ଦେଶର ଜନସାଧାରଣ ହେଉଛନ୍ତି ଭଗବାନଙ୍କ ସ୍ୱରୂପ। ଏହି କାରଣରୁ ମୁଁ ସର୍ବଦା ଏହି ସେବାକୁ ଏକ ଆଧ୍ୟାତ୍ମିକ ସାଧନା ଭାବେ ଗ୍ରହଣ କରିଛି। ଏହି ଯାତ୍ରା କେବେ ବି ଏକାକୀ ନଥିଲା, ଏହା ଏକ ସାମୂହିକ 'ଯଜ୍ଞ' ଥିଲା, ଯେଉଁଥିରେ ଆପଣ ସମସ୍ତେ ଏବଂ ଅନ୍ୟାନ୍ୟ ସହଯୋଗୀମାନେ କର୍ତ୍ତବ୍ୟବୋଧର ସହ ନିଜର ଅବଦାନ ଦେଇଛନ୍ତି। 'ଚରୈବେତି, ଚରୈବେତି' (ଆଗକୁ ବଢ଼ିଚାଲ) ମନ୍ତ୍ରକୁ ଜପ କରି ଏବଂ ଏହି ରାଜନୈତିକ ଯାତ୍ରାରେ ଅନେକ ସ୍ଥିତି-ପରିସ୍ଥିତି ଦେଖିବା ପରେ ମୁଁ କେବେ କଳ୍ପନା କରିନଥିଲି ଯେ ଦିନେ ଏହି ମାଇଲଖୁଣ୍ଟରେ ପହଞ୍ଚିବି। ଜଣେ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସବୁଠାରୁ ଦୀର୍ଘ ସମୟ ଧରି କ୍ରମାଗତ ଭାବେ ସେବା କରିବାର ସୁଯୋଗ ପାଇବାକୁ ମୁଁ ମୋର ପରମ ସୌଭାଗ୍ୟ ମନେ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨୦୧୪ ପରଠାରୁ ନିଜ ସରକାରଙ୍କ ସଫଳତା ବିଷୟରେ ଆଲୋଚନା କରି ସେ କହିଛନ୍ତି ଯେ ବିଶ୍ୱସ୍ତରୀୟ ଅସ୍ଥିରତା ଏବଂ ଅଶାନ୍ତି ସମୟରେ ମଧ୍ୟ ଆମେ ସଫଳତା ହାସଲ କରିଛୁ। ଏହି ସମୟ ଏକ ସ୍ଥିର ସରକାରର ଲାଭକୁ ବାରମ୍ବାର ପ୍ରମାଣିତ କରିଛି। ଆମେ କୋଭିଡ-୧୯ ମହାମାରୀ ସମୟକୁ କେବେବି ଭୁଲି ପାରିବା ନାହିଁ। ଯେତେବେଳେ ଚାରିଆଡ଼େ ବିପର୍ଯ୍ୟୟ ଏବଂ ସଙ୍କଟ ଦେଖାଦେଇଥିଲା ସେତେବେଳେ ମଧ୍ୟ ଭାରତ ସଫଳତାର ସହ ଆଗକୁ ବଢ଼ିଥିଲା। ବିଶ୍ୱର ପ୍ରମୁଖ ଦେଶଗୁଡ଼ିକ ନିଜର ସ୍ଥିର ଅର୍ଥନୀତି ସଂଘର୍ଷ କରୁଥିବା ବେଳେ ଭାରତ ୨୦୨୫-୨୬ ବର୍ଷରେ ୭.୭% ଅଭିବୃଦ୍ଧି ହାର ହାସଲ କରିଛି। ଗତ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସିକରେ ଭାରତର ଅଭିବୃଦ୍ଧି ହାର ୭.୮% ରହିଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୨୦୧୪ ରୁ ୨୦୧୬ ମଧ୍ୟରେ ଆମେ ମାନୁଫ୍ୟାକଚରିଂ (ଉତ୍ପାଦନ) କ୍ଷେତ୍ରରେ ଭିତ୍ତିଭୂମି ସ୍ଥାପନ କରିଥିଲୁ। ଆମେ ଅନ୍ୟ ଦେଶ ଉପରେ ନିର୍ଭର କରି ରହିପାରିବା ନାହିଁ, କାରଣ ଏହା ଭାରତର ସୁରକ୍ଷା ଏବଂ ଅର୍ଥନୀତି ସହ ଜଡ଼ିତ। ବର୍ତ୍ତମାନ ଆମେ ଏହାର ସକାରାତ୍ମକ ପରିଣାମ ଦେଖୁଛୁ। ବର୍ତ୍ତମାନ ସମଗ୍ର ବିଶ୍ୱ ଭାରତ ପାଖରୁ ସମାଧାନ ଚାହୁଁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେ ଏବେ ଗ୍ଲୋବାଲ ସପ୍ଲାଇ ଚେନ୍ (ଯୋଗାଣ ଶୃଙ୍ଖଳା) ପାଲଟିଛୁ। ତୈଳ ଏବଂ ଗ୍ୟାସ ଅନୁସନ୍ଧାନ କ୍ଷେତ୍ରରୁ ଆମକୁ ଭଲ ଖବର ମିଳୁଛି। ଏଠାରେ ଅନେକ ସମ୍ଭାବନା ରହିଛି। ଏହା ସହ ଭାରତକୁ ଶୀଘ୍ର ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି ଏବଂ ଆଣବିକ ଶକ୍ତିର ଲକ୍ଷ୍ୟ ହାସଲ କରିବାକୁ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବତନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କଂଗ୍ରେସ ଦେଶକୁ କୋଟି କୋଟି ଟଙ୍କାର ଦୁର୍ନୀତି ମଧ୍ୟକୁ ଠେଲି ଦେଇଥିଲା। ୨୦୧୪ରେ ଯେତେବେଳେ ଏନଡିଏ ସରକାର ଗଠନ ହେଲା, ସେତେବେଳେ ଦେଶର ଭାଗ୍ୟ ବଦଳିଗଲା। ଯେତେବେଳେ ଉଦ୍ଦେଶ୍ୟ, ନୀତି ଏବଂ ନିଷ୍ପତ୍ତି ମଧ୍ୟରେ ସମନ୍ୱୟ ରହେ, ସେତେବେଳେ ବିକାଶର ଗତି କେମିତି ହୁଏ ତାହା ଦେଶ ଦେଖିଛି। ଯେଉଁ କାମ ପାଇଁ ପୂର୍ବରୁ ଦଶନ୍ଧି ଦଶନ୍ଧି ସମୟ ଲାଗୁଥିଲା, ତାହା ମାତ୍ର କେଇ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେଉଥିବା ଦେଶବାସୀ ଦେଖିଛନ୍ତି।

ବୈଠକରେ କେନ୍ଦ୍ର ମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. କୁମାରସ୍ୱାମୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୪,୩୯୯ ଦିନ ସହ ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହା ତାଙ୍କ ନେତୃତ୍ୱ ପ୍ରତି ଦେଶବାସୀଙ୍କ ଅତୁଟ ବିଶ୍ୱାସର ପ୍ରମାଣ। ମୋଦୀଙ୍କ ନେତୃତ୍ୱରେ ହିଁ ଦେଶର ବିକାଶ ସମ୍ଭବ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବ। ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ କହିଥିଲେ ଯେ ମୋଦୀ ହେଉଛନ୍ତି ୧୪୦ କୋଟି ଭାରତୀୟଙ୍କ ଆତ୍ମସମ୍ମାନ। ମୋଦୀ ହେଉଛନ୍ତି ଆତଙ୍କବାଦୀଙ୍କୁ ନିପାତ କରିବାର ନାମ। ମୋଦୀ ହେଉଛନ୍ତି ଗରିବ କଲ୍ୟାଣ ଏବଂ ସେମାନଙ୍କର ଉନ୍ନତିର ପ୍ରତୀକ। ବିଶ୍ୱ ଦରବାରରେ ଭାରତର ସମ୍ମାନ ଏବଂ ଦେଶର ନୂତନ ଉଡ଼ାଣର ଅନ୍ୟ ନାମ ହେଉଛି ମୋଦୀ।

କେନ୍ଦ୍ର କ୍ୟାବିନେଟ ବୁଧବାର ନରେନ୍ଦ୍ର ମୋଦୀଙ୍କୁ ଦେଶର ସବୁଠାରୁ ଦୀର୍ଘକାଳୀନ ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବା ପାଇଁ ଅଭିନନ୍ଦନ ଜଣାଇଛି। ଏଥିପାଇଁ କ୍ୟାବିନେଟ୍‌ରେ ଏକ ପ୍ରସ୍ତାବ ପାରିତ ହୋଇଛି। ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ମୋଦୀ ଲଗାତାର ୪,୩୯୯ ଦିନ ସେବା କରିବାର ରେକର୍ଡ ସ୍ଥାପନ କରିଛନ୍ତି। ଏଥିସହ ସେ ଜବାହରଲାଲ ନେହରୁଙ୍କ ପୂର୍ବ ରେକର୍ଡକୁ ଅତିକ୍ରମ କରିଛନ୍ତି, ଯିଏ ୧୯୫୨ ରୁ ୧୯୬୪ ପର୍ଯ୍ୟନ୍ତ ଲଗାତାର ୪,୩୯୮ ଦିନ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇ କ୍ୟାବିନେଟ୍‌ରେ ପାରିତ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ ଏହି ମାଇଲଖୁଣ୍ଟ ଏପରି ସମୟରେ ଆସିଛି ଯେତେବେଳେ ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର ୧୨ ବର୍ଷ ପୂରଣ କରିଛି। ପ୍ରଧାନମନ୍ତ୍ରୀଙ୍କ ଜନସେବା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ନିରନ୍ତର ସମର୍ପଣର ପ୍ରତୀକ ଭାବରେ ରେଖାଙ୍କିତ କରି, ଏହି ପ୍ରସ୍ତାବରେ ସେ ୨୦୧୪ ରେ "ପ୍ରଧାନ ସେବକ" ଭାବରେ କରିଥିବା ଘୋଷଣାକୁ ମନେ ପକାଇ ଦିଆଯାଇଛି ଯାହା 'ସବ୍‌କା ସାଥ, ସବକା ବିକାଶ' ମନ୍ତ୍ର ପ୍ରତି ପ୍ରତିବଦ୍ଧ ଥିଲା। ପ୍ରସ୍ତାବରେ ପ୍ରତିରକ୍ଷାଠାରୁ ଏଆଇ ପର୍ଯ୍ୟନ୍ତ କ୍ଷେତ୍ରରେ ହୋଇଥିବା ଭାରତୀୟ ଉତ୍ପାଦନର ପ୍ରଗତି ଓ ମେକ୍ ଇନ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଅଭିଯାନର ଅଗ୍ରଗତି ବିଷୟରେ ଉଲ୍ଲେଖ ରହିଛି। ଭାରତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ସମୟ କାର୍ଯ୍ୟ କରିବାର ସଫଳତା ପାଇଁ ମୋଦୀଙ୍କୁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଏବଂ ସରକାର ମୁଖ୍ୟଙ୍କଠାରୁ ଅଭିନନ୍ଦନ ବାର୍ତ୍ତା ମିଳିଛି। ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିବା ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଅଛନ୍ତି ଭୁଟାନର ପ୍ରଧାନମନ୍ତ୍ରୀ ତେରିଂ ଟୋବଗେ, ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ, ନାଇଜେରିଆର ରାଷ୍ଟ୍ରପତିବୋଲା ଅହମ୍ମଦ ଟିନୁବୁ, ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜୁ, କେନିଆର ରାଷ୍ଟ୍ରପତି ୱିଲିୟମ୍ ସାମୋଇ ରୁଟୋ, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଓ ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି।

# ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜ



ରଜ ଓଡିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ । ଏହା ତିନିଦିନ ଧରି ପାଳନ କରାଯାଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । ଏହା ଚାଷର ଆରମ୍ଭକୁ ସୂଚାଇଥାଏ । ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ । ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି । ରଜରେ ପୋଡ଼ା ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲଡୁ ତାସ ଓ ବାଗୁଡି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ ।

ଆଷାଢ ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ । ଏ ଚାରି ମାସ ମୁନି ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି । ଏହି ମାସକୁ ଦାମ୍ପତ୍ୟ ଜୀବନର ସର୍ବଶ୍ରେଷ୍ଠ ସମ୍ଭୋଗର ମାସ ବୋଲି ଗ୍ରହଣ କରାଯାଏ । ବିରହ, ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ 'ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା । ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । କୃଷି ପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି । ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ । ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିାଇଁ ଭୂ ଖନନ ବାରଣ କରାଯାଇଥାଏ । ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ । କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ । ଆଷାଢ଼ର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ । ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ । ଜଣେ ନାରୀଭାବେ ଆଗାମୀ ଦିନରେ କିରି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀମାନଙ୍କୁ ଶିଖିବାକୁ ପଡ଼ିଥାଏ, ଏହି ରଜ ପର୍ବ ପାଳନ ଅବସରରେ । କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ । ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି । ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବା ପାଇ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ ତାଙ୍କୁ । ଠିକ ସେହିପରି ଝିଅବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା



କରାଯାଇଛି । ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ । ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତନ୍ତି । ଅଭିଆଡ଼ି ଝିଅମାନେ ଶାଢୀ ଆଦି ପିନ୍ଧି ରଜ ଦୋଳି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି । ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି । ପତ୍ର/ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି । ଏହି ଦିନ ପୋଡା ପିଠା ନ ଚକୁଳି ଆଦି ଖିଆଯାଇ ଥାଏ । ଖାଲିପାଦରେ ଚାଲିବା ମନା

ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ । କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା ଚପଲ ପିନ୍ଧି ଚଳପ୍ରଚଳ ହୁଅନ୍ତି ।

ବସୁମତୀ ସ୍ନାନ- ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ । ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ । ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ । ବଡ଼ି ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୁରଦ କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍ବ ଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ । ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି । ମାର୍ଗଶିର ଶେଷ ଗୁରୁବାର ଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ । ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ । ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ । ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି ।

ରଜଗୀତ -ରଜଗୀତ ଏହି ପର୍ବରେ ବୋଲା ଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଆଁଗହଳିରେ ଜନ୍ମ ନେଇଥିଲା । ଲୋକ ମୁଖରେ ବୋଲାଯାଉଥିବା ଏହି ଗୀତ ପରେ ବିଭିନ୍ନ ସମୟରେ ଲିପିବଦ୍ଧ ହୋଇଥିଲା । ମୁଦ୍ରିତ ପୁରାତନ ପ୍ରକାଶନଗୁଡ଼ିକ ଭିତରୁ ମଧ୍ୟରୁ ୧୯୪୯ ମସିହାରେ ପ୍ରକାଶିତ ପହିଲି ରଜ ଓ ୧୯୫୨ ମସିହାରେ ପ୍ରକାଶିତ ମାଗୁଣୀ ମହାପାତ୍ରଙ୍କ ରେକର୍ଡ ରଜଦୋଳି ଗୀତ ଅନ୍ୟତମ । ପୂରା ଗୀତର ପ୍ରଥମ ପଙ୍‌?କ୍ତି ଜଣାଶୁଣା: 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ ' ।

ରଜଦୋଳି ଗୀତ: ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ । ରାଶିରୁ ଛାଡ଼ିଲା ଚୋପା, ଗୋଡ଼େର ନାଇଛୁ ସରୁ ଅଳତା ଲୋ, ମଥାରେ ସିନ୍ଦୂର ଟୋପା । ଉଡ଼ିଲା ଶୁଆ ନାହାକା, ଦୋଳିଟା କାହିଁକି ଲାଗୁଛି ଏକା ଲୋ, କାହା ବିନା ଏକା ଏକା । ପାଚିଲା ଭଇଁଚ କୋଳି, ବେକରେ ନାଇଚି ଗଜରା ମାଳି ଲୋ, ଝୁଲାଅ ରଜର ଦୋଳି । ପଣସ ପାଚିଲା ବନେ, ବନ ପୋଡ଼ିଗଲେ ଦୁନିଆ ଜାଣେ ଲୋ, ମନକଥା କିଏ ଜାଣେ । ଶଙ୍ଖ ମଲମଲ ଗିନା, ଦରଦ ଜାଣେଲୋ ଦରଦୀ ସିନା ଲୋ, ବଣିଆ ଚିହ୍ନେଟି ସୁନା । ନିମ୍ବର ବୁକେ ଚନ୍ଦନ, ଦେବତା ଗଢ଼ାଇଲା ନାରୀ ଜୀବନ ଲୋ, ଦେଲା ତହିଁ ଯଉବନ । ଢମଣା ଛାଡ଼ିଲା କାତି, ପୁରୁଷ ସିନାଲୋ ଭ୍ରମର ଜାତି ଲୋ, ନୂଆ ଖୋଜୁଥାନ୍ତି ନିତି । ଚାନ୍ଦରେ କଳଙ୍କ ଚିହ୍ନ, ନବ ଯଉବନି କିଆଁ ଗୁମାନ ଲୋ, ଆସିଲେଣି ଜୀବ ଧନ । ପୋଖରୀ ତୁଠ ପଥର, ତତେ ଦେଖିଥିଲି ବାଲି ବନ୍ଧରେ ଲୋ, ଆଖି ଥିଲା ଏଣେ ତୋର । ସାହାଡ଼ା ଗଛର ଛାଇ, ସେଦିନ କଥାକି ତୋ ମନେ ନାଇଁ ଲୋ, ଏତେ ଆନମନା କାହିଁପାଇଁ । ଖୋସାରେ ଖୋସିଲି ଫୁଲ, କେତେ ଦେଖାଉଛୁ ନୁଖୁରା ଗେଲରେ, ଭାଙ୍ଗି ଦେବି ତୋର ଗାଲ । ନଈର ଶୁଖିଲା ବାଲି, କେତେ ଫୁଲି ହେଉ ପୁଚୁକିଗାଲି ଲୋ, ଦେଖାଉଛୁ କେତେ ବେଲି । ବାଜିଲା ତେଲିଙ୍ଗି ବାଜା, ରସିକ ଯେ ଜାଣେ ସ୍ନେହର ମଜା ରେ, ସେ ସିନା ମୋମନ ରଜା । ଲୁଚିଗଲା ମେଘେ ଚାନ୍ଦ, ଦୋଳି କଟକଟ କରେ ଶବଦ ଲୋ, ବହନ୍ତେ ପବନ ମନ୍ଦ ।

ଦୋଳି ହୁଏ ରଟରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ, ଦିଶୁଥାଏ ଝଟଝଟ । ପରବତେ ଜଳେ ନିଆଁ, ପହଞ୍ଚାଇ ଦୋଳି ତେଣେ ନ ଚାହାଁ ଲୋ, ପୁଣି ହେବ ବାଆଁ ଡାଁ । ଉତୁରି ପଡ଼ିଲା ଦୁଧ, ଉଙ୍କି ମାରି ମାରି ଅନାଉ ଥାଏ ଲୋ, ନନ୍ଦର ଉଦିଆ ଚାନ୍ଦ । ଛତରା ବଜାର ହାଟ, ଛକି ବସିଥିବ ଚଗଲା କାହ୍ନୁ ଲୋ, ଛନ୍ଦରେ ମାଗିବ ଘାଟ । ଥୋଡ଼ମଞ୍ଜା କଲି ରାଇ, କଣ ନ କଲେ କଳା କହ୍ନାଇ ଲୋ, ମୁହଁକୁ ଯା ନ ଅନାଇ । କରମଙ୍ଗା କଲି ରାଇ, ମଥୁରାକୁ ଗଲେ କଳା କହ୍ନାଇ ଲୋ, କଣ୍ଟ ଦେଇ ଗଲେ କାହିଁ । ସାଉଁଟିଲି ବିଲ ଘଷି, କିମ୍ପାଇଁ ରାଧିକା ବସିଲା ରୁଷି ଲୋ, ଫୁଲ ଶେଜ ହେଲା ବାସି । କଟକଟ ହୁଏ ଦୋଳି, ଭାଉଜଙ୍କ ମନ ଯାଇଛି ଜଳି ଲୋ, ଭାଇ ବିଦେଶୁ ନଇଁଲେ ବୋଲି । ଗରଜେ କଳା ବଉଦ, ମୋତେ ତ ବରଷ ହେଲା ଚଉଦ ଲୋ, ଗଲାଣି ପିଲା ସୁଆଦ । ବଇଁଶୀ ବାଜିଲା କୁଞ୍ଜେ, ବଡ଼କଥା ବଡ଼ ଲୋକଙ୍କୁ ସାଜେ ଲୋ, ଛୋଟ କଲେ ଛାଟ ବାଜେ । ଲାଞ୍ଜ ଟେକିଗଲା ବାଘ, ନଇଁ ଚାଲୁଥିବ ବଡ଼ଙ୍କ ଆଗେ ଲୋ, ଲାଗିବ ନାହିଁଟି ଦାଗ । ଛତୁ ଫୁଟେ ବରଷାରେ, ଛତରାଟା କେତେ ଛଇ ଦେଖାଉ ରେ, ଅଛି କି ତୋ ଭରଷାରେ । କରଡ଼ି ଖସିଲା ଆମ୍ବ, ପର କାହୁଁ ଘର ପରାଣୀ ହେବେ ରେ, ମନ ଜାଣି ଖଞ୍ଜି ଦେବ । ବିରାଡ଼ି ଛିଙ୍କିଲା ବଣେ, ଆଗରେ ଯାଉଛି ନାଗର ଜଣେ ଲୋ, ମୁଣ୍ଡି ଝାଡୁ ଖାଲି ପଣେ । ଅଦିନେ ପଣସ ସିଠା, ବଚନରେ ଯାର ନଥଏ ମିଠା ଲୋ, ସେଟା ବାଡ଼ ପକା କଣ୍ଟା । ପାହାନ୍ତି ରାବିଲେ ପେଚା, ଯିଏ ହୋଇଥିବ ସିଂହର ବଚା ଲୋ, ନ ଦେବ ପଛଘୁଞ୍ଚା । ମଇଁଷି ଶିଙ୍ଗରେ ଖସା, ମଉସା ପୁଆଟା ଏଡ଼େ ସହସା ଲୋ, ମତେ କଲା ଲୋକହସା । ଜାରା ମାରିଦେଲା ବାଣ ଯାହାଠାରେ ଯାର ମିଶିଛି ମନ ଲୋ, ସେହି ଜାଣେ ତାର ଗୁଣ । କାଟି ଗଲି କଳାଦୁବ, ଝିଅ ଜନମରେ ଏତିକି ଲାଭ ଲୋ, ବନ୍ଧୁ ଘର ଅରଜିବ । କାଳୀଗାଇ ଧୁଧ କ୍ଷୀରି, ନୂଆ ପୀରତିରେ ମଉଜ ଭାରି ଗୋ, ପୁରୁଣାଟି ନିମ୍ବ ପରି । ଆମ୍ବ ପତ୍ର ଗହଳିଆ, ପ୍ରୀତି ପଙ୍କେ ତୁହି ହେବୁ ଗୋଳିଆଲୋ, ତୋଫା ହେବଟି ଧୁଳିଆ । ଥିରି ଥିରି ଚାଲେ ହାତୀ, ଥୟ ନ ହେଉଛି କିମ୍ପା ଏ ଛାତି ଲୋ, ଥକା ଦୋଳି ହେଲା ରାତି ।

ରଜରେ ବିଶେଷ ଖାଦ୍ୟ,,, ଓଡିଶାର ମୁଖ୍ୟପର୍ବ ମଧ୍ୟରୁ ରଜ ହେଉଛି ଅନ୍ୟତମ । ଏହା ଏକ ଗଣପର୍ବ । ଏହାକୁ ୩ ଦିନ ଧରି ପାଳନ କରାଯାଇଥାଏ । ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟରେ ରଜ ସଂକ୍ରାନ୍ତି, ତୃତୀୟରେ ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ । ରଜ ଆସିବା ମାସକ ଆଗରୁ ଏହାର ପ୍ରସ୍ତୁତିରେ ଲାଗି ପଡିଥାନ୍ତି ଆବାଳ-ବୃଦ୍ଧ-ବନିତା । ତେଣିକି



ସେ ପିଠା ପ୍ରସ୍ତୁତି ହେଉ କିମ୍ବା ଦୋଳି ବନ୍ଧା ହେଉ । ରଜ ପାଳନ କରିବାରେ ଏକପ୍ରକାର ଅଲଗା ମଜା ଥାଏ । ୩ ଦିନିଆ ରଜ ପାଳିବାକୁ ସମସ୍ତେ ଯେପରି ଅନାଇ ବସିଥାନ୍ତି । କାରଣ ଏହି ରଜରେ ଖାଇବା ଠାରୁ ଆରମ୍ଭ କରି ଖେଳ ପର୍ଯ୍ୟନ୍ତ ମଉଜ ହିଁ ମଉଜ । ପୁରୁଷମାନେ ଖୋ-ଖୋ, କବାଡି, ତାସ୍ ଖେଳରେ ବ୍ୟସ୍ତ ଥିବାବେଳେ ମହିଳା ଓ ଯୁବତୀମାନେ ସାଜସଜ୍ଜା ଓ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟସ୍ତ ଥାଆନ୍ତି ।

ଓଡିଆ ଘରେ ପ୍ରାୟ ସମୟରେ ପିଠା ତିଆରି ହେଉଥିଲାବେଳେ ରଜରେ ମୁଖ୍ୟତଃ ଭାବେ ଭଳିକିଭଳି ପିଠା ପ୍ରସ୍ତୁତ ହୋଇଥାଏ । ଗାଁ ଠାରୁ ସହର ସବୁଆଡ ପିଠାର ବାସ୍ନାର ମହକିଥାଏ । ତେଣିକି ସେ ସୁଜି କାକରା ହେଉ କିମ୍ବା ମଣ୍ଡା-ଆରିସା। ମୁଆଁ ପିଠା ହେଉ ଅବା କରଞ୍ଜି । ଓଡିଆ ଘରର ସମସ୍ତ ପିଠାର ସ୍ୱାଦ ବେଶ୍ ନିଆରା । ଏହି ପିଠା ଓଡିଶା ବାହାରେ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ସେହି ପ୍ରକାର ସ୍ୱାଦ ଆସି ନ ଥାଏ । ତେବେ ଚାଲନ୍ତୁନା ଜାଣିବା ଓଡିଆ ଘରେ ରଜ ଭଳି ଦିନରେ କେଉଁ କେଉଁ ପିଠା ପ୍ରସ୍ତୁତ କରାଯାଇଥାଏ....।

ମଣ୍ଡା ପିଠା: ମଣ୍ଡା ପିଠା ସମସ୍ତଙ୍କର ଭାରି ପ୍ରିୟ । ଏଥିରେ ତେଲ ବ୍ୟବହାର ହେଉ ନ ଥିବାରୁ ଏହା ଶରୀର ପକ୍ଷେ ସ୍ୱାସ୍ଥ୍ୟକର । ଏହା ସମ୍ପୂର୍ଣ୍ଣ ସିଝା ପ୍ରଣାଳୀରେ ହୋଇଥାଏ । ଏହା ଅରୁଆ ଚାଉଳ ଗୁଣ୍ଡରେ ପ୍ରସ୍ତୁତ ହୋଇଥାଏ । ଭଳିକି ଭଳି ମଣ୍ଡା ପିଠା ପ୍ରସ୍ତୁତ ହୋଇଥାଏ । ମଟର-ଆଳୁ, ବନ୍ଧାକୋବି, ଫୁଲକୋବି-ଆଳୁ, ମୁଗ-ଗୁଡ, ଦାନ୍ତନିକିଟା (ବିରି ଆଣରେ ପ୍ରସ୍ତୁତ), କଟାଆଳୁ ମସଲା, ନଡିଆ-ଗୁଡ, ଛେନା-ଗୁଡ, ରାଶି-ଗୁଡ, କୋଳଥ-ଗୁଡ ଆଦି ପୁର ଦିଆଯାଇ ମଣ୍ଡା ପିଠା ତିଆରି କରାଯାଇଥାଏ ।







# ଗାୟବ ହେଲା ତଦନ୍ତ କମିଶନ ରିପୋର୍ଟ, କ'ଣ ସେହି ରିପୋର୍ଟ



ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ପୂର୍ବ ସରକାର ସମୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ରିପୋର୍ଟ ଗାୟବ ହେବାକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଏହି ଘଟଣାର ସରକାରୀ ସ୍ତରରେ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ୨ଟି ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟାୟିକ ତଦନ୍ତ କମିଶନ ରିପୋର୍ଟ ଗାୟବ ହୋଇଯାଇଥିବା ନେଇ ବର୍ତ୍ତମାନର ବିଜେପି ସରକାର ଅଭିଯୋଗ କରିବା ପରେ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଓଡ଼ିଶାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ଗଣମାଧ୍ୟମ ସାକ୍ଷାତକାରରେ ପ୍ରଥମେ ଏହି ବିସ୍ଫୋରକ ସୂଚନା ଦେଇଥିଲେ। ସେ କହିଥିଲେ ଯେ ବିଜେଡି ଶାସନ ସମୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ନିଖୋଜ ହୋଇଯାଇଛି। ଏହି ରିପୋର୍ଟଗୁଡ଼ିକୁ ବିଧାନସଭା ଗୃହରେ ଉପସ୍ଥାପନ କରିବା ପାଇଁ ଯେତେବେଳେ ଗୃହ ବିଭାଗ, ଆଇନ ବିଭାଗ ଏବଂ ସିଏମ୍‌ଓସ୍ତରରେ ଫାଇଲ୍ ଖୋଜା ଚାଲିଥିଲା, ସେତେବେଳେ ଏହା ମିଳିନଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ପ୍ରସଙ୍ଗରେ ଖୋର୍ଦ୍ଧାରେ ଗଣମାଧ୍ୟମ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଶ୍ନ କରିବାରୁ ସେ ସ୍ପଷ୍ଟ କରିଛନ୍ତି ଯେ— ଯଦି ଏହି ବିଷୟରେ କୌଣସି ଆନୁଷ୍ଠାନିକ ଅଭିଯୋଗ ମିଳେ, ତେବେ ସରକାର ନିଶ୍ଚିତ ଭାବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବେ ଏବଂ ସତ୍ୟ ସାମ୍ନାକୁ ଆଣିବେ । ଆଇନ ମନ୍ତ୍ରୀ ମଧ୍ୟ କହିଛନ୍ତି ଯେ, ଏଥିରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେଉଁ ରିପୋର୍ଟ ଗାୟବ ହୋଇଥିବା ଅନୁମାନ କରାଯାଉଛି । ଯଦିଓ ସରକାରଙ୍କ ପକ୍ଷରୁ କେଉଁ କମିଶନର ରିପୋର୍ଟ ହଜିଛି ତାହା ସ୍ପଷ୍ଟ କରାଯାଇ ନାହିଁ, ତଥାପି ବିଶେଷ ସୂତ୍ର ଅନୁସାରେ ଏହା ମଧ୍ୟରୁ ଗୋଟିଏ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡ ମାମଲାର କମିଶନ ରିପୋର୍ଟ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡି ନେତା ତଥା ପୂର୍ବତନ ଆଇନ ମନ୍ତ୍ରୀ ଅରୁଣ ସାହୁ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି:ତଥ୍ୟ ସାମ୍ନାକୁ ଆଣନ୍ତୁ: ସରକାର ପ୍ରଥମେ ସ୍ପଷ୍ଟ କରନ୍ତୁ ଯେ କେଉଁ କମିଶନର ରିପୋର୍ଟ ଗାୟବ ହୋଇଛି ଏବଂ କେଉଁ ସ୍ତରରେ ଫାଇଲ୍ ନଷ୍ଟ ହୋଇଛି। ଯଦି ରାଜ୍ୟର ସବୁଠାରୁ ସୁରକ୍ଷିତ ପ୍ରଶାସନିକ ଭବନ (ସିଏମ୍‌ଓ)ରୁ ଫାଇଲ୍ ଚୋରି ବା ଗାୟବ ହେଉଛି, ତେବେ ରାଜ୍ୟରେ ସାଧାରଣ ଜନତାଙ୍କ ନଥିପତ୍ରର ସୁରକ୍ଷା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡିର କହିବା କଥା ଯଦି ଫାଇଲ୍ ଗାୟବ ହୋଇଛି, ତେବେ ତାହା ବର୍ତ୍ତମାନର ବିଜେପି ସରକାର ସମୟରେ ହିଁ ହୋଇ ଥାଇପାରେ। ଏହି ବିଷୟରେ ବିଜେପି ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି ଯେ, ପୂର୍ବ ସରକାର କେତେକ ବଡ଼ ପ୍ରସଙ୍ଗକୁ ଲୁଚାଇବା ପାଇଁ ଏପରି କରିଥାଇପାରନ୍ତି ଏବଂ ତଦନ୍ତ ହେଲେ ସବୁ ସତ୍ୟ ପ୍ରକାଶ ପାଇବ।

# ପତିତପାବନ ଓ ଆନନ୍ଦ ବଜାରକୁ ଟ୍ରେଡ୍‌ମାର୍କ ସ୍ୱୀକୃତି



ଭୁବନେଶ୍ୱର/ପୁରୀ, ୧୩/୦୬ (ଜେଏନ୍‌ଏସ୍) : ଶ୍ରୀଜଗନ୍ନାଥ ମନ୍ଦିରର ପତିତପାବନ ଓ ଆନନ୍ଦବଜାର ନାମକୁ ବୁଧବାର ମିଳିଛି ଟ୍ରେଡମାର୍କ ସ୍ୱୀକୃତି। ଏହାଛଡା ନୀଳଚକ୍ର ଲୋଗୋ ମଧ୍ୟ ପଞ୍ଜୀକୃତ ହୋଇଛି। ଆଉ ୨୬ ଗୋଟି ଦରଖାସ୍ତ ଇଣ୍ଡିଆ ଟ୍ରେଡମାର୍କ ରେଜେଷ୍ଟ୍ରି ପାଖରେ ବିଚାରାଧୀନ ରହିଛି। ସେଗୁଡ଼ିକ ଖୁବଶୀଘ୍ର ଅନୁମୋଦନ ଲାଭ କରିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ, ପତିତପାବନ, ନୀଳଚକ୍ର ସମେତ ୨୯ ଗୋଟି ନାମର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଦରଖାସ୍ତ କରାଯାଇ ଥିଲା। ସେଥିରୁ ତିନି ନାମକୁ ଆଇନଗତ ସ୍ୱୀକୃତି ମିଳିଛି। ଏହିସବୁ ନାମ ଗୁଡ଼ିକ ଶ୍ରୀ ଜଗନ୍ନାଥ ସଂସ୍କୃତିର ଐକ୍ୟ, ଐତିହ୍ୟ, ଆଧ୍ୟାତ୍ମିକତା ଓ ସ୍ୱତନ୍ତ୍ରତା ବହନ କରୁଛି। ତେବେ କେତେକ ସଂସ୍ଥା ଏହିସବୁ ନାମ ଗୁଡ଼ିକୁ ଅନଧିକାର ଭାବେ ବ୍ୟବହାର କରିବା ସହ ଜଗନ୍ନାଥ ପ୍ରେମୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ହୋଇଛି। ତେଣୁ ଶ୍ରୀମନ୍ଦିର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବା ଶବ୍ଦ ଓ ନାମ ଗୁଡିକର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହାଦ୍ୱାରା ଏହିସବୁ ନାମ ଗୁଡ଼ିକର ଅପବ୍ୟବହାର ଏବଂ ବ୍ୟବସାୟକରଣ ରୋକାଯାଇ ପାରିବ। ଏଥିପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ପରିଚାଳନା କମିଟି ବୈଠକରେ ଅନୁମୋଦନ ପରେ ସେଗୁଡ଼ିକର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଉଦ୍ୟମ ଅବ୍ୟାହତ ରହିଛି।

# ଜଳସମ୍ପଦ ବିଭାଗର ୩ ଯନ୍ତ୍ରୀଙ୍କୁ ନିଲମ୍ବିତ କଲେ ରାଜ୍ୟ ସରକାର



ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ। ଦୁର୍ନୀତି ଅଭିଯୋଗରେ ରାଜ୍ୟ ସରକାର ନେଇଛନ୍ତି ବଡ଼ କାର୍ଯ୍ୟାନୁଷ୍ଠାନ। ଜଳସମ୍ପଦ ବିଭାଗର ୩ ଯନ୍ତ୍ରୀଙ୍କୁ ନିଲମ୍ବିତ କରିଛନ୍ତି ରାଜ୍ୟ ସରକାର। ବରଗଡ଼ ଜଳସେଚନ ଡିଭିଜନର ସୁପରିଣ୍ଟେଣ୍ଡଣ୍ଟ ଇଞ୍ଜିନିୟର ମଦନ ମୋହନ ସେଠୀ, ଭେଡେନ ଜଳସେଚନ ସବ ଡିଭିଜନ ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜ କୁମାର ମିଶ୍ର, ବରଗଡ଼ କେନାଲ ସେକ୍ସନର ଆସିଷ୍ଟାଣ୍ଟ ଇଞ୍ଜିନିୟର ରଞ୍ଜନ ପଟେଲ ନିଲମ୍ବିତ ହୋଇଛନ୍ତି । ଆର୍ଥିକ ଅନିୟମିତତା ଅଭିଯୋଗରେ ସମସ୍ତଙ୍କୁ ନିଲମ୍ବିତ କରିଛି ଜଳସମ୍ପଦ ବିଭାଗ । ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଓ.ସି.ଏସ୍ ନିୟମ, ୧୯୬୨ର ଧାରା ୧୨(୧) ଅନୁଯାୟୀ ରାଜ୍ୟପାଳଙ୍କ ଆଦେଶକ୍ରମେ ଏହି ନିଲମ୍ବନ ଆଦେଶ ଜାରି ହୋଇଛି । ନିଲମ୍ବନ ସମୟରେ ମଦନ ମୋହନ ସେଠୀ ଜଳ ସମ୍ପଦ ବିଭାଗ ସର୍ବୋଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ କୁମାର ମିଶ୍ର ଓ ରଞ୍ଜନ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିନା ଅନୁମତିରେ ସେମାନଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଗୋଟିଏ ଟ୍ରାକ୍‌ରେ ମୁହାଁମୁହିଁ ହେଲା ୨ ଟ୍ରେନ୍



ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି ୨ ଟ୍ରେନ୍। ଭୁବନେଶ୍ୱରର ଝାରପଡାସ୍ଥିତ ରେଳ ବ୍ରିଜ୍ ନିକଟରେ ଗୋଟିଏ ଧାରଣାରେ ଦୁଇଟି ଟ୍ରେନ୍ ଚାଲିଆସିଥିଲା। ତେବେ ଟ୍ରେନ୍ ଦୁଇଟିର ବେଗ କମ ଥିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ। ଗୋଟିଏ ଟ୍ରେନ୍ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେସନରୁ ଡାଉନ୍‌ଲାଇନ୍‌ରେ କଟକ ଅଭିମୁଖେ ଯାଉଥିବା ବେଳେ ଅନ୍ୟଟ ବିପରୀତ ଦିଗରୁ ଆଗକୁ ବଢୁଥିଲା। ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ ଏବଂ ବାଣୀବିହାର ରେଳଷ୍ଟେସନ ମଝିରେ ଝାରପଡ଼ା ବ୍ରିଜ ପାଖରେ ଉଭୟଙ୍କର ମଧ୍ୟରେ ମୁହାଁମୁହିଁ ହୋଇଥିଲା। ତେବେ ଉଭୟ ଟ୍ରେନ୍‌ର ଲୋକେ ପାଇଲଟ ଉପସ୍ଥିତ ବୁଦ୍ଧି ଲଗାଇଥିଲେ। ଟ୍ରେନ୍ ୨ଟି ଏକ ବଡ଼ଧରଣର ଅଘଟଣରୁ ବର୍ତ୍ତି ଯାଇଥିଲା। ଟ୍ରେନ୍ ଦୁଇଟି ବିନା ଷ୍ଟେସନରେ ଅଟକିବା ପରେ ଯାତ୍ରୀମାନଙ୍କୁ ସୂଚନା ମିଳିଥିଲା। ଏଥି ସହିତ ହଜାର ହଜାର ଯାତ୍ରୀ ମଧ୍ୟ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ବେଳେ ଭାରତୀୟ ରେଳବାଇର ସମ୍ପତ୍ତି ସୁରକ୍ଷିତ ରହିଛି। ଏହି ଅପ୍ରୀତିକର ଘଟଣା ପାଇଁ ଭୁବନେଶ୍ୱର-କଟକ ଡାଉନଲାଇନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଳଚଳାଚଳ ବାଧାପ୍ରାପ୍ତ ହୋଇଛି। ତେବେ ଏହି ଅଭାବନୀୟ ଘଟଣା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ



ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ୧୩ ଦିନିଆ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।ଏହି ମେଗା ଅଭିଯାନ ଜୁନ୍ ୯ରୁ ଆରମ୍ଭ ହୋଇ ଜୁନ୍ ୨୧ ପର୍ଯ୍ୟନ୍ତ ୧୩ ଦିନ ଧରି ଚାଲିବ। ରାଜ୍ୟର ସମସ୍ତ ପୌରାଞ୍ଚଳ କିମ୍ବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏହା ଏକସଙ୍ଗେ ଆୟୋଜନ କରାଯାଉଛି। ସହରାଞ୍ଚଳ ଶାସନ ଓ ପ୍ରଶାସନକୁ ସିଧାସଳଖ ନାଗରିକମାନଙ୍କ ନିକଟତର କରିବା ଏହାର ମୁଖ୍ୟ ଲକ୍ଷ୍ୟ । ବିଭିନ୍ନ ସାମାଜିକ କଲ୍ୟାଣକାରୀ ଯୋଜନା, ସରକାରୀ ସେବା ଏବଂ ନାଗରିକଙ୍କ ଦାୟିତ୍ୱ ବିଷୟରେ ସହରବାସୀଙ୍କୁ ଅବଗତ କରାଇବା ସରକାରୀ ଯୋଜନା ବିଷୟରେ ସଚେତନତା କରିବା । ସହରୀ ବାସିନ୍ଦା ଏବଂ ସ୍ଥାନୀୟ ପୌର ପ୍ରଶାସନ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ବଡ଼ ପ୍ଲାଟଫର୍ମ ପ୍ରଦାନ କରିବା। ସହରକୁ ସଫା ରଖିବା ଏବଂ ଶୁଖିଲା ଓ ଓଦା ଆବର୍ଜନା ପୃଥକୀକରଣ ଉପରେ ଲୋକଙ୍କୁ ବୁଝାଯିବ। ଜଳର ଅପଚୟ ରୋକିବା ଏବଂ ବର୍ଷା ଜଳ ଅମଳ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା। ସହରାଞ୍ଚଳରେ ଚାଲିଥିବା ବିଭିନ୍ନ ଆବାସିକ ଯୋଜନା ଏବଂ ଗରିବ କଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା ଓ ଫିଡ୍‌ବ୍ୟାକ୍ ଗ୍ରହଣ। ସହରକୁ ସବୁଜ ସୁନ୍ଦର କରିବା ପାଇଁ ସ୍ଥାୟୀ ପରିବେଶ ଅନୁକୂଳ ପଦକ୍ଷେପ।ପ୍ରତି ପୌରାଞ୍ଚଳର ସମସ୍ତ ୱାର୍ଡରେ ସ୍ୱତନ୍ତ୍ର ପବ୍ଲିକ କନସଲଟେସନ ବା ଜନଶୁଣାଣି ବୈଠକ ହେବ। ଲୋକଙ୍କୁ ସାମିଲ କରିବା ପାଇଁ ସଚେତନତା ସମାବେଶ ଓ ର୍‌ୟାଲି କରାଯିବ । ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର 'ସ୍ୱଚ୍ଛତା ଡ୍ରାଇଭ୍' ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# କଂଗ୍ରେସ ଆଇସିୟୁରେ ରହିଛି : ଜୟନାରାୟଣ ମିଶ୍ର

ଭୁବନେଶ୍ୱର/ସମ୍ବଲପୁର, ୧୩/୦୬ (ଜେଏନ୍‌ଏସ୍) : ନିଟ ପରୀକ୍ଷା ପତ୍ର ଲିକ ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ନେଇ ଜନ ଆକ୍ରୋଶ ରାଲି କରିଥିଲା କଂଗ୍ରେସ। କଂଗ୍ରେସ ନେତା କହ୍ନେୟା କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯାହାକୁ ନେଇ ବିଧାୟକ ଜୟନାରାୟଣ ମିଶ୍ର କଡ଼ା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କଂଗ୍ରେସ ଆଇସିୟୁରେ ରହିଛି। ସେ କହିଛନ୍ତି ଯେ, ସମ୍ବଲପୁରରେ କଂଗ୍ରେସ ବଞ୍ଚାଅ ଅଭିଯାନ ହୋଇଛି। କଂଗ୍ରେସ ବଞ୍ଚିଛି ବୋଲି ଲୋକେ ଜନନ୍ତୁ ସେଥିପାଇଁ ଏହା ଚେଷ୍ଟା କରିଛନ୍ତି। ଏହା ଦ୍ୱାରା ଜଣାପଡ଼ିଛି ଯେ, କଂଗ୍ରେସ ବଞ୍ଚିଛି, କିନ୍ତୁ ସାଲାଇନ ଲଗାଇ ଆଇସିୟୁରେ ବଞ୍ଚିଛି। କଂଗ୍ରେସ ସମୟରେ ସବୁଠାରୁ ରେକର୍ଡ ସଂଖ୍ୟକ ପେପର ଲିକ ହୋଇଛି। ଆମର ସମୟରେ ଯଦି ଭୁଲ ବଶତଃ କୌଣସି ଘଟଣା ଘଟୁଛି, ତାହା ହେଲେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛୁ ଏବଂ ବହୁ ଲୋକ ଗିରଫ ମଧ୍ୟ ହୋଇଛନ୍ତି। ତଦନ୍ତ ଚାଲିଛି ଏବଂ ଯିଏ ମଧ୍ୟ ଦୋଷୀ ଅଟେ, ତାହାକୁ ଛଡାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଗାମୀ ଦିନରେ ଏଭଳି ଘଟଣା ଯେଭଳି ନ ଘଟିବ ତାର ମଧ୍ୟ ବ୍ୟବସ୍ଥା କରିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସେମାନେ ଯେଉଁ ବିଭିନ୍ନ ଅଭିଯୋଗ କରୁଛନ୍ତି ଯେ, ପୁଲିସ ତାଙ୍କୁ ଅଟକାଇ ଦେଲା। ଯଦି ପୁଲିସ ଅଟକାଇ ଥାନ୍ତା, ତାହେଲେ ୫୦୦-୬୦୦ ଲୋକ ଠୁଳ କରି ଆନ୍ଦୋଳନ କରିଲେ, ତାହା କରିପାରି ନଥାନ୍ତେ। ଏସବୁ ବାହାନା ଅଟେ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସ ପଶ୍ଚିମ ଓଡିଶାର ନେତା ହୋଇଥିବା ବେଳେ ତାଙ୍କର ଅଞ୍ଚଳରେ ହୋଇଥିବା ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ରୂପେ ଫ୍ଲପ ସୋ ହୋଇଛି। ସେମାନେ ଦୁର୍ବଳ ନେତୃତ୍ୱର କଥା କହୁଥିବା ବେଳେ ଆଜିର ଘଟଣାରୁ କିଏ ଦୁର୍ବଳ ତାହା ସ୍ପଷ୍ଟ ଜଣାପଡୁଛି ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରୀ କହିଛନ୍ତି ଯେ, ସେମାନେ ଯେଉଁ ପ୍ରଧାନମନ୍ତ୍ରୀଙ୍କୁ ଦୁର୍ବଳ ବୋଲି କହୁଛନ୍ତି, ସେମାନେ ଜାଣିବା ଉଚିତ ଯେ ସାରା ବିଶ୍ୱ ଦରବାରରେ ଆମେରିକା, ଚୀନ ଭଳି ରାଷ୍ଟ୍ର ସହିତ ତାଳ ଦେଇ ଦେଶ ଚାଲୁଛି ଏବଂ ଭାରତ ଗୌରବକୁ ଆହୁରୀ ବିଖ୍ୟାତ କରିଛି, ସେହି ବ୍ୟକ୍ତି ଦୁର୍ବଳ କି ସବଳ ତାହା ଜନତା ବିଚାର କରିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ବିଦେଶୀ କାର୍ଯ୍ୟକ୍ରମ ଗୁଡିକରେ ପଛରେ ଛିଡା ହେଉଥିଲେ। ସେମାନେ ତାଙ୍କ ସମୟରେ ସୋନିଆ ଗାନ୍ଧୀଙ୍କ ହାତରେ ରିମୋଟ ଧରାଇ ଦେଇଥିବା ବେଳେ ଯେଉଁ ପ୍ରକାରର ବ୍ୟବହାର ରାହୁଲ ଗାନ୍ଧୀ କରୁଥିଲେ ତାହା ଦୁନିଆ ଦେଖିଛି। ଶିକ୍ଷାର ବିକାଶ ପାଇଁ ଆମେ ପୂର୍ବ ସରକାରଙ୍କ ତୁଳନାରେ ୫ ଗୁଣା ଆଇଆଇଏମ କରିଛୁ। ଆଜି ଭାରତବର୍ଷରେ ରାଜ୍ୟର ଲୋକସଂଖ୍ୟା ଅନୁପାତରେ ମେଡିକାଲ କଲେଜ କରାଯାଉଛି। ଓଡିଶାରେ ଏବେ ୧୫ଟି ମେଡିକାଲ କଲେଜ ହୋଇଥିବା ବେଳେ ପ୍ରତି ଜିଲାରେ ମେଡିକାଲ କଲେଜ ଖୋଲିବାର ଲକ୍ଷ୍ୟ ରଖିଛି। ପୂର୍ବରୁ କଂଗ୍ରେସ ଲୋକଙ୍କୁ ମୂର୍ଖ ବନାଉଥିଲା କିନ୍ତୁ ଏବେ ଜନତା ଆଉ ମୂର୍ଖ ନୁହନ୍ତି, ସେମାନେ ସବୁ ଜାଣୁଛନ୍ତି। ଆଜିର ପଶ୍ଚିମ ଓଡିଶା ଆନ୍ଦୋଳନ ଆୟୋଜନରୁ ଜଣାପଡୁଛି ଯେ, ସେମାନେ ଦେଶକୁ କେତେ ପରିବର୍ତ୍ତନ କରିବାର ସାମର୍ଥ୍ୟ ରଖିଛନ୍ତି। ସମ୍ବଲପୁରକୁ ଆସିଥିବା କଂଗ୍ରେସ ନେତା କହ୍ନୟା କୁମାର ପୂର୍ବରୁ ଜେଏନୟୁର ସଭାପତି ଥିବା ବେଳେ ଭାରତ ବିଭାଜନର ନାରା ଦେଇଥିଲା। ଟୁକଡେ ଟୁକଡେ ଗ୍ୟାଙ୍ଗର ସର୍ଦ୍ଦାର ଥିଲେ। ଆଜି ଦେଶର କଥା କହୁଛନ୍ତି। ସେ ଦେଶ ଦ୍ରୋହୀ ଥିଲ, ଦେଶଦ୍ରୋହୀ ହିଁ ରହିବ। ସେ ବିଦେଶୀ ପାଣ୍ଠିରେ କାମ କରୁଛନ୍ତି। ପ୍ରଥମେ ଦେଶ ପାଇଁ କିଛି କରିକି ଦେଖାନ୍ତୁ। ସେ କେବଳ ତାଙ୍କର ନେତାଗିରି ଦେଖାଇବାକୁ ଏଠାକୁ ଆସିଥିଲେ। କଂଗ୍ରେସ ବଞ୍ଚାଅ ଅଭିଯାନ କରିଥିବା ବେଳେ ତାହା ମଧ୍ୟ ସଫଳ ହେଲା ନାହିଁ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ନାଉରୀ ନାଏକ ଓ ଜିଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଧର୍ମେନ୍ଦ୍ରଙ୍କୁ କହ୍ନେୟା କୁମାରଙ୍କ ନିଶାନା କଡ଼ା ଜବାବ ଦେଲେ ମନ୍ତ୍ରୀ ରବି ନାଏକ



ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ନିଟ ଓ ସିବିଏସଇ ପ୍ରଶ୍ନପତ୍ର ଲିଙ୍କ ଘଟଣାରେ ସମ୍ବଲପୁରରେ କଂଗ୍ରେସ ନେତା କହ୍ନେୟା କୁମାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବର୍ଷୀବା ପରେ ଏହାର କଡ଼ା ଜବାବ ରଖିଛନ୍ତି ମନ୍ତ୍ରୀ ରବି ନାଏକ। ପ୍ରେସ ଇସ୍ତାହାର ଜରିଆରେ ଜବାବ ଦେଇ ସେ କହିଛନ୍ତି, ଓଡ଼ିଶା ଭଳି ବୀର ଏବଂ ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟିରେ ଦେଶ ବିଭାଜନକାରୀ ତଥା ରାଷ୍ଟ୍ର ବିରୋଧୀ ମାନସିକତାକୁ ଓଡ଼ିଶାର ସ୍ୱାଭିମାନୀ ଯୁବ ସମାଜ ଓ ଛାତ୍ର ସମାଜ କେବେ ବି ଗ୍ରହଣ କରିବେ ନାହିଁ କି ବରଦାସ୍ତ କରିବେ ନାହିଁ। ଯେଉଁ କହ୍ନେୟା କୁମାର, ଜେଏନୟୁରେ ଠିଆ ହୋଇ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଚିହ୍ନ ଲଗାଇଥିଲେ, ଦେଶ ବିରୋଧୀ ବିଷ ମଞ୍ଜି ବୁଣିଥିଲେ, ଦେଶକୁ ଖଣ୍ଡ ଖଣ୍ଡ କରିବାର 'ଟୁକଡେ ଟୁକଡେ ଗ୍ୟାଙ୍ଗ'ର ବିଷାକ୍ତ ସ୍ଲୋଗାନ ଦେଉଥିଲେ ଏବଂ ସର୍ବଦା ଆତଙ୍କବାଦୀଙ୍କ ଭଳି ସ୍ୱର ଉତ୍ତୋଳନ କରୁଥିଲେ, ସେ ଆଜି କେଉଁ ସାହସରେ ସମ୍ବଲପୁରର ସ୍ୱାଭିମାନୀ ମାଟିରେ ପାଦ ଦେଇ ଓଡ଼ିଶାବାସୀଙ୍କୁ ଜ୍ଞାନ ବାଣ୍ଟୁଛନ୍ତି।

ସେ ଆହୁରି କହିଛନ୍ତି, କଂଗ୍ରେସ ଦଳ ନିଜର ଦେଶ ବିରୋଧୀ ଚେହେରାକୁ ଲୁଚାଇବା ପାଇଁ ଏଭଳି ଜଣେ ବିବାଦୀୟ ଓ ଦେଶଦ୍ରୋହୀ ମାନସିକତାର ବ୍ୟକ୍ତିଙ୍କୁ ଓଡ଼ିଶା ଆଣି ଏଠାକାର ଶାନ୍ତିପ୍ରିୟ ପରିବେଶକୁ ନଷ୍ଟ କରିବାକୁ ହୀନ ପ୍ରୟାସ କରୁଛି। ଯାହାକୁ ରାଜ୍ୟର ଜନସାଧାରଣ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଦେଶର ଶିକ୍ଷା ବ୍ୟବସ୍ଥାରୁ ପରାଧୀନ ମାନସିକତା ଓ ମେକାଉଲେ ଶିକ୍ଷା ପଦ୍ଧତିର ଅନ୍ତ କରିବା ପାଇଁ ଏକ ପ୍ରଗତିଶୀଳ ଏବଂ ଐତିହାସିକ 'ଜାତୀୟ ଶିକ୍ଷା ନୀତି' ଲାଗୁ କରିଛନ୍ତି। ଆଜି ଶ୍ରୀ ପ୍ରଧାନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଭାରତର ଶିକ୍ଷା ବ୍ୟବସ୍ଥା ଆନ୍ତରାଷ୍ଟ୍ରୀୟ ସ୍ତରକୁ ଯାଉଛି, ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଏହି ନୀତିକୁ ଆପଣାଉଛନ୍ତି ଏବଂ ବିଶ୍ୱର ବଡ଼ ବଡ଼ ବିଦେଶୀ କ୍ୟାମ୍ପସ ଆଜି ଭାରତ ମାଟିରେ ପ୍ରତିଷ୍ଠା ହେଉଛି, ଯାହା ଆମ ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ପ୍ରଦାନ କରୁଛି। ଏଭଳି ଜଣେ ରାଷ୍ଟ୍ର ନିର୍ମାତା ତଥା ଯୋଗ୍ୟ ମନ୍ତ୍ରୀଙ୍କ ବିରୋଧରେ କହ୍ନେୟା କୁମାରଙ୍କ ଭଳି ଜଣେ ଅରାଜକତାବାଦୀ ନେତାଙ୍କ ମନ୍ତବ୍ୟ ସୂର୍ଯ୍ୟଙ୍କୁ ଆଲୁଅ ଦେଖାଇବା ସଦୃଶ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ। ଦେଶ ବିରୋଧୀ ତତ୍ତ୍ୱ ପ୍ରଚାର କରୁଥିବା ଏଭଳି ବ୍ୟକ୍ତିମାନେ ଓଡ଼ିଶା ଭଳି ପବିତ୍ର ଶିକ୍ଷା ଓ ସଂସ୍କୃତିର ମାଟିରୁ ଦୂରେଇ ରହିବା ଉଚିତ୍। ରାଜ୍ୟରେ ସମ୍ପୂର୍ଣ୍ଣ ରୂପେ ଅସ୍ତିତ୍ୱ ହରାଇ ଦେବାଳିଆ ହୋଇଯାଇଥିବା କଂଗ୍ରେସ ଦଳ ଏବଂ ତାଙ୍କ ନେତା ଭକ୍ତ ଚରଣ ଦାସ ଏବେ ଓଡ଼ିଶାର ଶାନ୍ତି ଓ ସାଂସ୍କୃତିକ ପରିବେଶକୁ ଧୂଳିସାତ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ରଚୁଛନ୍ତି। ବାହାରୁ ଏଭଳି ଦେଶ ବିଭାଜନକାରୀ ତତ୍ତ୍ୱଙ୍କୁ ଆଣି ଭକ୍ତ ଦାସ ଓ ସମଗ୍ର କଂଗ୍ରେସ ଦଳ ଓଡ଼ିଶାରେ ସାମ୍ପ୍ରଦାୟିକ ଅଶାନ୍ତି ଓ ଦଙ୍ଗା କରାଇବାକୁ ଚାହୁଁଛନ୍ତି। ଯାହା ଓଡ଼ିଶାର ପ୍ରତିଟି ସ୍ୱାଭିମାନୀ ନାଗରିକଙ୍କୁ ଗଭୀର ଆଘାତ ଦେଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହାସହ ମନ୍ତ୍ରୀ ଚେତାବନୀ ଦେଇ କହିଛନ୍ତି ଯେ, କଂଗ୍ରେସର ଏହି ଓଡ଼ିଶା ବିରୋଧୀ ଏବଂ ବିପଜ୍ଜନକ ମାନସିକତାକୁ ଏଠାକାର ଯୁବ ସମାଜ ସଫଳ ହେବାକୁ ଦେବେ ନାହିଁ। ଏହି ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ଏବଂ ଓଡ଼ିଶାର ସ୍ୱାଭିମାନକୁ ଅପମାନିତ କରିଥିବାରୁ ଭକ୍ତ ଦାସ ଏବଂ ସମଗ୍ର କଂଗ୍ରେସ ଦଳ ତୁରନ୍ତ ଓଡ଼ିଶାବାସୀଙ୍କ ନିକଟରେ ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରନ୍ତୁ। ନଚେତ୍ ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ ଏହାର ଉଚିତ୍ ଏବଂ ଶକ୍ତ ଜବାବ ଦେବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

# ବିଜେପୁରରେ ସାଂଘାତିକ କାଣ୍ଡ: ମାଡ଼ ମାରି କୂଅରେ ଫିଙ୍ଗିଦେଲେ ଦୁର୍ବୃତ୍ତ ୪ ଦିନ କାଳ ମୃତ୍ୟୁ ସହ ସଂଘର୍ଷ କରି ଜୀବନ୍ତ ଉଦ୍ଧାର ଯୁବକ!



ବରଗଡ଼, ୧୩।୦୬ (ଜେଏନ୍‌ଏସ୍) : ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଞ୍ଚଳରୁ ଏକ ହାଡ଼ଶିହରଣକାରୀ ତଥା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସମଲେଇପଦର ଗ୍ରାମର ଏକ ନର୍ସରୀ ନିକଟରେ ଥିବା ଗଭୀର କୂଅ ଭିତରୁ ଜଣେ ଯୁବକଙ୍କୁ ଦୀର୍ଘ ୪ ଦିନ ପରେ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ୪ ଦିନ କାଳ ବିନା ଅନ୍ନଜଳରେ କୂଅ ଭିତରେ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଯୁବକ ଜଣକ ନୂଆ ଜୀବନ ପାଇଛନ୍ତି। ଉଦ୍ଧାର ହେବା ପରେ ଯୁବକ ଜଣକ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ସମସ୍ତଙ୍କୁ ଚକିତ କରିଦେଇଛି। ତାଙ୍କ କହିବା ଅନୁସାରେ, ପ୍ରାୟ ୫ ଜଣ ବ୍ୟକ୍ତି ତାଙ୍କୁ କୌଣସି କାରଣକୁ ନେଇ ପ୍ରବଳ ମାଡ଼ ମାରିଥିଲେ ଏବଂ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତାଙ୍କୁ ଜୀବନ୍ତ ଅବସ୍ଥାରେ ଏହି କୂଅ ଭିତରକୁ ଫିଙ୍ଗି ଦେଇ ଚାଲିଯାଇଥିଲେ। ଗତକାଲି କୂଅ ଭିତରୁ କିଛି ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମବାସୀମାନେ ସନ୍ଦେହ କରିଥିଲେ ଏବଂ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବିଜେପୁର ପୋଲିସ ଏବଂ ଅଗ୍ନିଶମ ସେବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ଏକ ସ୍ପେଶାଲ ଅପରେସନ କରି ଯୁବକଙ୍କୁ କୂଅ ଭିତରୁ ସୁରକ୍ଷିତ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଭୟଙ୍କର ଘଟଣାକୁ ନେଇ ସମଗ୍ର ବିଜେପୁର ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ପୋଲିସ ଏହି ମାମଲାରେ ସେହି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତଦନ୍ତ ପ୍ରକ୍ରିୟା ଜୋରଦାର କରିଛି।

# ସକ୍ରିୟ ହେଲା 'ଏଲ୍‌ନିନୋ' : ଓଡ଼ିଶାରେ ବିଗିଡ଼ିବ ପାଣିପାଗ

ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଆମେରିକାର ପାଣିପାଗ ସଂସ୍ଥା 'ନୋଆ' ଅନୁଯାୟୀ ପ୍ରଶାନ୍ତ ମହାସାଗରରେ 'ଏଲ୍‌ନିନୋ' ପ୍ରକ୍ରିୟା ସମ୍ପୂର୍ଣ୍ଣ ସକ୍ରିୟ ହୋଇଛି। ଏହା 'ସୁପର ଏଲ୍‌ନିନୋ'ର ରୂପ ନେବାର ଆଶଙ୍କା ୬୩%କୁ ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ମୌସୁମୀ ବ୍ୟାହତ ହେବା ସହ ପ୍ରବଳ ବର୍ଷା ନିଅଣ୍ଟିଆ ହେବାର ସମ୍ଭାବନା ରହିଛି। ଓଡ଼ିଶାର ପାଗରେ ପରିବର୍ତ୍ତନ ଦେଖାଯାଇଥିଲେ ମଧ୍ୟ ପବନର ଦିଗରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଏହା ସତ୍ତ୍ୱେ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ଆଶା ପ୍ରକାଶ କରିଛି ଯେ ଆସନ୍ତା ୩-୪ ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବ। କିନ୍ତୁ ବିଶେଷଜ୍ଞମାନଙ୍କ ମତରେ, ଏହି ମୌସୁମୀ ଆଗମନ ଦ୍ୱାରା ରାଜ୍ୟବାସୀଙ୍କୁ ଗରମରୁ କୌଣସି ବଡ଼ ଆଶ୍ୱସ୍ତି ମିଳିବାର ସମ୍ଭାବନା କମ୍।

୧. ମୌସୁମୀ ଆସିବ, ହେଲେ ପ୍ରଭାବ ରହିବ କମ୍

ଲଘୁଚାପର ଅଭାବ: ମୌସୁମୀକୁ ଶକ୍ତିଶାଳୀ କରିବା ପାଇଁ ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଦେଖାଯାଉନାହିଁ। ତେଣୁ ବିସ୍ତୃତ ଅଞ୍ଚଳରେ ବଡ଼ ଧରଣର ବର୍ଷା ହେବାର ଆଶା କମ୍। ବର୍ଷାର ଅଭାବ: ଜୁନ୍ ପହିଲାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪୭% ବର୍ଷା ନିଅଣ୍ଟିଆ ରହିଛି। ସ୍ୱାଭାବିକ ଭାବେ ୪୧.୧ ମିଲିମିଟର ବର୍ଷା ହେବା କଥା, କିନ୍ତୁ ମାତ୍ର ୨୩.୭ ମିମି ବର୍ଷା ରେକର୍ଡ କରାଯାଇଛି। କେବଳ ନୟାଗଡ଼କୁ ଛାଡ଼ିଦେଲେ ପଶ୍ଚିମ, ଉତ୍ତର ଓ କେନ୍ଦ୍ରୀୟ ଓଡ଼ିଶାର ଅଧିକାଂଶ ଭାଗ ପୂରା ଶୁଖିଲା ପଡ଼ିଛି। ଆମେରିକାର ପାଣିପାଗ ସଂସ୍ଥା 'ନୋଆ'ର ଆକଳନ କରିଛି ଯେ ପ୍ରଶାନ୍ତ ମହାସାଗରରେ 'ଏଲ୍-ନିନୋ' ସକ୍ରିୟ ହୋଇସାରିଛି ଏବଂ ଏହା ଅତ୍ୟନ୍ତ ଶକ୍ତିଶାଳୀ ରୂପ ନେଇପାରେ।

ସମୁଦ୍ର ଜଳରାଶି ତାତିବ:ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଦୀର୍ଘ ଦିନ ଧରି ସ୍ୱାଭାବିକ ଠାରୁ ଅଧିକ ଉତ୍ତାପ ଜାରି ରହିବ। ବିଶେଷ କରି ଶୀତ ଋତୁରେ ମଧ୍ୟ ସେଠାରେ ଅସ୍ୱାଭାବିକ ଗରମ ଅନୁଭୂତ ହେବ। ୧୯୯୭ ପରଠାରୁ ସବୁଠାରୁ ଭୟଙ୍କର: ଆସନ୍ତା ନଭେମ୍ବରରୁ ଜାନୁଆରୀ ମଧ୍ୟରେ ଏହା ଅତି ଶକ୍ତିଶାଳୀ ହେବାର ୫୬% ଏବଂ 'ସୁପର ଏଲ୍-ନିନୋ' ରୂପ ନେବାର ୪୦% ସମ୍ଭାବନା ଅଛି।

୨ ଡିଗ୍ରୀ ଅଧିକତାପମାତ୍ରା: ସମୁଦ୍ର ଜଳର ତାପମାତ୍ରା ସ୍ୱାଭାବିକଠାରୁ ୨ ଡିଗ୍ରୀ ସେଲସିୟସ୍ ଅଧିକ ରହିପାରେ। 'ସୁପର ଏଲ୍ନିନୋ'ର ଆଶଙ୍କା:ଏହି ଉତ୍ତାପ ଆହୁରି ଅଧିକ ବଢ଼ିବା ନେଇ ଏବେ ୬୩ ପ୍ରତିଶତ ସମ୍ଭାବନା ରହିଛି । ଯଦି ଏଭଳି ହୁଏ, ତେବେ ଏହା 'ସୁପର ଏଲ୍ନିନୋ'ର ରୂପ ନେବ ଏବଂ ନଭେମ୍ବରରୁ ଜାନୁଆରୀ ମଧ୍ୟରେ ଏହାର ପ୍ରକ୍ରିୟା ସବୁଠାରୁ ଭୟଙ୍କର ହେବ। ୧୯୯ ପରଠାରୁ ଏହା ସବୁଠାରୁ ଶକ୍ତିଶାଳୀ ହେବାର ଆଶଙ୍କା କରାଯାଉଛି। ସାରା ବିଶ୍ୱ ଉପରେ ପଡ଼ିବ ବଡ଼ ପ୍ରଭାବ: ଏହି ପ୍ରାକୃତିକ ପରିବର୍ତ୍ତନ କେବଳ ସମୁଦ୍ର ମଧ୍ୟରେ ସୀମିତ ରହିବ ନାହିଁ, ବରଂ ଏହାର ସିଧାସଳଖ ପ୍ରଭାବ ସମଗ୍ର ପୃଥିବୀ ଉପରେ ଦେଖିବାକୁ ମିଳିବ ପାଣିପାଗ ବିପର୍ଯ୍ୟୟ:ବିଶ୍ୱର ବିଭିନ୍ନ ଦେଶରେ ଜଳବାୟୁ ପରିବର୍ତ୍ତନ ହେବ ଏବଂ ଅନେକ ସ୍ଥାନରେ ମରୁଡ଼ି ଆଶଙ୍କା ବହୁଗୁଣ ବୃଦ୍ଧି ପାଇବ। ବର୍ଷା ହେବ ଅନିୟମିତ: ଏଲ୍-ନିନୋ ଯୋଗୁଁ ଚଳିତ ବର୍ଷ ମୌସୁମୀ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଗିଡ଼ିଯାଇପାରେ। ବର୍ଷା ଅନିୟମିତ ହେବ—କେତେବେଳେ ପ୍ରବଳ ତ କେତେବେଳେ ଜମା ବର୍ଷା ହେବନାହିଁ।



ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଅଧିକ ପ୍ରଭାବ: ପାଣିପାଗ ବୈଜ୍ଞାନିକ ବିଶ୍ୱଜିତ ସାହୁଙ୍କ ଅନୁଯାୟୀ, ଉତ୍ତର ଓଡ଼ିଶାର (ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଝାରସୁଗୁଡ଼ା) ଏବଂ ଦକ୍ଷିଣ ଓଡ଼ିଶାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ମୌସୁମୀ ବର୍ଷା ସବୁଠାରୁ ଅଧିକ ନିଅଣ୍ଟିଆ ରହିପାରେ।

୩. ଆଗାମୀ ଦିନର ପୂର୍ବାନୁମାନ ଓ ତାପମାତ୍ରା : ପାଣିପାଗ ବିଭାଗ ଅନୁଯାୟୀ, ଆସନ୍ତା ଦିନଗୁଡ଼ିକରେ ବର୍ଷା ସହ ତାତି ମଧ୍ୟ ଜାରି ରହିବ: ଜୁନ୍ ୧୭-୧୮: ରାଜ୍ୟରେ ହାଲୁକାରୁ ମଧ୍ୟମ ଏବଂ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ। ତଥାପି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଏବଂ ଉପକୂଳ ଅଞ୍ଚଳରେ ୩୭ ରୁ ୩୯ ଡିଗ୍ରୀ ସେଲ୍ସିୟସ୍ ରହିବ। ଜୁନ୍ ୧୯-୨୫: ଏହି ସମୟ ମଧ୍ୟରେ ଅଧିକାଂଶ ସ୍ଥାନରେ ପାରଦ ୩୮-୪୦ ଡିଗ୍ରୀ ଛୁଇଁବ। ତେବେ ଆଶ୍ୱସ୍ତିର କଥା ହେଉଛି, ୧୯ରୁ ୨୫ ତାରିଖ ଭିତରେ ଉତ୍ତର ବଙ୍ଗୋପସାଗରରେ ଏକ ଗୁରୁତ୍ୱବଳୟ କିମ୍ବା ଲଘୁଚାପ ସୃଷ୍ଟି ହୋଇପାରେ, ଯାହା ବର୍ଷାର ପରିମାଣ ବଢ଼ାଇବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମିଳୁନି ବାର୍ଦ୍ଧକ୍ୟ...

ମାଗଣା ଶିକ୍ଷା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ୨ ବର୍ଷ ପୂରଣ କରିବା ଅବସରରେ ଦୁଇଟି ବଡ଼ ଘୋଷଣା କରିଛନ୍ତି । ମାଗଣା ଶିକ୍ଷା ଘୋଷଣା-(କେଜି ଠାରୁ ପିଜି ମାଗଣା ଶିକ୍ଷା)ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଏକ ଐତିହାସିକ ପଦକ୍ଷେପ ନିଆଯାଇଛି ।

ରାଜ୍ୟର ସମସ୍ତ ସରକାରୀ ସ୍କୁଲ୍ ଏବଂ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ସୁବିଧା ପାଇବେ । ଏହି ଯୋଜନା ବିଶେଷ କରି ଆର୍ଥିକ ଅନଗ୍ରସର (ଗରିବ) ଶ୍ରେଣୀର ପିଲା ଏବଂ ସମସ୍ତ ଛାତ୍ରୀ ମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ବଡ଼ ସହାୟତା ପ୍ରଦାନ କରିବ । ଆର୍ଥିକ ଅଭାବ ଯୋଗୁଁ ଯେମିତି କୌଣସି ପିଲା ପାଠପଢ଼ାରୁ ବଞ୍ଚିତ ନହୁଅନ୍ତି, ତାହା ନିଶ୍ଚିତ କରିବା। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ସାର୍ବଜନୀନ ମାଗଣା ଶିକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ( ଏନ୍‌ଇପି୨୦୨୦) କାର୍ଯ୍ୟକାରୀ କରାଯାଇଛି। ଏହା ସହିତ ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି, ଯେଉଁଥିରୁ ପ୍ରଥମ ପର୍ଯ୍ୟାୟରେ ୩୨୨ଟି ସ୍କୁଲର ଶିଳାନ୍ୟାସ ସରିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲୋକସେବା ଭବନରେ ସମ୍ବାଦଦାତା ସମ୍ମିଳନୀ କରି ୨ବର୍ଷ ସରକାରଙ୍କ ସଫଳତାର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି।। 'ସମୃଦ୍ଧ ଓଡ଼ିଶା ୨୦୩୬' ରୋଡମ୍ୟାପ୍ ଆଧାରରେ ଗତ ୨ ବର୍ଷରେ ୧୨୧ଟି ନୂଆ ସ୍କିମ୍ ଓ ପ୍ରୋଜେକ୍ଟ ଆରମ୍ଭ ହୋଇଛି ।

ସେଥିମଧ୍ୟରୁ ପ୍ରମୁଖ ସଫଳତାଗୁଡ଼ିକ ହେଲା ସୁଭଦ୍ରା ଯୋଜନା । ଏହି ଫ୍ଲାଗସିପ୍ ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରାୟ ୨୦,୫୮୮ କୋଟିରୁ ଅଧିକ ଟଙ୍କା ସିଧାସଳଖ ପଠାଯାଇଛି। ଟେକ୍ନିକାଲ ସମସ୍ୟା ଯୋଗୁଁ ଅଟକିଥିବା ୩ ମାସର ବକେୟା ଭତ୍ତା ମଧ୍ୟ ଖୁବଶୀଘ୍ର ଏକାଥରକେ ପ୍ରଦାନ କରାଯିବ ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା -ଖାଦ୍ୟ ସୁରକ୍ଷାକୁ ମଜବୁତ କରିବା ପାଇଁ ଏହି ନୂଆ ଯୋଜନାର ଘୋଷଣା ହୋଇଛି । ଏହା ଅଧୀନରେ ଏନଏଫଏସଏ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମାସିକ ଅତିରିକ୍ତ ୫ କେଜି ମାଗଣା ଚାଉଳ ମିଳିବ, ଯାହାଦ୍ୱାରା ଜଣେ ହିତାଧିକାରୀ ମୋଟ ୧୦ କେଜି ଚାଉଳ ପାଇବେ । ଏଥିପାଇଁ ସରକାର ବାର୍ଷିକ ୮,୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ମାଧ୍ୟମରେ ରାଜ୍ୟର ପ୍ରାୟ ୩.୪୬ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ କରାଯାଇଛି । ସରକାର ଗତ ୨ ବର୍ଷରେ ୨୬,୬୧୫ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ନିଯୁକ୍ତି କରିଛନ୍ତି ଏବଂ ଆଗାମୀ ୩ ବର୍ଷରେ ଆହୁରି ୪୫,୦୦୦ ଶିକ୍ଷକ ପଦବୀ ପୂରଣ କରାଯିବ । ପୁରୀ ଶ୍ରୀମନ୍ଦିରର ୪ଟି ଯାକ ଦ୍ୱାର ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯିବା ଏହି ସରକାରଙ୍କ ସବୁଠାରୁ ବଡ଼ ପ୍ରତିଶ୍ରୁତି ପୂରଣ ଥିଲା ।

### ଓଡ଼ିଶା ଆସିବେ...

ରାଇରଙ୍ଗପୁର ଗସ୍ତ କରି ସ୍ଥାନୀୟ ଦଣ୍ଡବୋଷ ଏୟାରଷ୍ଟ୍ରିପ୍, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଏବଂ ସିସିଟିଭି ନଜର ରଖିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ କରି ଭିଆଇପି ପ୍ରୋଟୋକଲ, ପାର୍କିଂ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଗୋଟିଏ ମଞ୍ଚରେ...

ତିନ ମହିଳା ନେତ୍ରୀଙ୍କୁ ଏକାଠି ଦେଖିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଭୁବନେଶ୍ୱରରେ ତିନି ପ୍ରମୁଖ ରାଜନୈତିକ ଦଳର ଶୀର୍ଷ ମହିଳା ନେତ୍ରୀ ଏକାଠି ହେବା ଘଟଣା ସାରା ରାଜ୍ୟରେ ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ରଜ ମହୋତ୍ସବରେ 'ରାଜନୈତିକ ସୌହାର୍ଦ୍ଦ୍ୟ'ଓଡ଼ିଶାର ଗଣପର୍ବ 'ରଜ' ଉତ୍ସବ ଅବସରରେ ଭୁବନେଶ୍ୱରଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ମଞ୍ଚରେ ସାଧାରଣତଃ ପରସ୍ପର ବିରୋଧରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନୋଟି ଭିନ୍ନ ଦଳର ନେତ୍ରୀଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ବିଜେପି ନେତ୍ରୀ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ,ବିଜେଡି ନେତ୍ରୀ ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଂଗ୍ରେସ ନେତ୍ରୀ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ । ଦଳୀୟ ପାଚେରୀ ଉଭେଇଗଲା । ସାଧାରଣ ନିର୍ବାଚନ ଓ ରାଜନୈତିକ ମଇଦାନରେ ପରସ୍ପର ଉପରେ କାଦୁଅ ଫିଙ୍ଗାଫିଙ୍ଗି ହେଉଥିବା ବେଳେ, ଏହି ମଞ୍ଚରେ ସେମାନଙ୍କ ମଧ୍ୟରେ ଉତ୍କୃଷ୍ଟ ବନ୍ଧୁତ୍ୱ ଓ ଆତ୍ମୀୟତା ଦେଖିବାକୁ ମିଳିଥିଲା । ତିନି ନେତ୍ରୀ ପରସ୍ପରକୁ ରଜର ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ରାଜନୀତି କେବଳ ଶତ୍ରୁତା ନୁହେଁ, ବରଂ ରାଜ୍ୟର ବିକାଶ ଓ ସଂସ୍କୃତି ପାଇଁ ସମସ୍ତେ ଏକାଠି ହୋଇପାରିବେ ବୋଲି ଏହି ମଞ୍ଚରୁ ଏକ ବଡ଼ ବାର୍ତ୍ତା ଦିଆଯାଇଛି । ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟିକା ସୋଫିଆ ଫିରଦୋସ ମଞ୍ଚରେ ଏକାଠି ବସି ହସଖୁସି ହେଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ।

### ଚନ୍ଦ୍ରିକା ମୃତ୍ୟୁ...

ଅଭିଯୋଗ ଆଣିଥିଲେ । ଭୀମସେନ ଚନ୍ଦ୍ରିକାଙ୍କ ଶ୍ୟାମଳ ବର୍ଣ୍ଣକୁ ନେଇ ସବୁବେଳେ ଟାହିଟାପରା କରୁଥିଲେ। ପ୍ରେମିକର ମନ ଜିତିବା ପାଇଁ ଚନ୍ଦ୍ରିକା ଗୋରା ହେବାକୁ ବିଭିନ୍ନ ଇଞ୍ଜେକ୍ସନ ମଧ୍ୟ ନେଉଥିଲେ ଏବଂ ଗଭୀର ମାନସିକ ଚାପରେ ଥିଲେ । ଅନ୍ୟ ଯୁବତୀଙ୍କ ସହ ସମ୍ପର୍କ: ଭୀମସେନ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଗଢ଼ିବା ପରେ ଚନ୍ଦ୍ରିକାଙ୍କୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ, ଯାହାର ଏକ ଅଡିଓ ରେକର୍ଡିଂ ମଧ୍ୟ ଭାଇରାଲ୍ ହୋଇଥିଲା । ପୋଷ୍ଟମର୍ଟମ ରିପୋର୍ଟରେ ଚନ୍ଦ୍ରିକାଙ୍କ ମୃତ୍ୟୁ ପାଣିରେ ବୁଡ଼ିବା ଯୋଗୁଁ ହୋଇଥିବା କୁହାଯାଇଥିଲା । କିନ୍ତୁ ଚନ୍ଦ୍ରିକାଙ୍କ ଭାଇ ଏହାକୁ ଗ୍ରହଣ ନକରି ଅଭିଯୋଗ କରିଛନ୍ତି ଯେ ଯେଉଁ ସ୍ଥାନରୁ ଶବ ମିଳିଲା ସେଠାରେ ଖୁବ୍ କମ୍ ପାଣି ଥିଲା । ତାଙ୍କୁ ଅନ୍ୟ କେଉଁଠି ଗଳା ଚିପି ହତ୍ୟା କରିବା ପରେ ପ୍ରେମିକ ଓ ତାର ସହଯୋଗୀ ନଦୀରେ ଫିଙ୍ଗି ଦେଇଥିବା ପରିବାର ଦାବି କରିଛନ୍ତି । ଗିରଫଦାରୀ ଭୟରେ ଭୀମସେନ ପୂର୍ବରୁ ହାଇକୋର୍ଟରେ ଅଗ୍ରୀମ ଜାମିନ ଆବେଦନ କରିଥିଲେ ମଧ୍ୟ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଚାପ ଯୋଗୁଁ ସେ ଗତକାଲି ରାତିରେ ମୟୁରଭଞ୍ଜ ବିଶୋଇ ଥାନାରେ ଆତ୍ମସମର୍ପଣ କରିଛନ୍ତି । କଟକ ପୋଲିସ ଏବେ ତାଙ୍କୁ ରିମାଣ୍ଡରେ ଆଣି ମେଡିକାଲ୍ ଛାତ୍ରୀଙ୍କ ମୃତ୍ୟୁର ପ୍ରକୃତ ସତ୍ୟାସତ୍ୟ ଉପରୁ ପରଦା ହଟାଇବାକୁ ପଚରାଉଚରା କରୁଛି ।

### 'ନିଖୋଜ ଫାଇଲ୍'କୁ...

ଭିତର ସତ୍ୟାସତ୍ୟ ଜାଣିବା ପାଇଁ ସରକାର ଏକ ସ୍ୱତନ୍ତ୍ର ଅଡିଟ୍ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇପାରନ୍ତି, ଯାହା ବିଜେଡି ନେତାମାନଙ୍କ ପାଇଁ ଅଡୁଆ ସୃଷ୍ଟି କରିବ। ବିଜେପିର ଏହି ଅଭିଯୋଗକୁ ବିଜେଡି ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି। ବିଜେଡି ମୁଖପାତ୍ରମାନେ ଓଲଟା ଅଭିଯୋଗ କରିଛନ୍ତି ଯେ, ବିଜେପି ସରକାର ଗତ ୨ ବର୍ଷ ମଧ୍ୟରେ ନିଜର ବିଫଳତା ଏବଂ ପ୍ରତିଶ୍ରୁତି ପୂରଣ ନକରିପାରିବା ଭଳି ପ୍ରସଙ୍ଗରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ ଏଭଳି ମିଥ୍ୟା 'ଫାଇଲ୍ ଗାଏବ'ର ନାଟକ କରୁଛି। ବିଜେଡି ଯୁକ୍ତି ବାଢ଼ିଛି ଯେ ବର୍ତ୍ତମାନ ସବୁ ସରକାରୀ କାର୍ଯ୍ୟ 'ଓଏସ୍ୱାସ୍' ଭଳି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଇ-ଫାଇଲିଂ ହେଉଛି। ତେଣୁ ଫାଇଲ୍ ନିଖୋଜ ହେବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ପ୍ରଶ୍ନବାଚୀ। ଏହି ବିବାଦରେ କଂଗ୍ରେସ ଦଳ ଉଭୟ ବିଜେପି ଓ ବିଜେଡିକୁ ଘେରିଛି। ସରକାରୀ ଫାଇଲ୍ ଜନସାଧାରଣଙ୍କ ସମ୍ପତ୍ତି ହୋଇଥିବାରୁ ଯଦି ପ୍ରକୃତରେ ଫାଇଲ୍ ନିଖୋଜ ଅଛି, ତେବେ ମୋହନ ସରକାର କେବଳ ରାଜନୈତିକ ବୟାନବାଜି ନକରି ଶ୍ୱେତପତ୍ର ଜାରି କରନ୍ତୁ ଏବଂ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

### ଚାମେଲି ଓଝା...

କରିଦିଆଯିବ ବୋଲି ସେମାନେ ଧମକ ଦେଇଛନ୍ତି । ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଅଫିସରମାନେ ନେତା ବା ଜନପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି ବୋଲି ବିରୋଧୀ ଦଳ (ବିଜେଡି ଓ କଂଗ୍ରେସ) ସରକାରଙ୍କୁ ଘେରିବା ଆରମ୍ଭ କଲେଣି । ରଜ ପର୍ବ ସମୟରେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ସରପଞ୍ଚ ସଂଘର ଆନ୍ଦୋଳନ ଡାକରା ଯୋଗୁଁ ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି, ଯାହା ଶାସକ ବିଜେପି ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ମହାକାଳପଡ଼ା ବିଡିଓଙ୍କ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ଅଫିସ୍ ଭିତରେ ପଶି ଗଣ୍ଡଗୋଳ କରିବା ଏବଂ ସରକାରୀ କର୍ମଚାରୀଙ୍କୁ ଧମକଚମକ ଦେବା ଅଭିଯୋଗରେ ପୋଲିସ ଚାମେଲି ଓଝାଙ୍କ ବିରୋଧରେ କଡ଼ା ଆଇନଗତ ଦଫା ଲଗାଇଛି । ଗିରଫ ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା ଏବଂ ପ୍ରାଥମିକ ପର୍ଯ୍ୟାୟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ବିରୋଧୀ ଦଳଗୁଡ଼ିକ ଏହି ଘଟଣାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି. ସେମାନଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶାରେ 'ଅଫିସର ରାଜ୍' ଏବେ ମଧ୍ୟ ଚାଲିଛି ଏବଂ ଜଣେ ମହିଳା ଜନପ୍ରତିନିଧିଙ୍କ କଥାକୁ ଶୁଣାଯାଉନାହିଁ । ଚାମେଲି ଓଝାଙ୍କ ସହିତ ବିଜେପିର ସ୍ଥାନୀୟ ନେତା ବିଜୟ ପ୍ରଧାନ ମଧ୍ୟ ଏହି ବିବାଦରେ ସାମିଲ ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ମଧ୍ୟ ଏକ ପ୍ରକାର ଅଡୁଆରେ ପଡ଼ିଛି । ଦଳୀୟ କର୍ମୀମାନେ ଭିତରେ ଭିତରେ ସରପଞ୍ଚଙ୍କୁ ସମର୍ଥନ କରୁଥିବା ବେଳେ ପ୍ରଶାସନିକ ସ୍ତରରେ ବିଡିଓଙ୍କ ଅଭିଯୋଗକୁ ନେଇ ସରକାର ଚାପରେ ଅଛନ୍ତି । ଯଦି ଆସନ୍ତା ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଚାମେଲିଙ୍କ ମୁକ୍ତି ପାଇଁ କୌଣସି ସକରାତ୍ମକ ପଦକ୍ଷେପ ନିଆନଯାଏ, ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ଲକରେ ସରପଞ୍ଚମାନେ ସାମୂହିକ ଭାବେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ । ଏହା ଦ୍ୱାରା ରଜ ପର୍ବ ସମୟରେ ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ତଦାରଖ ବାଧାପ୍ରାପ୍ତ ହୋଇପାରେ।

# ମୁହଁରେ ମାସ୍କ, ଆଖିରେ କଳା ଚଷମା ଓ ଚେହେରା ଲୁଚାଇ ଦିଲ୍ଲୀରୁ କୋଲକାତା ଫେରିଲେ ସାୟନୀ ଘୋଷ

କୋଲକାତା, ୧୩।୦୬: ବଙ୍ଗଳା ବିଧାନସଭା ନିର୍ବାଚନରେ ମିଳିଥିବା ଶୋଚନୀୟ ପରାଜୟ ପରେ ତୃଣମୂଳ କଂଗ୍ରେସରେ ସୃଷ୍ଟି ହୋଇଥିବା ବିଦ୍ରୋହ ଓ ଦଳଛାଡ଼ିବା ପ୍ରକ୍ରିୟା କ୍ରମାଗତ ଭାବେ ତେଜିବାରେ ଲାଗିଛି। ଟିଏମସିର ବିଦ୍ରୋହୀ ନେତାମାନଙ୍କ ତାଲିକାରେ ଏବେ ସେହି ସବୁ ନେତାଙ୍କ ନାମ ମଧ୍ୟ ଯୋଡ଼ି ହେବାରେ ଲାଗିଛି, ଯେଉଁମାନେ ମମତା ବାନାର୍ଜୀଙ୍କ ଅତ୍ୟନ୍ତ ନିକଟତର ବୋଲି ବିବେଚନା କରାଯାଉଥିଲେ। ଏଥିମଧ୍ୟରେ ଏକ ପ୍ରମୁଖ ନାମ ହେଉଛି ଟିଏମସି ଏମପି ସାୟନି ଘୋଷଙ୍କର। ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ସାୟନୀ ଘୋଷ ନିଜ ବୟାନବାଜି ଯୋଗୁଁ ପ୍ରାୟତଃ ଚର୍ଚ୍ଚାରେ ରହୁଥିଲେ। ତାଙ୍କର ତୀକ୍ଷ୍ଣ ବୟାନ ସାୟନୀଙ୍କୁ ସୋସିଆଲ ମିଡିଆରେ ଖୁବ ଶୀଘ୍ର ଲୋକପ୍ରିୟ କରାଇଥିଲା। କିନ୍ତୁ ଏବେ ସେ ମଧ୍ୟ ମମତାଙ୍କ ବିରୋଧରେ ବିଦ୍ରୋହ କରୁଥିବା ଦେଖିବାକୁ ମିଳୁଛି। ଟିଏମସିର ବିଦ୍ରୋହୀ ସାଂସଦମାନଙ୍କ ତାଲିକାରେ ସାୟୋନୀ ଘୋଷଙ୍କ ନାମ ମଧ୍ୟ ସାମିଲ ରହିଛି। ଦଳରେ ଚାଲିଥିବା ଏହି ବିଦ୍ରୋହ ମଧ୍ୟରେ ଗତ କିଛି ଦିନ ହେବ ସାୟୋନୀ ଘୋଷ ଆତ୍ମଗୋପନ କରିଥିଲେ (ଅଣ୍ଡରଗ୍ରାଉଣ୍ଡ ଥିଲେ)। କିନ୍ତୁ ଆଜି କୋଲକାତା ଏୟାରପୋର୍ଟରେ ସାୟୋନୀ ଏକ ଭିନ୍ନ ଅନ୍ଦାଜରେ ନଜର ଆସିଛନ୍ତି। ସାୟୋନୀ ଘୋଷ ନିଜ ମୁହଁକୁ କିଛି ଏଭଳି ଭାବେ ଲୁଚାଇ ରଖିଥିଲେ ଯେପରି କେହି ତାଙ୍କୁ ସହଜରେ ଚିହ୍ନି ପାରିବେ ନାହିଁ। ସାୟୋନୀ ମୁଣ୍ଡରେ ଟୋପି ଲଗାଇବା ସହ ମୁହଁରେ ମାସ୍କ ଏବଂ ଆଖିରେ କଳା ଚଷମା ପିନ୍ଧିଥିଲେ। ସେ ଅତି ଦ୍ରୁତ ଗତିରେ ଏୟାରପୋର୍ଟରୁ ବାହାରକୁ ଆସିଲେ ଏବଂ ଗାଡ଼ିରେ ବସି ଚାଲିଗଲେ। ନ୍ୟୁଜ ଏଜେନ୍ସି ଅନୁଯାୟୀ, ସାୟୋନୀ ଦିଲ୍ଲୀରୁ ଆସି କୋଲକାତାରେ ପହଞ୍ଚିଛନ୍ତି। ଗତ କିଛି ଦିନ ତଳେ ଦିଲ୍ଲୀରେ ଟିଏମସିର ବିଦ୍ରୋହୀ ସାଂସଦମାନେ ଏକ ବୈଠକ ମଧ୍ୟ କରିଥିଲ। ର୍ନିବାଚନ ସମୟରେ ମମତାଙ୍କ ସପକ୍ଷରେ ଜୋରଦାର ପ୍ରଚାର କରିଥିବା ସାୟୋନୀ ଏପର୍ଯ୍ୟନ୍ତ ନିଜର ବିଦ୍ରୋହ ଚର୍ଚ୍ଚା ଉପରେ ସ୍ପଷ୍ଟ ଭାବେ କିଛି କହିନାହାନ୍ତି। କିନ୍ତୁ ତାଙ୍କର ଏହି ବଦଳି ଯାଇଥିବା ଅନ୍ଦାଜ ଅନେକ କିଛି ସୂଚାଉଛି। କିଛି ସମୟ ପୂର୍ବରୁ ମମତାଙ୍କ ଆଉ ଜଣେ ଅତି ନିକଟତର ସାଂସଦ କଲ୍ୟାଣ ବାନାର୍ଜୀ ମଧ୍ୟ ଦଳରେ ଚାଲିଥିବା ବିଦ୍ରୋହ ଉପରେ ଖୋଲାଖୋଲି ଭାବେ ବୟାନ ଦେଇଛନ୍ତି। ସେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ମମତାଙ୍କୁ ସ୍ପଷ୍ଟ ଭାବେ କହିଛନ୍ତି ଯେ, "ହୁଏତ ଆମକୁ ବାଛନ୍ତୁ ନଚେତ ଅଭିଷେକଙ୍କୁ।"

## ଶକ୍ତି ଏ ସପ୍ତାହର

୧୪ ଜୁନ୍ - ୨୦ ଜୁନ୍ '୨୦୨୬



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

ମେଷ ରାଶି : ନୂତନ କାର୍ଯ୍ୟର ଯୋଜନା ସଫଳ ହେବ। ବ୍ୟବସାୟରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି। ଶାରୀରିକ ଥକ୍କାପଣ ଅନୁଭବ କରିପାରନ୍ତି, ବିଶ୍ରାମ ନିଅନ୍ତୁ। ପରିବାରରେ ସାମାନ୍ୟ ମତଭେଦ ଦେଖାଦେଇପାରେ।

ବୃଷ ରାଶି : ସହକର୍ମୀଙ୍କ ଠାରୁ ପୂର୍ଣ୍ଣ ସହଯୋଗ ମିଳିବ। ଅଟକି ରହିଥିବା ଧନ ଫେରସ୍ତ ମିଳିପାରେ। ଆଖି ଏବଂ ପେଟ ଜନିତ ସମସ୍ୟା ପ୍ରତି ସତର୍କ ରୁହନ୍ତୁ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ।

ମିଥୁନ ରାଶି : କାର୍ଯ୍ୟଭାର ବୃଦ୍ଧି ପାଇବ, କିନ୍ତୁ ଆପଣ ନିଜ ଦକ୍ଷତାରେ ସଫଳ ହେବେ। ଅଯଥା ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ। ମାନସିକ ଚିନ୍ତା ବଢ଼ିପାରେ, ଯୋଗ କରନ୍ତୁ। ବନ୍ଧୁମାନଙ୍କ ସହ ସମୟ ବିତାଇବାର ସୁଯୋଗ ମିଳିବ।

କର୍କଟ ରାଶି : ଚାକିରିରେ ପଦୋନ୍ନତି କିମ୍ବା ନୂଆ ଦାୟିତ୍ୱ ମିଳିପାରେ। ଆର୍ଥିକ ସ୍ଥିତି ସଦୃଢ଼ ରହିବ ଏବଂ ନୂତନ ନିବେଶ ପାଇଁ ଭଲ ସମୟ। ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ। ଘରକୁ ଅତିଥିଙ୍କ ଆଗମନ ହୋଇପାରେ

ସିଂହ ରାଶି : ଉଚ୍ଚ ଅଧିକାରୀଙ୍କ ପ୍ରଶଂସାର ପାତ୍ର ହେବେ। ବ୍ୟବସାୟୀମାନଙ୍କୁ ଭଲ ଲାଭ ମିଳିବ। ପୁରୁଣା ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ସୁଖ-ଶାନ୍ତି ବଜାୟ ରହିବ।

କନ୍ୟା ରାଶି : କାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବାର ସଙ୍କେତ ଅଛି। ଗଳା କିମ୍ବା ଥଣ୍ଡା ଜନିତ ସମସ୍ୟା ଦେଖାଦେଇପାରେ। ପିଲାମାନଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିପାରନ୍ତି।

ତୁଳା ରାଶି : କ୍ରୋଧ ଏବଂ ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ, ନଚେତ୍ କାମ ବିଗିଡ଼ିପାରେ। ଅର୍ଥ କାରବାର ବେଳେ ସାବଧାନ ରୁହନ୍ତୁ। ଗାଡ଼ି ଚଳାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଭାଇଭଉଣୀଙ୍କ ସହ ତିକ୍ତତା ଦୂର ହେବ।

ବିଛା ରାଶି : ଭାଗ୍ୟର ସହଯୋଗ ମିଳିବ ଏବଂ ନୂଆ କାର୍ଯ୍ୟ ସୁରୁଖୁରୁରେ ହେବ। ଭୂମି କିମ୍ବା ବାହନ କିଣିବାର ଯୋଗ ରହିଛି। ମାନସିକ ସ୍ତରରେ ପ୍ରଫୁଲ୍ଲିତ ଅନୁଭବ କରିବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

ଧନୁ ରାଶି : ବ୍ୟବସାୟରେ କଠିନ ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ଦିଗ ସ୍ୱାଭାବିକ ରହିବ, ବଡ଼ ନିବେଶରୁ ନିବୃତ୍ତ ରୁହନ୍ତୁ। ପିଠି କିମ୍ବା ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ହୋଇପାରେ। ପରିବାରର ବରିଷ୍ଠ ସଦସ୍ୟଙ୍କ ପରାମର୍ଶ ଲାଭଦାୟକ ହେବ।

ମକର ରାଶି : ରାଜନୀତି ଏବଂ ସାମାଜିକ କ୍ଷେତ୍ରରେ ଥିବା ଲୋକଙ୍କର ସମ୍ମାନ ବଢ଼ିବ। ଆକସ୍ମିକ ଧନଲାଭର ଯୋଗ ଅଛି। ସ୍ୱାସ୍ଥ୍ୟ: ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ପ୍ରେମ ଜୀବନରେ ମଧୁରତା ଆସିବ।

କୁମ୍ଭ ରାଶି : ଚାକିରି ବଦଳାଇବା ପାଇଁ ଚେଷ୍ଟା କରୁଥିଲେ ସୁଫଳ ମିଳିବ। ପୁରୁଣା ଋଣ ସୁଝିବାରେ ସଫଳ ହେବେ। ରକ୍ତଚାପ କିମ୍ବା ମଧୁମେହ ରୋଗୀମାନେ ସାବଧାନ ରୁହନ୍ତୁ। ସନ୍ତାନମାନଙ୍କ ଠାରୁ ଶୁଭ ଖବର ମିଳିପାରେ।

ମୀନ ରାଶି : କାର୍ଯ୍ୟକ୍ଷେତ୍ରରେ କିଛି ନୂଆ ଚ୍ୟାଲେଞ୍ଜ ଆସିପାରେ, ଧୈର୍ଯ୍ୟ ରଖନ୍ତୁ। ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ ବଜେଟ୍ ପ୍ରଭାବିତ ହୋଇପାରେ। ଅତ୍ୟଧିକ ଚିନ୍ତା ଯୋଗୁଁ ଶୋଇବାରେ ସମସ୍ୟା ହୋଇପାରେ। ଜୀବନସାଥୀଙ୍କ ସହଯୋଗ ଆପଣଙ୍କୁ ଆଶ୍ୱସ୍ତି ଦେବ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



## ପ୍ରମୁଖ ଖବର ଏ ସପ୍ତାହର

- ଓଡ଼ିଶାରେ ମୌସୁମୀ ବାୟୁ ପ୍ରବେଶ। ପାଣିପାଗ ବିଭାଗ ପକ୍ଷରୁ ବର୍ଷା ଓ ବଜ୍ରପାତ ପାଇଁ ୧୩ଟି ଜିଲ୍ଲାକୁ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି ।
- ବାଲେଶ୍ୱର ଜିଲ୍ଲାର ୭ଟି ସ୍ଥାନରେ ପୋଲିସ ଚଢ଼ାଉ କରି ଗୋ-ମାଫିଆଙ୍କ ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ।
- ଭବାନୀପାଟଣାରେ ଏକ ଦ୍ରୁତଗାମୀ କାର୍ ଓ ହାଇଭା ମଧ୍ୟରେ ଧକ୍କା ହେବା ଫଳରେ ୨ ଜଣଙ୍କର ମୃତ୍ୟୁ।
- ଆମେରିକା ନୌସେନା ଦ୍ୱାରା ହୋଇଥିବା ଆକ୍ରମଣରେ ୩ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକା ନିକଟରେ ଦୃଢ଼ ପ୍ରତିବାଦ ।
- ବିଶ୍ୱ କପ୍ ଗ୍ରୁପ୍-ବି ର ପ୍ରଥମ ମ୍ୟାଚରେ କାନାଡା ଏବଂ ବୋସନିଆ-ହର୍ଜେଗୋଭିନା ମଧ୍ୟରେ ମ୍ୟାଚ୍ ୧-୧ ଗୋଲରେ ଡ୍ର' ।
- ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁଁ ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୯% କୁ ବୃଦ୍ଧି ପାଇଛି, ଯାହା ଗତ ୧୬ ମାସ ମଧ୍ୟରେ ସର୍ବାଧିକ।
- ଓଡ଼ିଶା ଉପକୂଳରୁ 'ପ୍ରଳୟ' ମିସାଇଲର ସଫଳ ପରୀକ୍ଷଣ।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ଟି ପ୍ରମୁଖ ପ୍ରସ୍ତାବକୁ ମଞ୍ଜୁରୀ । ଏଥିରେ ଓଡ଼ିଆ ଧ୍ୱନି ଅନୁଯାୟୀ ୬୪ଟି ସ୍ଥାନର ନାମ ପରିବର୍ତ୍ତନ ଏବଂ ଭୁବନେଶ୍ୱର ପାଇଁ ୧୭୫ କୋଟି ଟଙ୍କାର ଅଣ୍ଡରଗ୍ରାଉଣ୍ଡ ସ୍ୱେରେଜ୍ ପ୍ରୋଜେକ୍ଟ ଅନ୍ତର୍ଭୁକ୍ତ।

# ଟିଲୋ କପ୍ : ଭାରତର କ୍ରୀଡ଼ା ଇକୋସିଷ୍ଟମର ଏକ ସଫଳ ଗ୍ରାମୀଣ ମଡେଲ

ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ସରକାରୀ ସହାୟତା ବିନା ତିନି ଦଶନ୍ଧିରୁ ଅଧିକ ସମୟ ଧରି ଗଢ଼ିଉଠିଥିବା ଏକ କ୍ରୀଡ଼ା ଆନ୍ଦୋଳନ, ଯାହା ଆଜି ଭାରତର ଗ୍ରାମୀଣ କ୍ରୀଡ଼ା ବିକାଶ ପାଇଁ ଏକ ଆଦର୍ଶ ମଡେଲ ଭାବେ ପରିଚିତ। ଭାରତରେ କ୍ରୀଡ଼ା ବିକାଶ କଥା ଉଠିଲେ ସାଧାରଣତଃ ବଡ଼ ବଡ଼ ଷ୍ଟାଡିୟମ, କୋଟି କୋଟି ଟଙ୍କାର ଲିଗ୍, ଆଇପିଏଲ୍ ଫ୍ରାଞ୍ଚାଇଜି ଓ ମହାନଗରର କ୍ରୀଡ଼ା ଏକାଡେମୀମାନଙ୍କ ଚର୍ଚ୍ଚା ହୁଏ। କିନ୍ତୁ ଓଡ଼ିଶାର ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକର ଏକ ଗାଁ ଟିଲୋ ଗତ ୩୫ ବର୍ଷ ଧରି ଏମିତି ଏକ କ୍ରୀଡ଼ା ଆନ୍ଦୋଳନ ଗଢ଼ିଛି, ଯାହା ଆଜି କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ତଥା ଦକ୍ଷିଣ ଏସିଆ ପାଇଁ ଏକ ଅନନ୍ୟ ମଡେଲ ଭାବେ ଉଭା ହୋଇଛି। ଟିଲୋ କପ୍ ଆଜି କେବଳ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନୁହେଁ। ଏହା ଏକ ଦର୍ଶନ, ଏକ ସଂଗଠନ, ଏକ ସାମାଜିକ ଆନ୍ଦୋଳନ ଓ ଏକ ସଫଳ ଗ୍ରାମୀଣ କ୍ରୀଡ଼ା ଇକୋସିଷ୍ଟମର ଜୀବନ୍ତ ଉଦାହରଣ।

**୧୯୯୦ରେ ବୁଣାଯାଇଥିବା ସ୍ୱପ୍ନ :** ଟିଲୋ କପ୍‌ର ଭିତ୍ତି ସ୍ଥାପନ କରିଥିଲେ ଟିଲୋ ଆଥଲେଟିକ୍ ଆସୋସିଏସନର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତଃ ରମେଶ ସ୍ୱାଇଁ ଓ ପ୍ରତିଷ୍ଠାତା ସମ୍ପାଦକ ଡଃ ମନ୍ମଥ ରାଉଳ ତଥା ସହଯୋଗୀମାନେ। ୧୯୯୦ ମସିହାରେ ସେମାନେ କେବଳ ଏକ ଟୁର୍ଣ୍ଣାମେଣ୍ଟର ସ୍ୱପ୍ନ ଦେଖିନଥିଲେ, ବରଂ ଏମିତି ଏକ ସଂସ୍ଥା ଗଢ଼ିବାକୁ ଚାହୁଁଥିଲେ ଯାହା ପିଢ଼ି ପରେ ପିଢ଼ି ଚାଲିବ। ସେମାନଙ୍କର ସବୁଠାରୁ ବଡ଼ ଦୂରଦର୍ଶିତା ଥିଲା ସଂଗଠନକୁ ବ୍ୟକ୍ତିଗତ ଲାଭ ଓ ଆର୍ଥିକ ସ୍ୱାର୍ଥରୁ ଦୂରେ ରଖିବା। ଏହି କାରଣରୁ ଟିଲୋ କପ୍ କେବେ କୌଣସି ବ୍ୟକ୍ତିର ନିଜସ୍ୱ ପ୍ରକଳ୍ପ ହୋଇନଥିଲା; ଏହା ସମଗ୍ର ଅଞ୍ଚଳର ଏକ ସାମୂହିକ ସମ୍ପତ୍ତି ଭାବେ ବିକଶିତ ହୋଇଛି। ଆଜି ତିନି ଦଶନ୍ଧିରୁ ଅଧିକ ସମୟ ପରେ ସେହି ଦୂରଦୃଷ୍ଟି କେତେ ସଠିକ୍ ଥିଲା, ତାହା ଟିଲୋ କପ୍‌ର ସଫଳତା ପ୍ରମାଣ କରୁଛି।

ଲକି ସ୍ୱାଇଁଙ୍କ ନେତୃତ୍ୱରେ ଟିଲୋ କପ୍‌ର ନୂଆ ଯୁଗ : ପ୍ରତିଷ୍ଠାତାମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଭିତ୍ତି ଉପରେ ଆଜିର ଟିଲୋ କପ୍‌କୁ ଜାତୀୟ ପରିଚୟ ଦେଇଛନ୍ତି ଟିଲୋ ଆଥଲେଟିକ୍ ଆସୋସିଏସନର ବର୍ତ୍ତମାନର ସଭାପତି ଇଂ ଲକି ସ୍ୱାଇଁ। ତାଙ୍କ ଦୂରଦର୍ଶିତା, ସଂଗଠନ କୌଶଳ, ନେତୃତ୍ୱ କ୍ଷମତା, ଅକ୍ଳାନ୍ତ ପରିଶ୍ରମ ଓ ସମଗ୍ର ଟିମର ସମର୍ପଣ ଯୋଗୁଁ ଆଜି ଟିଲୋ କପ୍ ଓଡ଼ିଶାର ସବୁଠାରୁ ଚର୍ଚ୍ଚିତ ଗ୍ରାମୀଣ କ୍ରୀଡ଼ା ଆୟୋଜନ ମଧ୍ୟରୁ ଗୋଟିଏ । ଏହା ମଧ୍ୟ ଉଲ୍ଲେଖନୀୟ ଯେ, ଏହି ସଫଳତା କୌଣସି ବଡ଼ ସରକାରୀ ଅନୁଦାନ ବିନା ହାସଲ ହୋଇଛି। ଯେଉଁ ମାଠରେ ଖେଳିଛନ୍ତି ଭାରତୀୟ କ୍ରିକେଟର ତାରକାମାନେ ଟିଲୋ କପ୍‌ର ଗୁରୁତ୍ୱ ବୁଝିବା ପାଇଁ ଏଠାରେ ଖେଳିଥିବା କ୍ରିକେଟରମାନଙ୍କ ତାଲିକା ହିଁ ପର୍ଯ୍ୟାପ୍ତ। ବିଭିନ୍ନ ସମୟରେ ଏହି ଟୁର୍ଣ୍ଣାମେଣ୍ଟ ସହ ଜଡ଼ିତ ରହିଥିବା ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି— ଏମ୍.ଏସ୍. ଧୋନି, ଇଶାନ କିଶନ, କୁଲଦୀପ ଯାଦବ, ଯଶ ଧୁଲ୍, ମୟଙ୍କ ରାୱତ, ଭରତ ଚିପ୍ଲି, ଆଦିତ୍ୟ ତାରେ, ହୃତିକ ଶୋକିନ, ଶିବମ ଶର୍ମା, କମ୍ରାନ ଖାନ, ଅରମାନ ଜାଫର, ରୋହନ ରାଜେ, ରିକି ଭୁଇ, ରଘୁ ଶର୍ମା। ଏମାନଙ୍କ ମଧ୍ୟରୁ ଅନେକ ଭାରତୀୟ ଦଳ, ଆଇପିଏଲ୍, ରଣଜୀ ଟ୍ରଫି ଓ ଭାରତ ଅଣ୍ଡର-୧୯ ଦଳର ପ୍ରତିନିଧିତ୍ୱ କରିଛନ୍ତି।

ଦେଶର ବଡ଼ ବଡ଼ ଦଳର ଅଂଶଗ୍ରହଣ : ଟିଲୋ କପ୍‌ରେ ବିଭିନ୍ନ ସମୟରେ ଦେଶର ପ୍ରତିଷ୍ଠିତ ଦଳମାନେ ଅଂଶଗ୍ରହଣ କରିଛନ୍ତି— ଏଆର ଇଣ୍ଡିଆ, ଇଣ୍ଡିଆନ ନାଭି, ସ୍ୱେର୍ଭିସେସ , ସିଏଜି, ଉତ୍ତରାଖଣ୍ଡ ରାଜ୍ୟ ଟିମ, ବ୍ୟାଙ୍କ ଅଫ ବରୋଦା, କାନାରା ବ୍ୟାଙ୍କ, ଟାଟା ସ୍ପୋର୍ଟ୍ସ , ଡି ୱାଇ ପାଟିଲ ସ୍ପୋର୍ଟ୍ସ ଗ୍ରୁପ, ବିଏସଏନଏଲ, ଦେଶ ବାହାରୁ : ଏମଟିଏନ ଆଫଗାନିସ୍ତାନ, କେ ଏଲ ଷ୍ଟାର ମାଲେସିଆ, ରାଜସାହି ବାଂଲାଦେଶ, ଚିଟାଗଙ୍ଗ ବାଂଲାଦେଶ, କାଠମାଣ୍ଡୁ ନେପାଳ, ଟଙ୍ଗାଇଲ ବାଂଲାଦେଶ ଏହା ପ୍ରମାଣ କରେ ଯେ ଟିଲୋ କପ୍ ଏକ ସାଧାରଣ ଗ୍ରାମୀଣ ଟୁର୍ଣ୍ଣାମେଣ୍ଟ ନୁହେଁ, ବରଂ ଜାତୀୟ ସ୍ତରର ଏକ ବିଶ୍ୱସନୀୟ କ୍ରୀଡ଼ା ମଞ୍ଚ।







**'ଭାରତର ଗ୍ରାମୀଣ କ୍ରୀଡା ଭିତ୍ତିଭୂମି ପାଇଁ ଏକ ସଫଳ ମଡେଲ : ଟିଲୋ କପ୍‌ର ସବୁଠାରୁ ବଡ଼ ସଫଳତା ହେଉଛି ଏହା ପ୍ରମାଣ କରିଛି ଯେ, ଦୂରଦର୍ଶୀ ନେତୃତ୍ୱ, ସାମୂହିକ ପ୍ରୟାସ ଓ ନିଷ୍ଠା ଥିଲେ ଏକ ଗାଁ ମଧ୍ୟ ଜାତୀୟ ସ୍ତରର କ୍ରୀଡ଼ା ଆନ୍ଦୋଳନ ଗଢ଼ିପାରେ।**

**ଟିଲୋ ଆଥଲେଟିକ୍ ଆସୋସିଏସନର ଶତାଧିକ ସଦସ୍ୟଙ୍କ ସମର୍ପଣ ଏବଂ ସମଗ୍ର ଅଞ୍ଚଳର ସହଯୋଗ ଆଜି ଟିଲୋକୁ ଏକ ଗ୍ରାମ ନୁହେଁ, ବରଂ ଭାରତର ଗ୍ରାମୀଣ କ୍ରୀଡ଼ା ବିକାଶର ଏକ ଆଦର୍ଶ ମଡେଲରେ ପରିଣତ କରିଛି। ଏହା ବିଶ୍ୱର ଅର୍ଦ୍ଧାଧିକ ଦେଶରେ ଫ୍ୟାନକୋଡ ଚାନେଲ ମାଧ୍ୟମରେ ଲାଇଭ ପ୍ରସାରଣ ହୁଏ, ବୋଧହୁଏ ଦେଶର ପ୍ରଥମ ଓ ଏକମାତ୍ର କ୍ରୀଡା ଇଭେଣ୍ଟ ଯାହାକି ଏକ ଖ୍ୟାତନାମା ଚାନେଲ ରେ ପ୍ରସାରିତ ହେବା, ରାଜ୍ୟ ପାଇଁ ତ ନିଶ୍ଚିତ ଗର୍ବ। ସେଥିପାଇଁ ଟିଲୋ କପ୍ କେବଳ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନୁହେଁ। ଏହା ଏକ ଆନ୍ଦୋଳନ। ଏହା ଏକ ଇତିହାସ। ଏହା ଭାରତର ଭବିଷ୍ୟତ କ୍ରୀଡ଼ା ଇକୋସିଷ୍ଟମର ଏକ ସଫଳ ବ୍ଲୁପ୍ରିଣ୍ଟ।'**

**ଟିଲୋ ଆଥଲେଟିକ୍ ଆସୋସିଏସନର ସମ୍ପାଦକ ଆସିତ କର କହନ୍ତି—** 'ଟିଲୋ କପ୍ ଆଜି ଅନେକ କ୍ରୀଡ଼ା ସମୁଦାୟ ପାଇଁ ଏକ ଆଦର୍ଶ। ଓଡିଶାର ଅନେକ ଛୋଟ ଟୁର୍ଣ୍ଣାମେଣ୍ଟ ଟିଲୋ କପ୍‌ର ସଂଗଠନ ଓ ପରିଚାଳନା ପ୍ରଣାଳୀକୁ ଅନୁସରଣ କରୁଛନ୍ତି। ଟିଲୋ କପ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ଟୁର୍ଣ୍ଣାମେଣ୍ଟ ନିଜ ଗାଁର ନାମ ସହ 'କପ୍' ଯୋଡ଼ି ନାମକରଣ କରିଛନ୍ତି। 'ବନ୍ତ ଅଞ୍ଚଳର ଅନେକ କମେଣ୍ଟେଟର ଓ ଅମ୍ପାୟର ଟିଲୋ କପ୍‌ରୁ ପ୍ରଶିକ୍ଷିତ ହୋଇ ଆଜି ଅନ୍ୟ ଛୋଟ ଟୁର୍ଣ୍ଣାମେଣ୍ଟରେ କାମ କରି ଆର୍ଥିକ ଭାବେ ଲାଭବାନ ହେଉଛନ୍ତି। କେତେକ ଲୋକ ଭୁଲ ତଥ୍ୟ ଓ ଭୁଲ ଇତିହାସ ପ୍ରଚାର କରି ଟିଲୋ କପ୍ ସହ ପ୍ରତିଯୋଗିତା କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏହା ଆମ ପାଇଁ ଗର୍ବର ବିଷୟ, କାରଣ ଏହା ଟିଲୋ କପ୍‌ର ଅଖଣ୍ଡ ପ୍ରଭାବକୁ ପ୍ରମାଣିତ କରେ।

**ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କହିଛନ୍ତି-** ଟିଲୋ ନିଶ୍ଚିତ ଭାବେ ତାହାର ପ୍ରାପ୍ୟ ପାଇବ। ମୋ ଲୋକସଭା କ୍ଷେତ୍ରରେ ଏହା ଏକମାତ୍ର ଟର୍ଫ ୱିକେଟ୍ ଥିବା ଖେଳ ପଡିଆ, ଯାହାର ଆୟତନ ବହୁତ ଅଧିକା ଓ ଖେଳ ପାଇଁ ବ୍ୟବହୃତ ହେଉଅଛି । ଓଡିଶା କ୍ରୀଡ଼ା ବିଭାଗ ୨୦୨୫ ମସିହାରେ ଯେଉଁ କ୍ରୀଡ଼ା କମ୍ପ୍ଲେକ୍ସ ଘୋଷଣା କରିଛି, ତାହା ନିଶ୍ଚିତ ଭାବେ ବାସ୍ତବ ରୂପ ନେବ। ହନୁମାନଜୀଉ ପଡ଼ିଆ ଏକ ପୂର୍ଣ୍ଣାଙ୍ଗ କ୍ରୀଡ଼ା କମ୍ପ୍ଲେକ୍ସରେ ପରିଣତ ହେବ।

**ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ମତ-** ଟିଲୋ ଏକ ଏମିତି ମଡେଲ ଯାହା ଭାରତର ଅନେକ ଗ୍ରାମୀଣ ଓ ସହରୀୟ କ୍ରୀଡ଼ା ସମୁଦାୟକୁ ପ୍ରେରଣା ଦେଇପାରିବ। ଲକି ସ୍ୱାଇଁଙ୍କ ସମର୍ପଣ, ଦୃଢ଼ତା ଓ ନେତୃତ୍ୱ ମୋତେ ବ୍ୟକ୍ତିଗତ ଭାବେ ପ୍ରଭାବିତ କରିଛି। ତାଙ୍କ ନେତୃତ୍ୱରେ ଆଜି ଏକ ଗ୍ରାମୀଣ ଖେଳପଡ଼ିଆ ରାଜ୍ୟବ୍ୟାପୀ ଆଲୋଚନାର ବିଷୟ ପାଲଟିଛି ଏବଂ ଡି ୱାଇ ପାଟିଲ, ଟାଟା, କାନାର ବ୍ୟାଙ୍କ, ବିଏସଏନଏଲ ଭଳି ପ୍ରତିଷ୍ଠିତ ସଂସ୍ଥାମାନେ ଟିଲୋ କପ୍ ସହ ଜଡ଼ିତ ହେଉଛନ୍ତି।

**ବିଧାୟକ ସଞ୍ଜିବ ମଲ୍ଲିକ କହିଛନ୍ତି-** ଟିଲୋ ତାହାର ପ୍ରାପ୍ୟ ସମ୍ମାନ ପାଇବ। ପୂର୍ବରୁ ଯାହା ଅବହେଳିତ ହୋଇଥିଲା, ତାହାକୁ ଦୂର କରିବା ପାଇଁ ମୁଁ ବ୍ୟକ୍ତିଗତ ଭାବେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛି।

**ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ କହିଛନ୍ତି -** 'ଟିଲୋ କପ୍‌ର ମାନ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ବାରବାଟୀ ଷ୍ଟାଡିୟମ ବ୍ୟତୀତ ଓଡ଼ିଶାରେ ଏପରି ପରିଚାଳନା ମୁଁ ଦେଖିନାହିଁ। ମୋ ବ୍ଲକରେ କ୍ରୀଡ଼ା କମ୍ପ୍ଲେକ୍ସ ଯୋଜନା ପାଇଁ ଟିଲୋ ହିଁ ସବୁଠାରୁ ଯୋଗ୍ୟ ସ୍ଥାନ।

**ଡଃ ମନ୍ମଥ ରାଉଳ, ଉପଦେଷ୍ଟାଙ୍କ ମତ-** ଟିଲୋ କେବଳ କ୍ରିକେଟ ପାଇଁ ନୁହେଁ, ରଗବି, ଫୁଟବଲ, ଭଲିବଲ ସହ ବିଭିନ୍ନ କ୍ରୀଡ଼ାର ଆୟୋଜନ ପାଇଁ ମଧ୍ୟ ପରିଚିତ। ପୂର୍ବ ସରକାର ଏକ ରାଜନୈତିକ ଅହଂକାରକୁ ସନ୍ତୁଷ୍ଟ କରିବା ପାଇଁ ଏକ ଛୋଟ ଓ ଅନୁପଯୁକ୍ତ ଖେଳପଡ଼ିଆକୁ ୨୫ ଲକ୍ଷ ଟଙ୍କା ବରାଦ୍ଦ କରିଥିଲେ। ଆଠ ବର୍ଷ ପରେ ମଧ୍ୟ ସେହି ଅର୍ଥ ବ୍ୟବହୃତ ହୋଇପାରିନାହିଁ। ଏବେର ସରକାର ଘୋଷଣା କରିଥିବା କ୍ରୀଡା କଂପ୍ଲେକ୍ସ କୁ ଟିଲୋ ଠାରେ ଆରମ୍ଭ କରିବା ପାଇଁ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଅଭିମନ୍ୟୁ ସେଠିଙ୍କୁ ଅନୁରୋଧ କରୁଅଛୁ।

**ଟିଲୋ ଆଥଲେଟିକ୍ ଆସୋସିଏସନର ଉପସଭାପତି ପ୍ରଦ୍ୟୁମ୍ନ ସାହୁ କହିଛନ୍ତି-** ପୂର୍ବ ସରକାରଙ୍କ ଏକ ବିଫଳ ଯୋଜନା ବନ୍ତ ବ୍ଲକର କ୍ରୀଡ଼ା ବିକାଶରେ ବାଧା ସୃଷ୍ଟି କରିଛି। ପୁରୁଷୋତ୍ତମପୁରରେ ବରାଦ୍ଦ ହୋଇଥିବା ୨୫ ଲକ୍ଷ ଟଙ୍କା ଆଠ ବର୍ଷ ପରେ ମଧ୍ୟ ବ୍ୟବହୃତ ହୋଇପାରିନାହିଁ, ଯାହା କ୍ରୀଡ଼ାପ୍ରେମୀ ଯୁବକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

**ସରପଞ୍ଚ ସଙ୍ଗ୍ରାମ ଜେନାଙ୍କ ମତ-** ଟିଲୋ କେବଳ ଏକ କ୍ରୀଡ଼ା କମ୍ପ୍ଲେକ୍ସର ହକଦାର ନୁହେଁ, ବରଂ ଓଡ଼ିଶା କ୍ରୀଡ଼ା ବିଭାଗ ପାଇଁ ଏକ ଆଦର୍ଶ ମଡେଲ ଭାବେ ସ୍ୱୀକୃତି ପାଇବାର ଯୋଗ୍ୟ। ତିନି ଦଶନ୍ଧି ଧରି ସରକାରୀ ସହଯୋଗ ବିନା ଏକ ଗାଁ ଯେଉଁ କାମ କରିଛି, ତାହା ଅସାଧାରଣ।

**ବନ୍ତ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ପରମେଶ୍ୱର ବାରିକ କହିଛନ୍ତି—** ' କ୍ରୀଡାମନ୍ତ୍ରୀଙ୍କ ପ୍ରତି ଆମେ କୃତଜ୍ଞତା ଜ୍ଞାପନ କରୁଛୁ ଯେ, ସେ ତା. ୧୪.୦୫.୨୦୨୫ ରିଖରେ ଚିଠି ନଂ-୧୧୯୧୩/SYS ମାଧ୍ୟମରେ ଟିଲୋର ୧୧.୩୮ ଏକର ଜମିରେ ବନ୍ତ ବ୍ଲକ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଐତିହାସିକ ନିଷ୍ପତ୍ତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଉ। ପୂର୍ବ ସରକାରଙ୍କ ସମୟରେ ବରାଦ୍ଦ ହୋଇଥିବା ୨୫ ଲକ୍ଷ ଟଙ୍କା କାହିଁକି ବ୍ୟବହୃତ ହୋଇପାରିଲା ନାହିଁ, ତାହାର ତର୍ଜମା କରାଯାଇ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ।'

କଥା ସ୍ୱାଭିମାନର ବିଚାର ଆପଣଙ୍କର..

# 'ଅନାଥର ନାଥ ଶ୍ରୀଜଗନ୍ନାଥ'



ଶାରଦା ପ୍ରସନ୍ନ ସ୍ୱାଇଁ

ଓଡ଼ିଶାର ଏକ ଗାଁରେ ବନ୍ଧୁ ମହାନ୍ତି ନାମକ ଜଣେ ବ୍ୟକ୍ତି ରହୁଥିଲେ। ସେ ଅତ୍ୟନ୍ତ ଗରିବ ଥିଲେ ଏବଂ କେବଳ ଭିକ୍ଷା ମାଗି ନିଜର ଓ ପରିବାରର ଗୁଜରାଣ ମେଣ୍ଟାଉଥିଲେ ।

ସେ ପ୍ରତିଦିନ ସତ୍‌ସଙ୍ଗକୁ ଯାଉଥିଲେ ଏବଂ ଏହା ଦ୍ୱାରା ତାଙ୍କ ମନରେ ସଂକଳ୍ପ ଆସିଲା ଯେ, ଜୀବନର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଭଗବତ୍ ପ୍ରାପ୍ତି । ତେଣୁ ସେ ଭିକ୍ଷାକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉନଥିଲେ । ପେଟ ପୂରାଇବା ପାଇଁ ମାତ୍ର ଦୁଇ-ଚାରି ଘରୁ ଭିକ୍ଷା ଚେଷ୍ଟା କରୁଥିଲେ, ଯଦି ନ ମିଳୁଥିଲା ତେବେ ଉପବାସ କରି ଏକାନ୍ତରେ ନାମ ସଂକୀର୍ତ୍ତନ କରୁଥିଲେ ।

ସେ ନିଜ ପତ୍ନୀଙ୍କୁ ମଧ୍ୟ ଜୀବନର ପରମ ଲାଭ ବୁଝାଇ ନିଜ ସହ ନାମ ସଂକୀର୍ତ୍ତନ କରିବାକୁ କହିଥିଲେ । ଏବେ ଉଭୟ ପତି-ପତ୍ନୀ ମିଶି ଭଜନ କରିବାକୁ ଲାଗିଲେ । ବନ୍ଧୁଙ୍କ ହୃଦୟରେ ବ୍ୟାକୁଳତା ଆସିଲା ଯେ, ଏବେ ମୋତେ ଭଗବାନ ନିଶ୍ଚୟ ମିଳିବେ। ଏବେ ତାଙ୍କୁ କୌଣସି ପରିବାର, ବନ୍ଧୁ ବା ସମ୍ପର୍କୀୟଙ୍କୁ ଭେଟିବା ଭଲ ଲାଗୁ ନଥିଲା । ତାଙ୍କର ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା । ତାଙ୍କ ପାଖରେ ଜମା ବି ଧନ ନଥିଲା ଏବଂ ଭିକ୍ଷାରୁ ମଧ୍ୟ ଅନ୍ନ କେବେ କେବେ ମିଳୁଥିଲା। ପିନ୍ଧିବା ପାଇଁ କେବଳ ଚିରା-ଫଟା ଓ ଗଣ୍ଠି ପଡ଼ିଥିବା କପଡ଼ା ଥିଲା । ଯେତେବେଳେ ଅନେକ ଦିନ ଧରି ଭୋଜନ ମିଳିଲା ନାହିଁ, ସେ ନିଜ ପତ୍ନୀଙ୍କୁ କହିଲେ, 'ଯଦି ତୁମେ ସାଥ୍ ଦେବ, ତେବେ ଆମେ ମୋର ଜଣେ ବନ୍ଧୁଙ୍କ ପାଖକୁ ଯାଇପାରିବା। ମୋ ବନ୍ଧୁ ବହୁତ ଧନୀ ଓ କୃପାଳୁ, ସେ ମୋତେ ବହୁତ ଭଲ ପାଆନ୍ତି। ପାଞ୍ଚ ଦିନର ଚଲା ପଥ, କିନ୍ତୁ ତା' ପରେ ଆମକୁ କେବେ ବି ଭୋକିଲା ରହିବାକୁ ପଡ଼ିବ ନାହିଁ' । ତାଙ୍କ ପତ୍ନୀ ପତିବ୍ରତା ଥିଲେ ଏବଂ ବନ୍ଧୁ ମହାନ୍ତିଙ୍କ କଥା ମାନି ସାଙ୍ଗରେ ଯିବାକୁ ରାଜି ହେଲେ । ଅନେକ ଦିନରୁ ଭୋକିଲା ଥିବାରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ଚାଲିବା ଅସମ୍ଭବ ଥିଲା । ତଥାପି ବନ୍ଧୁ ମହାନ୍ତି ନିଜର ଦୁଇ ସନ୍ତାନ ଓ ପତ୍ନୀଙ୍କ ସହ ଗାଁରୁ ବାହାରିଲେ। ବାଟରେ ଯେତେବେଳେ ପିଲା କିମ୍ବା ପତ୍ନୀ ଭୋକରେ ଚାଲି ପାରୁନଥିଲେ, ବନ୍ଧୁ କୋମଳ ଗଛ ପତ୍ର ତୋଳି ଆଣି ସେମାନଙ୍କୁ ଖୁଆଉଥିଲେ । ଅନେକ ସମୟରେ କେବଳ ପାଣି ପିଇ ସନ୍ତୋଷ କରି ସେମାନେ ଆଗକୁ ବଢୁଥିଲେ । ପ୍ରଭୁଙ୍କ ମିଳନର ଆଶା ଏତେ ତୀବ୍ର ଥିଲା ଯେ ବନ୍ଧୁଙ୍କୁ ନିଜ ଭୋକର ଚିନ୍ତା ନଥିଲା । କିନ୍ତୁ ପିଲା ଓ ପତ୍ନୀଙ୍କୁ ଭୋକରେ ଛଟପଟ ହେବାର ଦେଖି ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ 'ହେ ପ୍ରଭୁ ! ମୁଁ ତ ଭୋକ ସହି ପାରିବି, କିନ୍ତୁ ମୋ ପିଲାମାନେ ଏତେ କଷ୍ଟ କିପରି ସହିବେ ? ଏପରି ନ ହେଉ ଯେ, ଆମେ ଆପଣଙ୍କ ପାଖରେ ପହଞ୍ଚି ନପାରୁ। ତେଣୁ ମୋତେ ଏତେ ସାମର୍ଥ୍ୟ ଦିଅନ୍ତୁ ଯେ, ମୁଁ ଶୀଘ୍ର ଆପଣଙ୍କ ପାଖରେ ପହଞ୍ଚି ପାରିବି।' ବନ୍ଧୁ ମହାନ୍ତିଙ୍କ ପରିବାର କୌଣସି ପ୍ରକାରେ ପାଞ୍ଚ ଦିନରେ ଜଗନ୍ନାଥ ପୁରୀରେ ପହଞ୍ଚିଲେ । ଶ୍ରୀଜଗନ୍ନାଥ ମନ୍ଦିରକୁ ଦୂରରୁ ଦର୍ଶନ କରିବା ମାତ୍ରେ ବନ୍ଧୁ ମହାନ୍ତି ସାଷ୍ଟାଙ୍ଗ ପ୍ରଣାମ କରି ଭୂମିରେ ଗଡ଼ିବାକୁ ଲାଗିଲେ ଏବଂ ପତ୍ନୀଙ୍କୁ କହିଲେ 'ମୋର କୃପାଳୁ ପ୍ରଭୁଙ୍କ ଦର୍ଶନ ହୋଇଗଲା। ଏହି ମୋର ସେହି ବନ୍ଧୁ । ମୁଁ ଯେଉଁ ବନ୍ଧୁଙ୍କ କଥା କହୁଥିଲି, ସେ ହେଉଛନ୍ତି ଏହି ପ୍ରଭୁ । ମୋର ପ୍ରିୟତମ, ମୋର ଦୀନବନ୍ଧୁ ସ୍ୱାମୀ। ତାଙ୍କରି ଶକ୍ତିରେ ଆମେ ଏଠାରେ ପହଞ୍ଚି ପାରିଛୁ। ଏବେ ପ୍ରାଣ ଗଲେ ବି କିଛି ଚିନ୍ତା ନାହିଁ ।' ପତ୍ନୀଙ୍କ ହୃଦୟରେ ସେତେ ଅନୁରାଗ ନଥିଲା, କିନ୍ତୁ ଏତିକି ଖୁସି ଥିଲା ଯେ, ଏଠାରେ ପେଟ ଭରି ଖାଇବାକୁ ମିଳିବ ଓ ଭକ୍ତଙ୍କ ସଙ୍ଗ ମିଳିବ । ଆନନ୍ଦରେ ଚାଲି ଚାଲି ବନ୍ଧୁ ଓ ତାଙ୍କ ପରିବାର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଲେ । ପତ୍ନୀ ଓ ପିଲାମାନେ ଭୋକରେ ବ୍ୟାକୁଳ ଥିଲେ, କିନ୍ତୁ ଫଟା କପଡ଼ା ପିନ୍ଧିଥିବାରୁ ଗୋଟିଏ କୋଣରେ ଛିଡ଼ା ହେଲେ । ସିଂହଦ୍ୱାରରେ ବହୁତ ଭିଡ଼ ଥିଲା ଏବଂ କିଛି ସମୟ ପରେ ମନ୍ଦିରର କବାଟ ବନ୍ଦ ହୋଇଗଲା । ବନ୍ଧୁ ପତ୍ନୀଙ୍କୁ କହିଲେ ଯେ, ମୋ ବନ୍ଧୁଙ୍କୁ ଦେଖା କରିବାକୁ ଅନେକ ଲୋକ ଆସିଛନ୍ତି, ତେଣୁ ଧୈର୍ଯ୍ୟ ଧର । ଏବେ ଆମେ ପଛ ପଟକୁ ଯିବା । ସେମାନେ ମନ୍ଦିରର ଦକ୍ଷିଣ ଦିଗକୁ ଗଲେ, ଯେଉଁଠାରେ ଜଗନ୍ନାଥଙ୍କ ପ୍ରସାଦ ପାତ୍ର ଧୁଆ ହେବା ପରେ ପାଣି ନିଷ୍କାସିତ ହୁଏ (ପ୍ରସାଦ ଧୋବଣ) । ବନ୍ଧୁ ସମସ୍ତଙ୍କୁ କହିଲେ ଯେ, ଏହି ପାଣିରେ ପ୍ରଭୁଙ୍କ ପାତ୍ର ଧୁଆ ଯାଇଛି, ଆମେ ଏହାକୁ ହିଁ ପିଇବା ଓ କୀର୍ତ୍ତନ କରିବା । କାଲି ସକାଳେ ଯେତେବେଳେ ମନ୍ଦିର ଫିଟିବ, ମୋ ବନ୍ଧୁ ଆମକୁ ନିଶ୍ଚୟ କିଛି ପ୍ରସାଦ ଦେବେ । ସମସ୍ତେ ସେହି ପାଣି ପିଇ ପେଟ ପୂରାଇଲେ । ବନ୍ଧୁ ପୁରା ସମୟ ସେହି ଜଳ ବାହାର କରି ସମସ୍ତଙ୍କୁ ପିଆଉଥିଲେ ଏବଂ କହିଲେ ତୁମେମାନେ ଶୋଇପଡ଼, ସକାଳେ ପ୍ରସାଦ ମିଳିବ । ସେ ମନେ ମନେ ଭଗବାନଙ୍କୁ ଧନ୍ୟବାଦ ଦେଲେ ଓ କହିଲେ, 'ହେ ନାଥ ! ଆପଣ ମୋତେ ଆପଣଙ୍କ ଧାମକୁ ଡାକି ନେଲେ । ମୋର କୌଣସି କାମନା ନାହିଁ, କିନ୍ତୁ କିଛି ଏପରି କୃପା କରନ୍ତୁ ଯେପରି ମୋ ପତ୍ନୀଙ୍କର ବିଶ୍ୱାସ ହେବ ଯେ, ଆପଣ ମୋର ବନ୍ଧୁ ।'

ଜଗନ୍ନାଥ ମନ୍ଦିରର ଭଣ୍ଡାର ଘରେ ଅନେକ ଦିନର ପ୍ରସାଦ ଥାଏ। ସେଠାରେ ରାତିରେ ତାଲା ପଡ଼ିଥାଏ। ଭଗବାନ ସେଠାରୁ ଏକ ସୁନ୍ଦର ରତ୍ନ ଖଚିତ ଥାଳିରେ ଭୋଜନ ସଜାଇ ମନ୍ଦିର ବାହାରକୁ ଆସିଲେ ଏବଂ ଜଣେ ବ୍ରାହ୍ମଣ ବେଶରେ ଡାକିଲେ 'ବନ୍ଧୁ ମହାନ୍ତି ନାମକ କୌଣସି ଭକ୍ତ ଆସିଛନ୍ତି କି ? ଦେଖ ଭଗବାନ ତୁମ ପାଇଁ ପ୍ରସାଦ ପଠାଇଛନ୍ତି ।' ବନ୍ଧୁ ଉଠିଲେ ଏବଂ ଦେଖିଲେ ଜଣେ ବ୍ରାହ୍ମଣ ହାତରେ ଏକ ବିଶାଳ ଥାଳିରେ ପ୍ରସାଦ ଧରି ଛିଡ଼ା ହୋଇଛନ୍ତି । ବ୍ରାହ୍ମଣ ଜଣକ ହସି କହିଲେ, 'ପ୍ରଭୁ ଭିତରୁ ତୁମ ପାଇଁ ଭୋଗ ପଠାଇଛନ୍ତି, ଏହାକୁ ନିଅ ଏବଂ ପ୍ରସାଦ ଖାଇ ଥାଳିଟି ପାଖରେ ରଖିଥାଅ, ମୁଁ କାଲି ସକାଳେ ନେଇଯିବି ।' ବନ୍ଧୁ ଆନନ୍ଦିତ ହୋଇ ପତ୍ନୀଙ୍କୁ କହିଲେ, ଦେଖିଲ ! ମୁଁ କହୁଥିଲି ନା ମୋ ବନ୍ଧୁ ମୋତେ ବହୁତ ଭଲ ପାଆନ୍ତି। ସେହିଦିନ ପରିବାର ବହୁତ ଦିନ ପରେ ପେଟ ଭରି ଖାଇଲେ ଏବଂ ବନ୍ଧୁ ସେହି ଥାଳିଟିକୁ ନିଜ ଚିରା କପଡ଼ାରେ ଗୁଡ଼ାଇ ମୁଣ୍ଡ ତଳେ ରଖି ଶୋଇ ପଡ଼ିଲେ । ପରଦିନ ସକାଳେ ଯେତେବେଳେ ଭଣ୍ଡାର ଘର ଖୋଲାଗଲା, ସମସ୍ତେ ଦେଖିଲେ ଯେ, ଭୋଗ ଥାଳି ଗାଏବ ଅଛି । ଏତେ ମୂଲ୍ୟବାନ ଥାଳି ଚୋରି ହେବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଲୋକେ ଥାଳି ଖୋଜିବାକୁ ବାହାରକୁ ଆସିଲେ ଏବଂ ନାଳ ପାଖରେ ବନ୍ଧୁଙ୍କ ପାଖରେ ସେହି ଚମକୁଥିବା ଥାଳି ଦେଖିଲେ । ସେମାନେ ବନ୍ଧୁଙ୍କୁ ଚୋର କହି ମାଡ଼ ମାରିଲେ । ବନ୍ଧୁଙ୍କ ପତ୍ନୀ କାନ୍ଦି କାନ୍ଦି କହିଲେ, 'କି ବନ୍ଧୁ ତୁମର ? ରାତିରେ ପ୍ରସାଦ ଖୁଆଇଲେ ଆଉ ସକାଳେ ମାଡ଼ ଖୁଆଉଛନ୍ତି !' କିନ୍ତୁ ବନ୍ଧୁ ମହାନ୍ତି ପ୍ରତିଟି ମାଡ଼ରେ 'ଜୟ ଜଗନ୍ନାଥ' ଜପ କରୁଥିଲେ । ପୁରୀର ରାଜା ପ୍ରତାପରୁଦ୍ର ଦେବ ଶୋଇଥିବା ବେଳେ ପ୍ରଭୁ ତାଙ୍କ ସ୍ୱପ୍ନରେ ଆସି କହିଲେ, 'ତୁମେ ଏଠାରେ ଆରାମରେ ଶୋଇଛ, ବାହାରେ ମୋ ଭକ୍ତକୁ ଚୋର କହି ଦୁଃଖ ଦିଆଯାଉଛି । ମୁଁ ନିଜେ ତାକୁ ପ୍ରସାଦ ଦେଇଥିଲି । ସେ ମୋର ପରମ ଭକ୍ତ। ଶୀଘ୍ର ଯାଅ ଏବଂ ତାଙ୍କୁ କ୍ଷମା ମାଗ । 'ପ୍ରଭୁ ଆହୁରି ମଧ୍ୟ ଆଦେଶ ଦେଲେ ଯେ, 'ଆଜିଠାରୁ ମୋ ମନ୍ଦିରର ସମସ୍ତ ହିସାବ କିତାବର ଅଧିକାରୀ ସେହି ହେବେ । ତାଙ୍କ ଦସ୍ତଖତରେ ହିଁ ମନ୍ଦିରର ବ୍ୟବସ୍ଥା ଚାଲିବ ।' ରାଜା ସଙ୍ଗେ ସଙ୍ଗେ ମନ୍ଦିରକୁ ଧାଇଁଲେ ଏବଂ ବନ୍ଧୁ ମହାନ୍ତିଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି କ୍ଷମା ମାଗିଲେ । ସମସ୍ତଙ୍କ ସମ୍ମୁଖରେ ସେ ଘୋଷଣା କଲେ ଯେ, ବନ୍ଧୁ ମହାନ୍ତି ହିଁ ମନ୍ଦିରର ମୁଖ୍ୟ ବ୍ୟବସ୍ଥାପକ ହେବେ । ଆଜି ବି ଜଗନ୍ନାଥ ପୁରୀରେ ବନ୍ଧୁ ମହାନ୍ତିଙ୍କ ବଂଶଧରମାନେ ମନ୍ଦିରର ସେବା ଓ ହିସାବ କିତାବ କାର୍ଯ୍ୟ ତୁଲାଇ ଆସୁଛନ୍ତି ।



ଓଡ଼ିଶାର ଯୁବ ସମାଜକୁ ଅନୁରୋଧ କି ହିଂସାରୁ ଦୂରେଇ ରହି ସତ୍ୟ, ନ୍ୟାୟ ଓ ଅହିଂସାର ମାର୍ଗ ଦେଇ ଚାଲ ଫଳ ନିଶ୍ଚିନ୍ତ ମିଳିବ ।

ସାଧାରଣ ସଂପାଦକ
ଜନ ଜାଗରଣ

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra